* Vol.- 45, Issue No. 337
* Wednesday, 11 March 2026
* ବୁଧବାର, ୧୧ ମାର୍ଚ୍ଚ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଅଷ୍ଟ୍ରେଲିଆର ପ୍ରବେଶ



ନୂଆଦିଲ୍ଲୀ, ୧ ୦ ।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଙ୍ଗଳବାର ଏକାଦଶତମ ଦିନରେ ପହଞ୍ଚିଛି । ପୂର୍ବ ୧ ୦ ଦିନରେ, ଇସ୍ରାଏଲ ଏବଂ ଇରାନ ସମେତ ପ୍ରାୟ ୧୫ଟି ଦେଶ ଭୟଙ୍କର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଇରାନର ଭିତ୍ତିଭୂମିକୁ ବ୍ୟାପକ ଭାବରେ ନଷ୍ଟ କରିବା ପରେ, ଇସ୍ରାଏଲ ଏବଂ ଆମେରିକା ଇରାନର ତୈଳ ଡିପୋ ଏବଂ ରିଫାଇନାରୀ ଉପରେ ବୋମା ପକାଇ ପ୍ରଚଣ୍ଡ କ୍ଷତି ଘଟାଇଛନ୍ତି । ଏହାରି ଭିତରେ ମହାଯୁଦ୍ଧକୁ ପ୍ରବେଶ କରିଛି ଅଷ୍ଟ୍ରେଲିଆ । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ ମଧ୍ୟପ୍ରାଚ୍ୟକୁ ସାମରିକ ସହାୟତା ଘୋଷଣା କରିଛନ୍ତି । ରୟାଲ ଅଷ୍ଟ୍ରେଲିଆ ବାୟୁସେନାର ଇ-୭ଏ ୱେଜଟେଲ ନିରୀକ୍ଷଣ ବିମାନ ଏବଂ ସାମରିକ କର୍ମଚାରୀ ମାନଙ୍କୁ ଉପସାଗରୀୟ ଦେଶଗୁଡ଼ିକୁ ପଠାଯିବ । ଏହି ବିମାନ ପ୍ରାୟ ଚାରି ସପ୍ତାହ ପାଇଁ ଆକାଶ ଉପରେ ନଜର ରଖିବ ଏବଂ ବାୟୁ ସୁରକ୍ଷାରେ ସହାୟତା କରିବ । ଅଷ୍ଟ୍ରେଲିଆ ମଧ୍ୟ ୟୁଏଇକୁ ମଧ୍ୟପ୍ରାଚ୍ୟ ବାୟୁ-ରୁ-ବାୟୁ କ୍ଷେପଣାସ୍ତ୍ର ଯୋଗାଇବ । ଗତ ଚାରି ବର୍ଷ ଧରି ୟୁକ୍ରେନ ବିରୋଧରେ ଯୁଦ୍ଧ ଚଳାଇଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଇଛି । ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ୍ ଆଲୋଚନାରେ ପୁଟିନ ଇରାନ ଏବଂ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ମଧ୍ୟପ୍ରାଚ୍ୟ ପାଇଁ କୂଟନୈତିକ ସମାଧାନ ଉପରେ ଏହି ଆଲୋଚନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । କାରଣ ଇରାନକୁ ରୁଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଣା ସହଯୋଗୀ ଭାବରେ ବିବେଚନା କରାଯାଏ । ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଏହି ଆଲୋଚନା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଛି । ଇରାନରେ ଯୁଦ୍ଧ ଶେଷ କରିବା ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟର ଜବାବରେ ତେହେରାନ କହିଛି ଯେ ଯୁଦ୍ଧ କେବେ ଶେଷ ହେବ ତାହା ତାଙ୍କ ରାଷ୍ଟ୍ର ନିଷ୍ପତ୍ତି ନେବ । ଇରାନର ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଜୋର ଦେଇ କହିଛି ଯେ ଏହି ଅଞ୍ଚଳର ଗତିଶୀଳତା ଏବଂ ଭବିଷ୍ୟତ ଏବେ ତେହେରାନର ସୈନ୍ୟଙ୍କ ହାତରେ । ଟ୍ରମ୍ପ ପୂର୍ବରୁ କହିଥିଲେ ଯେ ଇରାନରେ ଯୁଦ୍ଧ ଖୁବ୍ ଶୀଘ୍ର ଶେଷ ହେବ ।

* ମଧ୍ୟପ୍ରାଚ୍ୟକୁ ଦେବ ସାମରିକ ସହାୟତା
* ଯୁଦ୍ଧ ଶେଷ କରିବାକୁ ଟ୍ରମ୍ପଙ୍କୁ ପୁଟିନ ଦେଲେ ପ୍ରସ୍ତାବ
* ଯୁଦ୍ଧ ଶେଷ କରିବ ତେହେରାନ ସୈନ୍ୟ !
* ହର୍ମୁଜ୍ ପ୍ରଣାଳୀ ଦେଇ ତେଲ ପଠାଯିବ ନାହିଁ: ଇରାନ
* ଇନ୍ଧନ ମୂଲ୍ୟ ବୃଦ୍ଧି ଘଟିବା ଆଶଙ୍କା

ଆଇଆରଜିସି କହିଛି, ଆମେ ଯୁଦ୍ଧର ଶେଷ ନିଷ୍ପତ୍ତି ନେବୁ । ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଟ୍ରମ୍ପଙ୍କୁ କଡ଼ା ଜବାବ ଦେଇ କହିଛି , ତେଲ ଯୋଗାଣ ତ ଦୂରର କଥା, ହର୍ମୁଜ୍ ପ୍ରଣାଳୀ ଦେଇ ଗୋଟିଏ ଲିଟର ତେଲ ମଧ୍ୟ ଯିବାକୁ ଦିଆଯିବ ନାହିଁ । ବିଶେଷଜ୍ଞମାନେ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ଆଇଆର୍‌ଜିସିର ଘୋଷଣାକୁ ବିଶ୍ୱ ପାଇଁ ଏକ ଚେତାବନୀ ବୋଲି ବିଚାର କରୁଛନ୍ତି । ଏହା ଯୋଗୁଁ ଆଗାମୀ ଦିନରେ ଇନ୍ଧନ ମୂଲ୍ୟ ବୃଦ୍ଧି କରିବାର ଆଶଙ୍କା ରହିଛି ।

■ ଦେଶରେ ଏଲପିଜି ସିଲିଣ୍ଡର ସଙ୍କଟ

## ଏସମା ଲାଗୁ କଲେ ସରକାର

■ ରିଫାଇନାରୀଙ୍କୁ ଏଲପିଜି ଉତ୍ପାଦନ ବଢାଇବାକୁ ନିର୍ଦ୍ଦେଶ

■ ଘରୋଇ ସିଲିଣ୍ଡର ଯୋଗାଣ ବୃଦ୍ଧି ହେବ

ନୂଆଦିଲ୍ଲୀ, ୧ ୦ ।୩: ଦେଶରେ ଏଲପିଜି ସିଲିଣ୍ଡର ସଙ୍କଟ ଦେଖା ଦେଇଛି । ଇରାନ ଯୁଦ୍ଧ ଯୋଗୁଁ ଯୋଗାଣ ଗୁରୁତର ଭାବେ ପ୍ରଭାବିତ ହୋଇଛି । ସ୍ଥିତିର ମୁକାବିଲା ପାଇଁ ମଙ୍ଗଳବାର ସରକାର ଏସମା (ଅତ୍ୟାବଶ୍ୟକ ସେବା ରକ୍ଷଣାବେକ୍ଷଣ ଆଇନ) ଲାଗୁ କରିଛନ୍ତି । ଏହା ଲାଗୁ କରାଯିବାର କାରଣ ଦେଶରେ ଘରୋଇ ଗ୍ୟାସ ସିଲିଣ୍ଡରର ଅଭାବ ନ ରହୁ । ଏହା ବ୍ୟତୀତ ରିଫାଇନାରୀଙ୍କୁ ଏଲପିଜିର ଉତ୍ପାଦନ ବଢାଇବାକୁ କେନ୍ଦ୍ର ସରକାର ଆଦେଶ ଦେଇଛନ୍ତି । ଏହା ବ୍ୟତୀତ କମର୍ସିଆଲ ସିଲିଣ୍ଡର ପରିବର୍ତ୍ତେ ଘରୋଇ ସିଲିଣ୍ଡର ଯୋଗାଣ ବୃଦ୍ଧି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସରକାର ଏହା ମଧ୍ୟ ଜଣାଇଛନ୍ତି ଯେ, କେଉଁ ସେକ୍ଟରକୁ ଶହେ ପ୍ରତିଶତ ଏବଂ କେଉଁ ସେକ୍ଟରରେ କିଛିଟା ଯୋଗାଣ ହ୍ରାସ କରାଯିବ ।ଆଦେଶ ଅନୁସାରେ ସରକାର କିଛି ସେକ୍ଟରକୁ ପ୍ରାଥମିକତା ଦେବାକୁ କହିଛନ୍ତି । ଏଥିରେ ଶହେ ପ୍ରତିଶତ ଯୋଗାଣ ଜାରି ରଖିବା ଏବଂ କୌଣସି ପ୍ରକାରର ହ୍ରାସ ନ କରିବାକୁ କୁହାଯାଇଛି । ଏହି ସେକ୍ଟରରେ ପିଏନଜି, ସିଏନଜି, ଏଲପିଜି ଓ ଅନ୍ୟ ପାଇପଲାଇନ ସେବା ସାମିଲ୍ । ଫର୍ଟିଲାଇଜର ପ୍ଲାଣ୍ଟକୁ ୭୦ ପ୍ରତିଶତ ଯୋଗାଣ ଭାଗ ଦିଆଯାଉ । ଏହା ବ୍ୟତୀତ ଚା ଉଦ୍ୟୋଗ, ମ୍ୟାନୁଫାକଚରିଂ ଓ ଅନ୍ୟ ଉଦ୍ୟୋଗି ସଂସ୍ଥାକୁ ମଧ୍ୟ ଏହି କୋଟାର ୮୦ ପ୍ରତିଶତ ପର୍ଯ୍ୟନ୍ତ ଯୋଗାଣ କରିବାକୁ ଆଦେଶ ଦିଆଯାଇଛି । ଗ୍ୟାସ ବିତରଣକାରୀ କମ୍ପାନିକୁ କୁହାଯାଇଛି ଯେ, କମର୍ସିଆଲ ଓ ଇଣ୍ଡଷ୍ଟ୍ରିଆଲ ଆବଶ୍ୟକତା ପାଇଁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ଜାରି ରହୁ । ଏହା ବ୍ୟତୀତ ଘରୋଇ ସିଲିଣ୍ଡରର ଯୋଗାଣ ଯେମିତି ପୂର୍ବ ପରି ଜାରି ରହିଥିଲା ତାହା ଜାରି ରଖିବାକୁ ସରକାର କହିଛନ୍ତି । ଯାହାଦ୍ୱାରା ଲୋକଙ୍କୁ ଗ୍ୟାସ ଅଭାବର ସମ୍ମୁଖୀନ ନ ହେବାକୁ ପଡିବ । ଏସବୁ ଆଦେଶ କଡାକଡି ଲାଗୁ କରିବାକୁ କେନ୍ଦ୍ର ସରକାର କହିଛନ୍ତି ।



---

୫ ହଜାରରୁ ଅଧିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ

## ଆମେରିକାର ଦାବିକୁ ଇରାନ କହିଲା 'ମିଛ'

ନୂଆଦିଲ୍ଲୀ, ୧ ୦ ।୩: ଦେଶର ସୁରକ୍ଷା ଭିତ୍ତିଭୂମିକୁ ଭାଙ୍ଗିବା ପାଇଁ ଏକ ବ୍ୟାପକ ସାମରିକ ଅଭିଯାନର ପ୍ରଥମ ଦଶ ଦିନରେ ଆମେରିକା ଇରାନରେ ୫,୦୦୦ରୁ ଅଧିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି । ଫଳରେ ୫୦ଟି ଇରାନୀ ଜାହାଜ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଛି । ଆମେରିକା କେନ୍ଦ୍ରୀୟ କମାଣ୍ଡ ଦ୍ୱାରା ପ୍ରକାଶିତ ବିବରଣୀ ଅନୁଯାୟୀ, ଫେବୃଆରୀ ୨୮ ରେ ଆରମ୍ଭ ହୋଇଥିବା 'ଅପରେସନ ଏପିକ ଫ୍ୟୁରି'ରେ ସାରା ଦେଶରେ ଇରାନୀ ସାମରିକ କ୍ଷମତାକୁ ଟାର୍ଗେଟ କରି ଆମେରିକୀୟ ବାୟୁ, ନୌସେନା ଏବଂ କ୍ଷେପଣାସ୍ତ୍ର ପ୍ରଣାଳୀର ଏକ ବିସ୍ତୃତ ପରିସର ସାମିଲ କରାଯାଇଛି । ଆମେରିକାର ଏପରି ଦାବିକୁ ଅସ୍ୱୀକାର କରିଛି ଇରାନ । ଇରାନରୁ ବାରମ୍ବାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଯୋଗୁଁ ବାହାରିନର ଆକାଶପଥ ବନ୍ଦ ରହିଛି । ତେବେ ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ ଦେଶର ଗଲ୍ଫ ଏୟାର କ୍ୟାରିଅର ଦେଶରେ ଫସି ରହିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ବିମାନ ସେବା ଆରମ୍ଭ କରିଛି । ଆଇଆରଜିସିର ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଅଲି ମହମ୍ମଦ ନୈନି ଟ୍ରମ୍ପଙ୍କ ମନ୍ତବ୍ୟ 'ମିଛ ବ୍ୟତୀତ ଆଉ କିଛି ନୁହେଁ' ବୋଲି ବର୍ଣ୍ଣନା କରିଛନ୍ତି ।

---

କୋଭିଡ୍ ଟିକା ପାର୍ଶ୍ୱପ୍ରତିକ୍ରିୟା ନେଇ 'ସୁପ୍ରିମ' ନିର୍ଦ୍ଦେଶ

## ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମୀୟଙ୍କୁ ମିଳିବ କ୍ଷତିପୂରଣ

ନୂଆଦିଲ୍ଲୀ, ୧ ୦ ।୩: କୋଭିଡ୍ ଟିକାର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପାଇଁ ଏକ ଦୋଷହୀନ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ପ୍ରଭାବିତ ପରିବାରକୁ ଆଶ୍ୱସ୍ତି ମିଳିବ । କୋଭିଡ୍-୧୯ ସମୟରେ ଟିକାକରଣ ଏକ ସୁରକ୍ଷା କବଚ ଥିଲା, କିନ୍ତୁ କିଛି ପରିବାର ପାଇଁ ଏହି ସୁରକ୍ଷା ଏକ ଗଭୀର କ୍ଷତ ଛାଡ଼ିଯାଇଥିଲା । ବହୁ ଦିନ ଧରି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଏହା ଫଳରେ ମୃତ୍ୟୁ ସମ୍ପର୍କରେ ଆଇନଗତ ମହଲରେ ଏକ ବିତର୍କ ଚାଲିଛି । ସୁପ୍ରିମକୋର୍ଟ ଏହି ମାମଲାରେ ଏକ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି, ଯାହା ସିଧାସଳଖ ପ୍ରିୟଜନଙ୍କୁ ହରାଇଥିବା ସାଧାରଣ ନାଗରିକଙ୍କୁ ସହାୟତା ପ୍ରଦାନ କରିବ । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଟିକାକରଣ ଦ୍ୱାରା ହେଥିବା କ୍ଷତି ପାଇଁ ଏକ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।



---

ରାଜ୍ୟରେ ରହିଛି ଯଥେଷ୍ଟ ରନ୍ଧନ ଗ୍ୟାସ

## ଚିନ୍ତିତ ନ ହେବାକୁ ପରାମର୍ଶ ଦେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧ ୦।୩: ରାଜ୍ୟରେ ରନ୍ଧନ ଗ୍ୟାସ (ଏଲପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ(ଏଲପିଜି) ଉପଲବ୍ଧ ରହିଛି । ଜନସାଧାରଣଙ୍କୁ ଏଥିନେଇ ବିଶେଷ ଚିନ୍ତିତ ହୁଅନ୍ତୁ ନାହିଁ । ଏପରି ମର୍ମରେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ବୈଠକରେ ତୈଳ ବିଶୋଧନାଗାର/ ଡିପୋରୁ ଏଲପିଜି ବିତରକ ଓ ରିଟେଲ ଆଉଟଲେଟକୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନ ଥିବା ସଂପର୍କରେ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ଆଦିର ଉପଲବ୍ଧତା ନେଇ ନିୟମିତ ଭାବେ ବିଭିନ୍ନ ମାଧ୍ୟମରେ ଆବଶ୍ୟକୀୟ ସୂଚନା ଜାରି ରଖିବାକୁ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧତା ନେଇ ତୈଳ କମ୍ପାନୀ କର୍ତ୍ତୃପକ୍ଷ ମାନେ କେନ୍ଦ୍ର ସରକାରଙ୍କୁ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି, ତାହାର ଏକ ରିପୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଦୈନିକ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



---

ରେଳ ସଂଯୋଗୀକରଣକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ

## ନୂଆ ଅମୃତ ଭାରତ ଟ୍ରେନ୍ ମଞ୍ଜୁର

* ଓଡ଼ିଶାର ୯ ଷ୍ଟେସନ ଦେଇ ଚାଲିବ
* ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧ ୦ ।୩(ନିପ୍ର): ଓଡିଶାରେ ରେଳ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ କେନ୍ଦ୍ର ସରକାର, ପୋଡନୁରଏବଂ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀଙ୍କୁ ଏହି ସୂଚନା ଦେଇଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ, ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ସୁଦୃଢ଼ କରିବ ବୋଲି ଏହି ପତ୍ର ମାଧ୍ୟମରେ ଜଣାଇଛନ୍ତି । ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ନୂତନ ଅମୃତ ଭାରତ ଟ୍ରେନ ସେବାକୁ ଅନୁମୋଦନ କରିବା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ନିଜ ଏକ୍ସହ୍ୟାଣ୍ଡେଲ ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଝାଡ଼ଖଣ୍ଡ ପହଞ୍ଚିବା ପୂର୍ବରୁ ଏହି ଟ୍ରେନ୍ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ । ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭ ପାଇବେ ତତ୍‌ସହିତ ଦକ୍ଷିଣ ଭାରତ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁସହଜ ଯାତ୍ରାର ବିକଳ୍ପ ପ୍ରଦାନ କରିବ । ଏହା ଏହି ଅଞ୍ଚଳଗୁଡ଼ିକ ମଧ୍ୟରେ ପ୍ରାୟତଃ ଯାତାୟାତ କରୁଥିବା ଛାତ୍ର, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ମଧ୍ୟ ସାହାଯ୍ୟ କରିବ ।ଏହି ମଞ୍ଜୁରୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ରାଜ୍ୟବାସୀଙ୍କ ପାଇଁ ଉତ୍ତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଦେଖାଯାଉଛି । ନୂତନ ଅମୃତ ଭାରତ ଟ୍ରେନ୍ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।



---

ବିଧାନସଭାରେ ପାନୀୟଜଳ ପ୍ରସଙ୍ଗ

## ମୁହାଁମୁହିଁ ହେଲେ ବିଜେଡି-ବିଜେପି

ଭୁବନେଶ୍ୱର, ୧ ୦।୩(ନିପ୍ର): ମଙ୍ଗଳବାର ବିଧାନସଭାରେ ପ୍ରଶ୍ନକାଳରେ ପାନୀୟଜଳକୁ ପ୍ରସଙ୍ଗକୁ ନେଇ ଆଲୋଚନା ହେବା ବେଳେ ବିଜେଡ଼ି ଓ ବିଜେପି ବିଧାୟକମାନେ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା । ହେଲେ ବାଚସ୍ପତିଙ୍କ ହସ୍ତକ୍ଷେପ ପରେ ସ୍ଥିତି ସାମାନ୍ୟ ହୋଇ ପାରିଥିଲା । ପ୍ରଶ୍ନକାଳ ଆଲୋଚନା ବେଳେ ପଞ୍ଚାୟତିରାଜ ମନ୍ତ୍ରୀ ଉତ୍ତର ରଖୁଥିବା ବେଳେ କିଛି ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା । ୨୪ ବର୍ଷରେ ପୂର୍ବ ସରକାର ୨୬ ହଜାର ଟ୍ୟୁବ୍ ୱେଲ କରିଥିବା ବେଳେ ବିଜେପି ସରକାର ବର୍ଷେ ଭିତରେ ୨୬ ହଜାର ଟ୍ୟୁବୱେଲ କଲେଣି । ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଶ୍ନକାଳରେ ଏହି ତଥ୍ୟ ଉପସ୍ଥାପନ କରିବା ବେଳେ ହଠାତ୍ ଉତକ୍ଷିପ୍ତ ହୋଇ ଉଠିଥିଲେ ବିଜେଡ଼ି ବିଧାୟକ । କିଛି ସମୟ ପାଇଁ ଗୃହରେ ଉଚ୍ଚବାଚ ସ୍ଥିତି ସୃଷ୍ଟି ହୋଇଥିଲା । ଆଲୋଚନା ବେଳେ ବିଧାୟକ ମାନେ ରାଜ୍ୟରେ ପିଇବା ପାଣି ନେଇ ଗୃହରେ ଉଦବେଗ ପ୍ରକାଶ କରିଥିଲେ । ବିଧାୟକମାନେ ପ୍ରଶ୍ନ କରିଥିଲେ ଯେ କେବେ ସୁଦ୍ଧା ସବୁ ଘରକୁ ପିଇବା ପାଣି ଯୋଗାଇବେ ସରକାର ? ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ମାର୍ଚ୍ଚ ୨୦୨୭ ସୁଦ୍ଧା ସବୁ ଘରକୁ ପାଣି ଯୋଗାଇବା ପାଇଁ ଟାର୍ଗେଟ ରହିଛି । ନିର୍ଦ୍ଧାରିତ ୨୦୭ଟି ମେଗା ପ୍ରକଳ୍ପ କାମ ସାରିବା ପାଇଁ ଲକ୍ଷ୍ୟ ରହିଛି । ମାର୍ଚ୍ଚ ୫ ତାରିଖ ସୁଦ୍ଧା ୬୮ ଲକ୍ଷ ୪୭ ହଜାର ୭୫୨ ଅର୍ଥାତ୍ ୭୭ ପ୍ରତିଶତ ପରିବାରକୁ ପିଇବା ପାଣି ଯୋଗାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୨୬ ଟି ମେଗା ପ୍ରକଳ୍ପ ଶେଷ ହୋଇଛି । ଆଉ ମାର୍ଚ୍ଚ ସୁଦ୍ଧା ଆହୁରି ୨୮ଟି ମେଗା ପ୍ରକଳ୍ପ ଶେଷ ହେବ । ସେହିପରି ୪୪ ହଜାର ୫୩୧ ଗାଁରୁ ୧୧ ହଜାର ୭୭୭ ଗାଁରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ବିଗତ ସରକାର ବେଳେ କାମ ଧିମା ଚାଲିଥିଲା । ପୂର୍ବ ସରକାରଙ୍କ ଦୁର୍ଭାଗ୍ୟଜନକ ଡିପିଆର ଯୋଗୁଁ ଏବେ ୧୮ଟି ଇନଟେକ ୱେଲ କାମ ସ୍ଥାନାନ୍ତର କରିବାକୁ ପଡ଼ିଛି । ଏବେ ରାଜ୍ୟରେ ୫ ଲକ୍ଷ ୨୭ ହଜାର ୬୯୪ ଟ୍ୟୁବୱେଲ ଅଛି । ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଅତିରିକ୍ତ ପ୍ରଶ୍ନ ଉତ୍ତରରେ ମନ୍ତ୍ରୀ ପୂର୍ବ ସରକାରକୁ ସମାଲୋଚନା କରି କହିଥିଲେ ଗତ ୨୪ ବର୍ଷ ସରକାରରେ ଯେତିକି ନଳକୂପ ଦିଆଯାଇଥିଲା ବିଜେପି ସରକାରରେ ତା ଠୁ ଅଧିକ ଦିଆଯାଇଛି । ଏହାକୁ ନେଇ ବିଜେଡି ସଦସ୍ୟ ହୋ-ହାଲ୍ଲା କରିଥିଲେ । ଜବାବରେ ବିଜେପି ବିଧାୟକମାନେ ମଧ୍ୟ ଜବାବ ଦେଇଥିଲେ । ତେବେ ବାଚସ୍ପତି ହସ୍ତକ୍ଷେପ ପରେ ନୀରବ ହୋଇଥିଲେ ଉଭୟ ଦଳ ବିଧାୟକ ।



### ମାର୍ଚ୍ଚ ୨୦୨୭ ସୁଦ୍ଧା ସବୁ ଘରକୁ ପିଇବା ପାଣି: ବିଭାଗୀୟ ମନ୍ତ୍ରୀ

---

## ବିଜେଡି ଛାଡ଼ିଲେ ରବୀନ୍ଦ୍ର: ବିଜେପିରେ ଯୋଗଦେବା ଚର୍ଚ୍ଚା

ଭୁବନେଶ୍ୱର, ୧୦ ।୩ : ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେଡିରୁ ଇସ୍ତଫା ଦେଇଛନ୍ତି । ଏହା ପଛରେ ବ୍ୟକ୍ତିଗତ କାରଣ ଥିବା ସେ ଦର୍ଶାଇଛନ୍ତି । ନିଜ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି । ଇସ୍ତଫାପତ୍ରରେ ସେ ଲେଖିଛନ୍ତି ଯେ, "ମୁଁ ଆଜି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଉଛି । ମୁଁ ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ରହି ଦଳର ସଙ୍ଗଠନକୁ ସୁଦୃଢ଼ କରିବା ସହ ବାଲେଶ୍ୱର ବାସୀଙ୍କ ସେବା କରିଆସିଛି । କିନ୍ତୁ କେତେକ ବ୍ୟକ୍ତିଗତ କାରଣ ଏବଂ ପରିସ୍ଥିତି ନିମନ୍ତେ ମୁଁ ଦଳରୁ ଅଲଗା ହେବାକୁ କଠିନ ନିଷ୍ପତ୍ତି ନେଇଛି ଓ ଦଳ ସହ ମୋର ଦୀର୍ଘ ଦିନର ସମ୍ପର୍କ ମୋ ପାଇଁ ଏକ ସ୍ମରଣୀୟ ଯାତ୍ରା ହୋଇ ରହିବ ।" ସୂଚନା ଅନୁସାରେ, ୨୦୧୪ ନିର୍ବାଚନରେ ସେ ବାଲେଶ୍ୱର ଆସନରୁ ଷୋଡ଼ଶ ଲୋକସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ୨୦୧୯ ଲୋକସଭା ନିର୍ବାଚନରେ ସେ ବିଜେପିର ପ୍ରତାପ ଷଡ଼ଙ୍ଗୀଙ୍କ ଠାରୁ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ । ସେ ବାଲେଶ୍ୱର ବିଜେଡିର ସଭାପତି ସହ ବିଭିନ୍ନ ସାଂଗଠନିକ ଦାୟିତ୍ୱ ସମ୍ଭାଳିଥିଲେ । ତେବେ ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳ ତାଙ୍କୁ ଲୋକସଭା ଟିକେଟ ଦେଇ ନଥିଲା । ସେ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।



# ଭଗବତ୍ ପ୍ରାପ୍ତି

ଶିକ୍ଷାଷ୍ଟକମ୍' ଶ୍ରୀଚୈତନ୍ୟଙ୍କର ଏକ ଆଠଶ୍ଳୋକବିଶିଷ୍ଟ ସଂସ୍କୃତ ରଚନା। ଯଦିଓ ଶ୍ରୀ ଆଦିଶଙ୍କରାଚାର୍ଯ୍ୟଙ୍କ ରଚନା ରୂପେ ପ୍ରସିଦ୍ଧ 'ଶ୍ରୀଜଗନ୍ନାଥାଷ୍ଟକମ୍'କୁ କେହି କେହି ଶ୍ରୀଚୈତନ୍ୟଙ୍କ ରଚନା ବୋଲି କହନ୍ତି, ତାହା କିନ୍ତୁ ପ୍ରମାଣିତ ହୋଇ ପାରି ନାହିଁ। ସେ ଦୃଷ୍ଟିରୁ 'ଶିକ୍ଷାଷ୍ଟକମ୍' ଶ୍ରୀଚୈତନ୍ୟଙ୍କର ଏକମାତ୍ର ରଚନା ବୋଲି ସ୍ୱୀକୃତ ହୋଇଛି। ଦୋଳପୂର୍ଣ୍ଣିମା ଦିନ ସେ ଜନ୍ମଗ୍ରହଣ କରିଥିବା ଜଣାଯାଏ। 'ଶିକ୍ଷାଷ୍ଟକମ୍'ର ତୃତୀୟ ଶ୍ଳୋକ 'ତୃଣାଦପି ସୁନୀଚେନ...'ଠାରୁ ଆରମ୍ଭ କରି ଅଷ୍ଟମ ଶ୍ଳୋକ 'ଆଶ୍ଳିଷ୍ୟ ବା ପାଦରତାଂ ପିନଷ୍ଟୁ...' ପର୍ଯ୍ୟନ୍ତ ଛଅଟି ଶ୍ଳୋକ ଅତ୍ୟନ୍ତ ପ୍ରସିଦ୍ଧ। କିନ୍ତୁ ଏହି 'ଅଷ୍ଟଶ୍ଳୋକୀ' ରଚନାର ପ୍ରଥମ ଦୁଇଟି ଶ୍ଳୋକ ମଧ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ। ସେଥି ମଧ୍ୟରୁ ପ୍ରଥମ ଶ୍ଳୋକରେ ଶ୍ରୀଚୈତନ୍ୟ କହିଛନ୍ତି–ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନର ପରମ ବିଜୟ ହେଉ। ଏହି ନାମ ସଂକୀର୍ତ୍ତନ ହୃଦୟରେ ବର୍ଷ ବର୍ଷ ଧରି ସଞ୍ଚିତ ମଇଳାକୁ ସଫା କରିଦିଏ। ଏହା ବାରମ୍ବାର ଏହି ସଂସାରର ଜନ୍ମ-ମୃତ୍ୟୁ-ଜନିତ ମହା ଅନଳକୁ ଶାନ୍ତ କରିଥାଏ। ଏହି ନାମ ସଂକୀର୍ତ୍ତନ ଯଜ୍ଞ ମନୁଷ୍ୟ ନିମନ୍ତେ ପରମ କଲ୍ୟାଣକାରୀ। କାରଣ, ଏହା ଚନ୍ଦ୍ରଙ୍କ କିରଣ ପରି ଶୀତଳତା ପ୍ରଦାନ କରେ। ସମସ୍ତ ଅପ୍ରାକୃତ ବିଦ୍ୟାରୂପୀ ବଧୂର ଏହା ଜୀବନସ୍ୱରୂପ। ଏହା ଆନନ୍ଦ-ସମୁଦ୍ରକୁ ବୃଦ୍ଧି କରେ ଏବଂ ପ୍ରତିଦିନ ଅମୃତର ଆସ୍ୱାଦନ କରାଏ। ଉପରୋକ୍ତ ସୁଭାଷିତ ହେଉଛି–ଏହା ପରର ଦ୍ୱିତୀୟ ଶ୍ଳୋକ। ଏଥିରେ କୁହାଯାଇଛି–ହେ ଭଗବାନ! ଏକମାତ୍ର ଆପଣଙ୍କର ନାମ ହିଁ ଜୀବର ସବୁପ୍ରକାରର ମଙ୍ଗଳକାରୀ। କୃଷ୍ଣ, ଗୋବିନ୍ଦ ଆଦି ଆପଣଙ୍କର ଅନେକ ନାମ। ଆପଣ ଏହିସବୁ ନାମକୁ ଆପଣଙ୍କର ସମସ୍ତ ଅପ୍ରାକୃତ ଶକ୍ତି ସମର୍ପିତ କରିଛନ୍ତି। ଆପଣଙ୍କର ଏହି ସବୁ ନାମଙ୍କର ସ୍ମରଣ ନିମନ୍ତେ ଦେଶ, କାଳ, ଆଦିର କୌଣସି ନିୟମ ନାହିଁ। ଆପଣ ଆପଣଙ୍କର କୃପା ହେତୁ ମୋତେ ଆପଣଙ୍କୁ ପାଇବାର ଏହି ସରଳ ସୂତ୍ର ବତାଇ ଦେଇଛନ୍ତି। କିନ୍ତୁ ମୁଁ ଏପରି ଦୁର୍ଭାଗା ଯେ ଆପଣଙ୍କର ନାମ ପ୍ରତି ମୋର ଏବେ ବି ଅନୁରାଗ ଆସିନାହିଁ। ଏଣୁ ଏହା ମାଧ୍ୟମରେ ଶ୍ରୀଚୈତନ୍ୟ ଆମକୁ କହିଛନ୍ତି–ଭଗବାନଙ୍କ ନାମ ପ୍ରତି ଅନୁରାଗ ଆସିଲେ ଏବଂ ତାଙ୍କର ନାମ ନେଲେ ଭଗବାନଙ୍କୁ ପାଇହେବ। ଏହା ତାଙ୍କୁ ପାଇବାର ସରଳସୂତ୍ର।



# ଫୁଲ ବିନା ପୂଜା ସମ୍ପୂର୍ଣ୍ଣ ନୁହେଁ



ଏହାକୁ ନେଇ ପଦ୍ମପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି । ଗଣେଶଙ୍କ ନିଟରେ ଦୁବ ଅର୍ପଣ କରିବାର ନୀତି ରହିଛି । ଏହା ଗଣେଶଙ୍କ ଅତି ପ୍ରିୟ । ୫ ପାଖୁଡ଼ା ଦୁବ ହୋଇଥିବା ଅତି ପ୍ରସନ୍ନ ହୁଅନ୍ତି ଭଗବାନ ଗଣେଶ । ଭଗବାନ ଶିବଙ୍କୁ ଧଳା ଫୁଲ ଖୁବ ପସନ୍ଦ । ଯେମିତି ଦୁଦୁରା ଫୁଲ, ଗଙ୍ଗଶିଉଳି ଫୁଲ, ନାଗକେଶରୀ ଫୁଲ ପ୍ରଭୃତି ଭଗବାନଙ୍କ ନିକଟରେ ଲାଗି କରାଯାଏ । ଖାଲି ସେତିକି ନୁହେଁ, ଅରଖ, କନିଅର ଭଳି ଫୁଲ ମଧ୍ୟ ଖୁବ ପସନ୍ଦ କରନ୍ତି ଭଗବାନ ଶଙ୍କର । ଭଗବାନ ସୂର୍ଯ୍ୟ ନରାୟଣଙ୍କୁ ପଦ୍ମ, କନିଅର, ଚମ୍ପା, ପଳାସ, ଅଶୋକ ଆଦି ଫୁଲ ପସନ୍ଦ । ଶ୍ରୀକୃଷ୍ଣଙ୍କୁ ମାଳତୀ, କଇଁ, ପଳାସ ଓ ଅରଖ ଆଦି ଫୁଲ ପସନ୍ଦ ଥାଏ । ମହାଭାରତରେ ଯୁଧିଷ୍ଠିରଙ୍କୁ ଫୁଲ ବିଷୟ କହିଥିବା ନେଇ ପୂରାଣରେ ଉଲ୍ଲେଖ ରହିଛି । ମାତା ପାର୍ବତୀଙ୍କ ସେ ସମସ୍ତ ଫୁଲ ପସନ୍ଦ ଯାହା ଭଗବାନ ଶଙ୍କରଙ୍କ ନିକଟରେ ଲାଗି ହୋଇଥାଏ । ଏହାଛଡ଼ାଙ୍କ ମାତାଙ୍କ ମସ୍ତକରେ ଧଳା ପଦ୍ମ, ପଳାଶ ଫୁଲ ବି ଲାଗି କରାଯାଏ । ମା ଲକ୍ଷ୍ମୀଙ୍କ ସବୁଠାରୁ ପ୍ରିୟ ଫୁଲ ହେଉଛି ପଦ୍ମ ଫୁଲ । ହଳଦିଆ ପଦ୍ମରେ ପୂଜା କଲେ ମାଆଙ୍କ ବିଶେଷ କୃପା ଦୃଷ୍ଟି ରହିଥାଏ ବୋଲି କୁହାଯାଏ । ଖାଲି ସେତିକି ନୁହେଁ ଗୋଲାପ ଫୁଲରେ ବି ମାଆଙ୍କ ପୂଜା କରାଯାଇଥାଏ । ମାଆ ଦୁର୍ଗାଙ୍କୁ ପ୍ରସନ୍ନ କରିବାକୁ ହେଲେ ଗୋଲାପ ଫୁଲ ନେଇ ପୂଜା କରନ୍ତୁ । ମାଆଙ୍କ କୃପା ହେଲେ ସୁଖ ସମୃଦ୍ଧି ସହ ନକରାତ୍ମକ ଶକ୍ତି ପାଖ ମାଡ଼ିନଥାଏ । ଶନିଦେବଙ୍କୁ ନୀଳ ରଙ୍ଗ ଲାଜକୁଳି ଫୁଲେ ଦେଇ ପୂଜା କରନ୍ତୁ । ଏହାଦ୍ୱାରା ଶନିଦେବ ଭାଗ୍ୟରେ ସକାରାତ୍ମକ ଭାବରେ ଅବସ୍ଥାନ କରନ୍ତି ବୋଲି ବିଶ୍ୱାସ ରହିଛି ।

# କୃଷ୍ଣ ଓ ରାମଙ୍କ ମଧ୍ୟରେ କିଏ ବଡ଼ !



ସଂସାରରେ ଅନେକ ପ୍ରକାର ଲୋକ ଅଛନ୍ତି। ଏହି ସଂସାରର ମାୟା ଏପରି ଯେ ସନ୍ଦେହ, ଦ୍ୱନ୍ଦ୍ୱ ଓ ଆଶଙ୍କାରୁ କେହି ମୁକ୍ତ ହୋଇପାରନ୍ତି ନାହିଁ। ତୁଳସୀ ଦାସଙ୍କର ମହିମା ଓ ପ୍ରସିଦ୍ଧି ଯେମିତି ବଢୁଥିଲା, ସେମିତି କିଛି ଲୋକଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନବାଚୀ ରହିଥିଲା। ଏପରି ଏକ ଘଟଣା ଏଠାରେ ଶୁଣନ୍ତୁ। ଥରେ ତୁଳସୀ ଦାସ ବୃନ୍ଦାବନ ଯାଇଥାନ୍ତି। ବୃନ୍ଦାବନର କେତେକ କୃଷ୍ଣଭକ୍ତ ତାଙ୍କୁ ରାମଭକ୍ତ ବୋଲି ଜାଣି ପରିହାସ କରି କହିଲେ - ତୁମେ ଜାଣିଛ କି ନାହିଁ, ଶ୍ରୀରାମ ହେଉଛି ବାର କଳାର ଅବତାର ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ଷୋହଳ କଳାର ଅବତାର। ଏତିକି ଶୁଣିବା କ୍ଷଣି ଗୋସ୍ୱାମୀ ମୂର୍ଚ୍ଛିତ ହୋଇଗଲେ। ବହୁ ଉପାୟରେ ମୂର୍ଚ୍ଛା ଦୂର ହେବା ପରେ ବ୍ରଜବାସୀମାନେ କ'ଣ ହେଲା ବୋଲି ପଚାରିବାରୁ ସେ କହିଲେ ଆଜି ପର୍ଯ୍ୟନ୍ତ ମୁଁ ଶ୍ରୀରାମଙ୍କୁ କେବଳ ଦଶରଥ ରାଜକୁମାର ଓ କୌଶଲ୍ୟାନନ୍ଦ ଭାବି ଭଜୁଥିଲି। ମୋତେ ଜଣା ନଥିଲା ଯେ ସେ ଏତେ ମହାନ ଓ ବାର କଳାର ଅବତାର ବୋଲି। ତୁମ ମୁଖରୁ ତାଙ୍କର ମହିମା ଶୁଣି ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ। ଶ୍ରୀରାମଙ୍କ ପ୍ରତି ଗୋସ୍ୱାମୀଙ୍କ ଅଗାଧ ମାଧୁର୍ଯ୍ୟଭାବ ଦେଖି କୃଷ୍ଣଭକ୍ତମାନେ ବିସ୍ମିତ ହୋଇଗଲେ। ବାସ୍ତବରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଭିତରେ କୌଣସି ପ୍ରଭେଦ ନାହିଁ। ଦୁହେଁ ସାକ୍ଷାତ ଭଗବାନ - 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ (ଭାଗବତ)। ରାମସ୍ତୁ ଭଗବାନ ସ୍ୱୟଂ (ମହାରାମାୟଣ) କିନ୍ତୁ ଚନ୍ଦ୍ରବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀକୃଷ୍ଣ ଷୋହଳ ଏବଂ ସୂର୍ଯ୍ୟବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀରାମ ବାର କଳାଯୁକ୍ତ। ଅଜ୍ଞ ବ୍ୟକ୍ତିମାନେ ଏପରି ତର୍କ କରିଥାଆନ୍ତି।

# ଗୋ' ଶବ୍ଦର ଅନେକ ଅର୍ଥ



ଗୋ' ଶବ୍ଦର ଅନେକ ଅର୍ଥ ଅଛି । ଯଥା- ଗୋବଂଶ, ପୃଥିବୀ, ଦିଗ,ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ । ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା । ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି । ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ । ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏଁ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ । ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ (କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ସାହାଯ୍ୟ କରିଥାଏ । ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ । ଗୋମାତା ଏକାଦଶ ରୁଦ୍ରଙ୍କର ମାତା, ଅଷ୍ଟବସୁଙ୍କର କନ୍ୟା ଓ ଦ୍ୱାଦଶ ଆଦିତ୍ୟଙ୍କର ଭଗିନୀ, ଯିଏ ଅମୃତରୂପୀ ଦୁଗ୍ଧ ପ୍ରଦାନ କରନ୍ତି । ବେଦର ନିର୍ଦ୍ଦେଶ ଅନୁଯାୟୀ ଯଦି କେହି ଏହି ମାୟା-ରାଜ୍ୟରେ ସମସ୍ତ ପ୍ରକାର ବୈଭବ ପ୍ରାପ୍ତ କରିବାକୁ ଚାହେଁ ତେବେ ଗୋମାତାଙ୍କର ସେବା କରିବା ଆବଶ୍ୟକ ।

# ଭଗବାନ ଶିବ



ହିନ୍ଦୁ ଧର୍ମରେ ଶିବ ହେଉଛନ୍ତି ଅନ୍ୟତମ ପ୍ରମୁଖ ଦେବତା। ସେ ତ୍ରିଦେବର ଏକ ଅଂଶ। ତାଙ୍କୁ ମହାଦେବ, ଦେବଙ୍କ ଦେବ ମଧ୍ୟ କୁହାଯାଏ। ସେ ଭୋଳାନାଥ, ଶଙ୍କର, ମହେଶ, ରୁଦ୍ର, ନୀଳକଣ୍ଠ, ଗଙ୍ଗାଧର ଇତ୍ୟାଦି ଅନେକ ନାମରେ ଜଣାଶୁଣା। ତନ୍ତ୍ର ସାଧନାରେ ସେ ଭୈରବ ନାମରେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମର ମୁଖ୍ୟ ଦେବତାମାନଙ୍କ ମଧ୍ୟରୁ ଶିବ ଅନ୍ୟତମ। ବେଦରେ ତାଙ୍କ ନାମ ରୁଦ୍ର। ଶଙ୍କରଙ୍କୁ ବିନାଶର ଦେବତ। କୁହାଯାଏ।

ଭଗବାନ ଶଙ୍କର ଉଭୟ ସୌମ୍ୟ ଏବଂ ରୌଦ୍ର ରୂପ ପାଇଁ ପ୍ରସିଦ୍ଧ। ଶିବ ବ୍ରହ୍ମାଣ୍ଡ ସୃଷ୍ଟିର ଅସ୍ତିତ୍ୱ ଏବଂ ବିନାଶର ଅଧିପତି। ଯଦିଓ ଶିବଙ୍କର ଅର୍ଥ ମଙ୍ଗଳକାରୀ ବୋଲି ବିବେଚନା କରାଯାଏ, ତଥାପି ସେ ନିଜ ଅଧୀନରେ ସର୍ବଦା ଉଭୟ ଲୟ ଏବଂ ପ୍ରଳୟକୁ ରଖିଥାନ୍ତି। ରାବଣ, ଶନି, କାଶ୍ୟପ ଋଷି ଇତ୍ୟାଦି ତାଙ୍କର ଭକ୍ତ। ଶିବ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି, ସେଥିପାଇଁ ତାଙ୍କୁ ମହାଦେବ କୁହାଯାଏ। ଭୋଳାନାଥଙ୍କ ସହ ଜଡିତ ଅନେକ ରହସ୍ୟମୟ କାହାଣୀ ଲୋକପ୍ରିୟ। ତେବେ ଆଜି ମହା ଶିବରାତ୍ରୀ ବା ଜାଗର ଅବସରରେ ଆସନ୍ତୁ ଭଗବାନ ଶିବଙ୍କ ସହ ଜଡିତ କିଛି ରହସ୍ୟ ବିଷୟରେ ଜାଣିନେବା।



### ଭଗବାନ ଶିବଙ୍କ ଉତ୍ପତ୍ତି:

ବିଷ୍ଣୁ ପୁରାଣ ଅନୁଯାୟୀ ଏହା ଉଲ୍ଲେଖ କରାଯାଇଛି ଯେ ଭଗବାନ ବିଷ୍ଣୁ ଭଗବାନ ବ୍ରହ୍ମାଙ୍କ ନାଭିରୁ ଜନ୍ମ ହୋଇଥିବାବେଳେ ଶିବ ଭଗବାନ ବିଷ୍ଣୁଙ୍କ କପାଳର ତେଜରୁ ଉତ୍ପନ୍ନ। ବିଷ୍ଣୁ ପୁରାଣ ଅନୁଯାୟୀ କପାଳର ତେଜରୁ ଉତ୍ପନ୍ନ ହୋଇଥିବାରୁ ଶିବ-ଶମ୍ଭୁ ସର୍ବଦା ଯୋଗମୁଦ୍ରାରେ ରହନ୍ତି।

### ଶିବ ଏବଂ ଶଙ୍କର ସମାନ କି?

କେତେକ ପୁରାଣରେ ଭଗବାନ ଶଙ୍କରଙ୍କୁ ଶିବ କୁହାଯାଏ କାରଣ ସେ ନିରାକାର ଶିବଙ୍କ ସହିତ ସମାନ। ନିରାକାର ଶିବଙ୍କୁ ଶିବଲିଙ୍ଗ ଆକାରରେ ପୂଜା କରାଯାଏ। ଶଙ୍କରଙ୍କୁ ସର୍ବଦା ଯୋଗୀ ଭାବରେ ଦେଖାଯାଏ। ଅନେକ ସ୍ଥାନରେ ଶଙ୍କରଙ୍କୁ ଶିବଲିଙ୍ଗ ଉପରେ ଧ୍ୟାନ କରୁଥିବା ଚିତ୍ରଣ କରାଯାଏ। ତେଣୁ ଶିବ ଏବଂ ଶଙ୍କର ଦୁଇଟି ଭିନ୍ନ ସତ୍ତା। ବିଶ୍ୱାସ କରାଯାଏ ଯେ ମହେଶ (ନନ୍ଦୀ) ଏବଂ ମହାକାଳ ଭଗବାନ ଶଙ୍କରଙ୍କ ଦ୍ୱାରପାଳ ଅଟନ୍ତି ଏବଂ ରୁଦ୍ରଦେବତା ଶଙ୍କରଙ୍କ ପଞ୍ଚାୟତର ସଦସ୍ୟ ଅଟନ୍ତି।

### ଭଗବାନ ଶିବଙ୍କର ପ୍ରଥମ ଶିଷ୍ୟ:

ପୁରାଣ ଅନୁଯାୟୀ ଭଗବାନ ଶିବଙ୍କ ପ୍ରଥମ ଶିଷ୍ୟ ସପ୍ତଋଷି ଥିଲେ। ବିଶ୍ୱାସ କରାଯାଏ ଯେ ସପ୍ତଋଷିମାନେ ଭଗବାନ ଶିବଙ୍କ ଜ୍ଞାନକୁ ପୃଥିବୀରେ ବିସ୍ତାର କରିଥିଲେ, ଯେଉଁ କାରଣରୁ ବିଭିନ୍ନ ଧର୍ମ ଓ ସଂସ୍କୃତି ସୃଷ୍ଟି ହୋଇଥିଲା। ବିଶ୍ୱାସ କରାଯାଏ ଯେ ଭଗବାନ ଶିବ ଗୁରୁ-ଶିଷ୍ୟର ପରମ୍ପରା ଆରମ୍ଭ କରିଥିଲେ। ଶିବଙ୍କ ଶିଷ୍ୟମାନଙ୍କ ମଧ୍ୟରେ ବୃହସ୍ପତି, ବିଶାଲାକ୍ଷ, ଶୁକ୍ର, ସହସ୍ରାକ୍ଷ, ମହେନ୍ଦ୍ର, ପ୍ରାଚେତସ ମନୁ, ଭରଦ୍ୱାଜା ରହିଥିଲେ।

### ଭଗବାନ ଶିବଙ୍କ ପତ୍ନୀ:

ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର ଦୁଇ ଜଣ ପତ୍ନୀ ଥିଲେ, ପ୍ରଥମ ଦେବୀ ସତୀ ଏବଂ ଦ୍ୱିତୀୟ ମାତା ପାର୍ବତୀ। କିନ୍ତୁ ଯଦି ହିନ୍ଦୁ ପୁରାଣକୁ ବିଶ୍ୱାସ କରାଯାଏ, ତେବେ ଭଗବାନ ନୀଳକଣ୍ଠେଶ୍ୱର ଜଣେ କି ଦୁଇଜଣ ନୁହେଁ ବରଂ ଚାରିଜଣଙ୍କୁ ବିବାହ କରିଥିଲେ। ସେ ଏହିସବୁ ବିବାହ କେବଳ ଆଦିଶକ୍ତିଙ୍କ ସହିତ କରିଥିଲେ। ଭଗବାନ ଶିବଙ୍କର ପ୍ରଥମ ବିବାହ ମାତା ସତୀଙ୍କ ସହ ହୋଇଥିଲା ଯିଏ ପ୍ରଜାପତି ଦକ୍ଷଙ୍କ କନ୍ୟା ଥିଲେ। ମାତା ସତୀ ତାଙ୍କ ବାପାଙ୍କ ଦ୍ୱାରା ଭଗବାନ ଶିବଙ୍କ ଅପମାନ ସହି ନ ପାରି ନିଜ ଜୀବନକୁ ବଳିଦାନ ଦେଇଥିଲେ। ଏହା ପରେ ହିମାଳୟ କନ୍ୟା ପାର୍ବତୀ ଭାବରେ ଜନ୍ମିତ ଆଦିଶକ୍ତି ଦ୍ୱିତୀୟ ଥର ଭଗବାନ ଶିବଙ୍କୁ ବିବାହ କରିଥିଲେ। ଆମ ଶାସ୍ତ୍ରରେ ଦେବୀ ଉମାଙ୍କୁ ଭଗବାନ ଶିବଙ୍କ ତୃତୀୟ ପତ୍ନୀ ଭାବରେ ବର୍ଣ୍ଣନା କରାଯାଇଛି। ମାତା ମହାକାଳୀଙ୍କୁ ଭଗବାନ ଶିବଙ୍କ ଚତୁର୍ଥ ପତ୍ନୀ ବୋଲି ବର୍ଣ୍ଣନା କରାଯାଇଛି। ସେ ଏହି ପୃଥିବୀରେ ଥିବା ଭୟଙ୍କର ରାକ୍ଷସମାନଙ୍କୁ ବିନାଶ କରି ତିନିଲୋକକୁ ସୁରକ୍ଷା ଦେଇଥିଲେ।





## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଗୁମ୍ମା ବ୍ଲକ ପଞ୍ଚାୟତ ସମିତିର ସମୁଦାୟ ମୋଟ-୮୬ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୬ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା – ୩୦ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲା



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ୩୦ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ୍ ମାରାଣ୍ଡି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ବ୍ୟାଙ୍କ କର୍ମଚାରୀ ସଙ୍ଘର ବୈଠକ

ଆସିକା,(ନିପ୍ର): ଅଲ ଓଡିଶା ସେଣ୍ଟ୍ରାଲ କୋପେରଟିଭ ବ୍ୟାଙ୍କ ଏମପଲୋୟାର ଫେଡେରେସନ ଆସିକା ୟୁନିଟ ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସଭାଗୃହରେ ଅନୁଷ୍ଠିତ ବୈଠକରେ ସଙ୍ଘର ଉପ ସଭାନେତ୍ରୀ ଗୀତାଞ୍ଜଳି ବେହେରାଙ୍କ ସଭାପତିତ୍ୱ କରିଥିଲେ । ବୈଠକରେ ସଙ୍ଘର ସୁଦୃଢ କରିବା, ବ୍ୟାଙ୍କରେ କର୍ମଚାରୀ ସଂଖ୍ୟା ବୃଦ୍ଧି, ସଙ୍ଘର ସଦସ୍ୟ ଓ ବ୍ୟାଙ୍କର ଉନ୍ନତି ସକାଶେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଚଳିତ ବର୍ଷ ପାଇଁ ଏକ କମିଟି ମନୋନୀତ କରାଯାଇଥିଲା । ସଭାପତି ରୂପେ ଯୋଗେଶ କୁମାର ସାମନ୍ତରାୟ, ଉପ ସଭାପତି ଭାବେ ମମତା ପରିଡା,କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଭାବେ ଗୀତାଞ୍ଜଳୀ ବେହେରା, ଯୁଗ୍ମ ସମ୍ପାଦକ ଭାବେ ଶ୍ରୀକାନ୍ତ ସ୍ୱାଇଁ, କୋଷାଧକ୍ଷ ଭାବେ ଭବାନୀ ଶଙ୍କର ଷଡ଼ଙ୍ଗୀ ଓ ଉପଦେଷ୍ଟା ଭାବେ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ମା ଖମ୍ବେଶ୍ୱରୀଙ୍କ ଚୈତ୍ର ମାସ ପ୍ରଥମ ପାଳି ପୂଜା



ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲାର ଅନ୍ୟତମ ଶକ୍ତି ପୀଠ ତଥା ଆସିକା ଅଧିଷ୍ଠାତ୍ରୀ ଦେବୀ ମାଁ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ର ପର୍ବର ପ୍ରଥମ ପାଳି ମଙ୍ଗଳବାର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି। ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଏହି ପୀଠକୁ ଆସି ନିଜ ପିଲାଙ୍କ ପ୍ରଥମ ଚୁଟିକୁ ମୁଣ୍ଡନ କରିବା ବିଧି ଓ ପରମ୍ପରା କେଉଁ ଆବାହମାନ କାଳରୁ ଏହି ପ୍ରଥା ଚଳି ଆସିଥିବାରୁ ଆଜି ସହସ୍ରାଧିକ ପିଲାଙ୍କ ମୁଣ୍ଡନ ହୋଇଛି। ସକାଳୁ ମାଆ ଙ୍କ ଦୁଆରଫିଟା ନୀତି ପରେ ମଜଣା,ସକାଳ ଧୂପ,ମଇଲମ ବେଶ, ବାଳଭୋଗ ପରେ ମା ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଅପରାହ୍ନ ୧୨ଘଣ୍ଟା ସମୟରେ ଅନ୍ନ ଭୋଗ ପରେ ପହଡ଼ ପରେ ସନ୍ଧ୍ୟା ୪ଘଣ୍ଟାରେ ଦୁଆର ଫିଟା ଯାଇଥିଲା। ସନ୍ଧ୍ୟା ଆଳତୀ ପରେ ରାତି ଭୋଗ ପରେ ମାଆ ନଗର ପରିକ୍ରମା କରିଥିଲେ। ଆଜି ମାଆଙ୍କ ଠାରେ ପଣା ଭୋଗ କରାଯାଇଥିଲା । ପୀଠରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ମନ୍ଦିର କମିଟି ମଧ୍ୟରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଇଷ୍ଟଦେବୀ ମା ଖମ୍ବେଶ୍ୱରୀଙ୍କ ମହିମା ତଥା ଯଶ ଓ ଖ୍ୟାତି ଏବଂ ଅପାର କରୁଣା ରହି ଥିବାରୁ ଭକ୍ତମାନେ ପୀଠକୁ ଦୌଡ଼ି ଆସନ୍ତି। ପିଲାଙ୍କ ପ୍ରଥମ ଚୁଟି ଏହି ପିଠରେ ପକାଇଲେ ରୋଗ ଏବଂ ବ୍ୟାଧି ଦୂର ହେବା ସାଙ୍ଗକୁ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ଲୋକଙ୍କ ଅଗାଢ଼ ବିଶ୍ୱାସ ରହିଛି । ତେଣୁ ଭକ୍ତମାନେ ଠାକୁରାଣୀଙ୍କ ପୀଠକୁ ଆସି ପିଲାଙ୍କୁ ମୁଣ୍ଡନ କରିବା ସହ ମାଙ୍କ ପ୍ରିୟ ପଞ୍ଚାମୃତ ଓ ଭୋଗରାଗ କରନ୍ତି ।

### ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

## ମାମଲାର ୩ ବର୍ଷ ପରେ ଜଣେ ବନ୍ଧାହେଲା

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ନୟାପଲ୍ଲୀ ଥାନା ପାଲିସ ମଙ୍ଗଳବାର ମାମଲା ରୁଜୁ ହେବାର ପ୍ରାୟ ୩ ବର୍ଷ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ କୃଷ ମୁଣ୍ଡା ଓରଫ ରୁଣ୍ଡୁ (୩୦)ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ମୁଣ୍ଡାସାହି ନୀଳକଣ୍ଠନଗରରେ ବୋଲି ଜଣାପଡିଛି। ଏନେଇ ସବିତା ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୨୨ ମସିହା ଡିସେମ୍ବର ୩୧ ତାରିଖ ରାତିରେ ଭୋଇସାହି କ୍ଲବ ସଦସ୍ୟମାନଙ୍କ ପକ୍ଷରୁ ଏକ ନୂତନ ବର୍ଷ ଭୋଜିର ଆୟୋଜନ କରାଯାଇଥିଲା, ଯେଉଁଠାରେ କିଛି ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଯାହା ପରେ ସେତେବେଳେ ଆପୋଷ ସମାଧାନ ହୋଇଥିଲା। କିନ୍ତୁ ସମାନ ବିବାଦକୁ କେନ୍ଦ୍ର କରି ଜାନୁଆରୀ ୧ ତାରିଖ ଦିନ ୪ଟା ରୁ ୪ଟା୩୦ ସମୟରେ ଅଭିଯୁକ୍ତ ରୁଣ୍ଡୁ ଓରଫ କୁଶା ମୁଣ୍ଡା ଏବଂ ତାଙ୍କର ସହଯୋଗୀମାନେ ଯଥା ସତ୍ୟମ ମାନସିଂହ ଉର୍ଫ ମିକୁ, ଗୌତମ ଦାସ, ତରୁଣା ଉର୍ଫ ତାରେଣୀ, ବୁବୁନ, ସୁଧାଂଶୁ ରାଉତ, ରୁଦ୍ର ରାଉତ, ଶୁଭା ଉର୍ଫ ଶୁଭ୍ରଜିତ ସାମଲ, ଶଙ୍କର, ଜ୍ୟୋତି ଭୋଳା ଏବଂ ଏଣ୍ଡୁ ଉର୍ଫ ସତ୍ୟବ୍ରତ ଖୁଣ୍ଟିଆ ଖଣ୍ଡା ଏବଂ ଲାଠି ଭଳି ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଭୋଇ ସାହି ଅଞ୍ଚଳରେ ପହଞ୍ଚି ଅଭିଯୋଗକାରିଣୀଙ୍କ ଘର ଉପରକୁ ପଥର ମାଡ଼ କରିଥିଲେ। ଯେତେବେଳେ ଅଭିଯୋଗକାରିଣୀ ତାଙ୍କ ମାଆ ସଞ୍ଜୁ ବେହେରା ଏବଂ ଭାଇ ପ୍ରଶାନ୍ତ କୁମାର ବେହେରାଙ୍କ ସହିତ ପ୍ରତିବାଦ କରିଥିଲେ, ଅଭିଯୁକ୍ତମାନେ ହତ୍ୟା ଉଦ୍ଦେଶ୍ୟରେ ସେମାନଙ୍କୁ ନିର୍ମମ ଭାବରେ ଆକ୍ରମଣ କରିଥିଲେ। ଏହାର ପରିଣାମରେ ଅଭିଯୋଗକାରିଣୀ ଏବଂ ତାଙ୍କ ଭାଇଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ତାଙ୍କ ମାଆଙ୍କ ବାମ ହାତ ପାପୁଲିରେ ଗୁରୁତର ଆଘାତ ଲାଗି ତାହା ଭାଙ୍ଗିଯାଇଥିଲା। ଅଭିଯୁକ୍ତମାନେ ସେଠାରେ ଛିଡ଼ା ଥିବା ଦୁଇଟି ହାଇୱା ଟିପର, ଗୋଟିଏ କାର ଏବଂ ଗୋଟିଏ ମୋଟରସାଇକେଲର କାଚ ଭାଙ୍ଗି ଦେଇଥିଲେ ଏବଂ ପୋଲିସକୁ ଖବର ଦେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦେଇଥିଲେ। ପରେ ଆହତମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଏହି ମାମଲାର ୩ ବର୍ଷ ପରେ ମଙ୍ଗଳବାର ଅଭିଯୁକ୍ତ କୁଶାଙ୍କୁ ଗିରଫ କରାଯାଇଛି। ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ପୂର୍ବରୁ ୩ଟି ମାମଲା ରହିଛି।

## 'ବରିଷ୍ଠ ନାଗରିକମାନେ ଆମ ସମାଜର ସମ୍ପତ୍ତି'

ରାଉରକେଲା,(ନିପ୍ର) : ଜଗଦା ସ୍ଥିତ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସପ୍ତମ ବାର୍ଷିକୋତ୍ସବ ଜଗଦା ବାଟ ମଙ୍ଗଳା ସ୍ଥିତ ଶକ୍ତି ଭବନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ତ୍ରିଲୋଚନ ପରିଡ଼ାଙ୍କ ସଭାପତିତ୍ୱ ସାଧାରଣ ସମ୍ପାଦକ ମଧୁସୂଦନ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଏନ୍ଆଇଟି ର ପ୍ରାକ୍ତନ ପ୍ରଫେସର ଡ ହୃଷିକେଶ ନାୟକ ତଥା ବସ୍ତିଆ ମେମୋରିଆଲ ଟ୍ରଷ୍ଟର ନିର୍ଦ୍ଦେଶକ ଗୌତମ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ବରିଷ୍ଠ ନାଗରିକମାନେ ଆମ ସମାଜର ସମ୍ପତ୍ତି। ସେମାନଙ୍କ ଅଭିଜ୍ଞତା ଓ ଦିଗଦର୍ଶନରେ ସମାଜ ଆଗକୁ ବଢିପାରିବ। ତେଣୁ କୌଣସିମତେ ସେମାନଙ୍କୁ ହତାଦର କିମ୍ବା ଅବହେଳା କରାଯାଇପାରିବ ନାହିଁ। ସର୍ବୋପରି ସେମାନଙ୍କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଏଥିପାଇଁ ସରକାର ଓ ବିଭିନ୍ନ ଅନୁଷ୍ଠାନ ତତ୍ପର ଥିବାବେଳେ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମ ସେମାନଙ୍କ ପ୍ରତି ତଥା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ପଦ୍ମଚରଣ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ତାଙ୍କ ପୁତ୍ର ଅଧିବକ୍ତା ବିଜୟ ପଟ୍ଟନାୟକ ଏହାକୁ ଗ୍ରହଣ କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ



ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ବରିଷ୍ଠ ସମାଜସେବୀ ସଞ୍ଜୀବ କୁମାର ମହାନ୍ତି,ଡ କେ ସି ବାରିକ, ନୀଳମଣି ପ୍ରଧାନ, ମନୋରଞ୍ଜନ ଦାଶ, ପ୍ରଦୀପ ପତି, କୃପାସିନ୍ଧୁ ବେହୁରିଆ, ପ୍ରଶାନ୍ତ ବେହେରା,ଗୋକୁଳି ସାମଲ, ପିତାମ୍ବର ଲେଙ୍କା, ପ୍ରଭାତ କୁମାର ମହାନ୍ତି,କାଶୀନାଥ ପଣ୍ଡା, କ୍ରିଷ୍ଣା ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସଡ଼କ ସୁରକ୍ଷା ସଚେତନତା ଅଭାବ

## ଅଜଣା ଗାଡି ଧକ୍କାରେ ଜଣେ ମୃତ

ଆଠଗଡ,(ନିପ୍ର) : ଆଠଗଡ଼ ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣ ଯନ୍ତା।ସଠିକ ସଂକେତ ଚିହ୍ନ ଅଭାବ ସହିତ ସଡ଼କ ସୁରକ୍ଷା ସଚେତନତା ଅଭାବ କାରଣରୁ ବାରମ୍ବାର ସଡ଼କ ଦୁର୍ଘଟଣା ଘଟି ବହୁ ଧନ ଜୀବନହାନୀ ହେଉଛି। ଆଠଗଡ଼ ପଞ୍ଚୁଦୋଳ ଯାତ୍ରା ଥିଲା । ଆଠଗଡ଼ ସହରଠାରୁ ସହର ଚତୁପାର୍ଶ୍ୱରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ଗତକାଲି ବିଳମ୍ବିତ ରାତିରେ ଆଠଗଡ଼ ଥାନା ଅନ୍ତର୍ଗତ ରାଧାଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟ ପୂର୍ତ୍ତ ବିଭାଗ ରାସ୍ତା ଦେଇ ନିଜର ମୋଟରସାଇକେଲରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ହେମମାଳପୁରର ବିଶ୍ୱଭୂଷଣ ଦଳେଇ ନିଜ ଗ୍ରାମକୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଆଠଗଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ସାଙ୍ଗରେ ଆସୁଥିବା ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଂଚି ନିକଟରେ ଥିବା ସି ସି କ୍ୟାମେରା ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

## ଧାନକିଣାରେ ସୁଧାର ପାଇଁ କୃଷକ ସଭା ପକ୍ଷରୁ ଦାବିପତ୍ର



ଭଦ୍ରକ,(ନିପ୍ର): ଟୋକନ ପାଇଥିବା ଓ ଟୋକନ ନପାଇଥିବା ସମସ୍ତ ଚାଷୀ ଓ ଭାଗଚାଷୀ ମାନଙ୍କ ଠାରୁ ପ୍ରତ୍ୟେକ୍ଷ ଧାନ କିଣିବା, ଧାନ କିଣାର ଅବଧି ଅପ୍ରେଲ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା, ଧାନକିଣାରେ ଅଧିକ ସଂଖ୍ୟକ ଅନ୍ୟ ଜିଲ୍ଲାର ମିଲର ମାନଙ୍କୁ ସାମିଲ କରିବା, ଭାରତୀୟ ଖାଦ୍ୟ ନିଗମ ଆମ ଦେଶର ସମସ୍ତ ମିଲର ମାନଙ୍କ ଠାରୁ ଚାଉଳ ସଂଗ୍ରହ କରିବା, ରାଜ୍ୟ ସରକାର – ମିଲର ମାନଙ୍କ ମଧୁ ଚନ୍ଦ୍ରିକା ମାଧ୍ୟମରେ ଧାନକିଣାରେ ହେଉଥିବା କଟଣି ଛଟଣି ବଂଦ କରିବା ଆଦି ଦାବି ନେଇ ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ଜିଲ୍ଲା ତମାମ ଚାଷୀ ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀ ନେତା ମାନେ ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ରମେଶ ସାହୁ, ମହେଶ୍ୱର ନାୟକ, ଗଙ୍ଗାଧର ମହାଳିକ, ଜୟନୂଲ ଆବେଦିନ ପ୍ରମୁଖ ସାମିଲ ଥିଲେ ।

## ୫୮୬ କେ.ଜି ଗଂଜେଇ ଜବତ, ଜଣେ ଗିରଫ

ରାୟଗଡା,(ନିପ୍ର): ରାୟଗଡା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଗଂଜେଇ ଚାଷକୁ ପୋଡି ନଷ୍ଟ କରିଛି। ଏହାର ଚୋରା ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିଛି। ଗଂଜେଇ ମାଫିଆମାନଙ୍କୁ ଗିରଫ କରି ଜବତ କରି ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ପାଇଁ ଉଦ୍ୟମ ଚଳାଇଛି। ଏଥିପାଇଁ ଚାଲିଛି ରାତି ଦିନ ଯାଞ୍ଚ ପ୍ରକ୍ରିୟା। ଏହି କ୍ରମରେ କାଶୀପୁର ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୋଲିସ ପେଟ୍ରୋଲିଂ ବେଳେ ସନ୍ଦେହରେ ଏକ ବୋଲେରୋ ପିକଅପର ପିଛା କରି ଖୁରୀଗାଁ ଛକ ନିକଟରେ ଗାଡିକୁ ଅଟକାଇ ଯାଞ୍ଚ ବେଳେ ୫୮୬ କେ :ଜି ଗଞ୍ଜେଇକୁ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି ଏକ ମାମଲା ରୁଜୁ କରିଛି। ଗଞ୍ଜେଇ ଚୋରା ଚାଲାଣରେ ଆଉ କିଏ କିଏ ସମ୍ପୃକ୍ତ ରହିଛନ୍ତି ଧରିବା ପାଇଁ ତନାଘନା ଚଳାଇଛି। କାଶୀପୁର ପୋଲିସ ଏ ନେଇ ଥାନରେ ଧାରା ୫୯/୨୬ ଏକ ଦଫାରେ ଅଧିକ ତଦନ୍ତ ଚଳାଇଥିବା କହିଛନ୍ତି।

## ନାବାଳକ ମୃତ୍ୟୁ ନେଇ ଥାନା ସାମ୍ନାରେ ବିକ୍ଷୋଭ



ନିମାପଡ଼ା, (ନି.ପ୍ର.): ନିମାପଡ଼ା ପୋଲିସ ନିର୍ଯ୍ୟାତନାରେ ଡ଼ିବହାରୀ ଗ୍ରାମର ଜନୈକ ଯୁବକ ସୁବ୍ରତ ଭୋଇ (୧୮) ଆତ୍ମହତ୍ୟା କରିଥିବାରୁ ପରିବାର ଲୋକେ କ୍ଷତିପୂରଣ ଏବଂ ନ୍ୟାୟ ଦାବିରେ ଥାନା ସାମ୍ନାରେ ଶବ ରଖି ଧାରଣା ଦେଇଥିଲେ । ସଂପୃକ୍ତ ଯୁବକ ସୋମବାର ଦିନ ଏକ ନାବାଳିକା ଅପହରଣ ମାମଲାରେ ଥାନାକୁ ଆସିଥିଲେ । ପୋଲିସ ନାନା ଧମକ ଚମକ ଦେଇ ବିଳମ୍ବିତ ରାତିରେ ଥାନାରୁ ଛାଡ଼ି ଥିଲେ। ନାବାଳିକାଙ୍କ ସଂପର୍କୀୟ ସହ ଯୁବକ ଜଣକ ନିଜ ଗ୍ରାମକୁ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୁଅକୁ ନ ପାଇ ଥାନାରେ ଜଣାଇ ଥିଲେ । ମଙ୍ଗଳବାର ସକାଳେ ଗ୍ରାମ ମୁଣ୍ଡରେ ଥିବା ଏକ ଗଛରେ ସୁବ୍ରତ ଝୁଲି ପଡ଼ିଥିବା ଦେଖି ଗ୍ରାମବାସୀ ରୁଣ୍ଡ ହୋଇଥିଲେ। ଥାନା ତଦନ୍ତ ଅଧିକାରୀ ଦିଲ୍ଲୀପ ପଣ୍ଡାଙ୍କୁ ଗିରଫ ସହ ସୁବ୍ରତ ମୃତ୍ୟୁ ରହସ୍ୟ ଖୋଲିବା ଏବଂ ଦୋଷୀଙ୍କୁ ଦଣ୍ଡ ଦେବା ଦାବି କରିଥିଲେ ଗ୍ରାମବାସୀବୃନ୍ଦ। ଜନ ପ୍ରତିନିଧି ସହ ଶହ ଶହ ଜନସାଧାରଣ ଥାନା ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ୍ ପଟେଲ, ସୁଶୀଲ ମିଶ୍ର, ଉପଖଣ୍ଡ ପୋଲିସ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ମନୋଜ ପ୍ରଧାନ, ଥାନା ନିରୀକ୍ଷକ ସମରେନ୍ଦ୍ର ପାଇକରାୟ ପ୍ରମୁଖ ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରି ଆନ୍ଦୋଳନରୁ ନିବୃତ କରିଥିଲେ । ତଦନ୍ତକାରୀ ଅଧିକାରୀ ଦିଲ୍ଲୀପ ପଣ୍ଡାଙ୍କୁ ଅନ୍ୟତ୍ର ବଦଳି, କ୍ଷତିପୂରଣ ପାଇଁ ଜିଲ୍ଲାପାଳଙ୍କୁ ସୁପାରିଶ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ପୋଷ୍ଟ ମର୍ଟମ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବା ତଦନ୍ତକାରୀ ଅଧିକାରୀ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ଠାରୁ ପ୍ରକାଶ । ପୋଲିସ ସହାୟତାରେ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଥିବା ଜଣାପଡ଼ିଛି । ପୂର୍ବତନ ସରପଞ୍ଚ ତଥା ଯୁବନେତା ମାନସ ପ୍ରଧାନ ଘଟଣା ସ୍ଥଳରେ ଉପସ୍ଥିତ ରହି ନ୍ୟାୟ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିବା ସହିତ ଜନସାଧାରଣଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଥିଲା।

## ସୃଜନଶୀଳତା, ସାଂସ୍କୃତିକ କାର୍ଯ୍ୟକୁ ଗୁରୁତ୍ୱ

ନିମାପଡ଼ା, (ନି.ପ୍ର.): ପିଲାମାନଙ୍କ ମଧ୍ୟରେ ପାଠପଢ଼ା ସହିତ ଗୋଷ୍ଠୀଗତ ସେବା ଶିବିର ମାଧ୍ୟମରେ ଓ ସୃଜନଶୀଳ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ନିମାପଡ଼ା ଡ଼ିଏଭି ସ୍କୁଲ ପରିସରରେ ତ୍ରିଦିବସୀୟ ସେବା ଶିବିର ସୋମବାର ଠାରୁ ଆରମ୍ଭ ହୋଇଛି । ବାର୍ଷିକ ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ବୃଦ୍ଧି ପାଇଁ କର୍ତ୍ତୃପକ୍ଷ ଏଭଳି ଶିବିର ଆୟୋଜନ କରିଛନ୍ତି ବୋଲି ଅଧ୍ୟକ୍ଷ ଏମ୍.ଏମ୍. ହକ୍ ସୂଚନା ଦେଇଥିଲେ । ଚନ୍ଦ୍ରଶେଖରପୁର ଡ଼ିଏଭି ସ୍କୁଲର ୨୮୦ ଜଣ ଛାତ୍ରଛାତ୍ରୀମାନେ ଏହି ଶିବିରରେ ଯୋଗ ଦେଇ ନୃତ୍ୟଗୀତ, ଏକକ ଅଭିନୟ, କ୍ରୀଡ଼ା ପ୍ରଦର୍ଶନୀ, ଐତିହାସିକ ସ୍ଥାନ ପରିଦର୍ଶନ ସହ ଜ୍ଞାନ ଆହରଣ କରିବା, ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରି ଅନ୍ଧବିଶ୍ୱାସ, କୁସଂସ୍କାର ହଟାଇବା, ପରିବେଶ ସୁରକ୍ଷା, ଟ୍ରାଫିକ୍ ନିୟମ ମାନି ଚଳିବା ନେଇ ସଚେତନତା ସୃଷ୍ଟି କରିଥିଲେ। ଗୋଷ୍ଠୀଗତ ସେବା ଯୋଗାଇବା ଏବଂ ଅସୁବିଧାରେ ଥିବା ଜନସାଧାରଣଙ୍କୁ ସହଯୋଗର ହାତ ବଢ଼ାଇବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ଶିବିର ନିର୍ଦ୍ଦେଶକ ଡ଼ଃ ସର୍ବଦମନ ସିଂହ ସୂଚନା ଦେଇଥିଲେ।

## ୧୫ କିମି ସାଇକଲରେ ଯାଇ ଅଭିଯୋଗ ଶୁଣିଲେ ବିଡିଓ

ସୁବର୍ଣ୍ଣପୁର,ବଡ଼ ବାବୁମାନେ ବଡ଼ ଗାଡିରେ ଯିବେ, ଲୋକଙ୍କ ଅଭିଯୋଗ ଶୁଣିବେ। ସେମାନଙ୍କ ପାଇଁ ଦାମୀ ଗାଡ଼ି ସହିତ ଅନ୍ୟାନ୍ୟ ସୁବିଧ ବିଧା ରହିଥାଏ। କିନ୍ତୁ ଡୁଙ୍ଗୁରିପାଲି ବିଡିଓଙ୍କ କାର୍ଯ୍ୟକଳାପ ନିଆରା। ଗାଁ ଲୋକଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ସେ ବ୍ଲକ ସଦରମହକୁମା ଠାରୁ ପ୍ରାୟ ୧୫ କିମି ଦୂର ବାଙ୍କିପାଲି ପଞ୍ଚାୟତକୁ ସାଇକଲରେ ଯାଇଥିଲେ। ରାସ୍ତାରେ ଯିବା ଆସିବା ବେଳେ ଲୋକଙ୍କ ସହିତ ଅଟକି କଥାବାର୍ତ୍ତା କରିଥିଲେ। ଲୋକଙ୍କ ସମସ୍ୟା ପ୍ରତ୍ୟକ୍ଷ ଭାବରେ ଜାଣି ପାରିଥିଲେ। ଅନେକ ବିଡିଓଙ୍କୁ ଜାଣି ପାରି ନଥିଲେ।ବିଡିଓ ସଞ୍ଜିବ ସାହୁ ଲୋକଙ୍କ ସମସ୍ୟା ସଙ୍ଗେ ସଙ୍ଗେ ସମାଧାନ କରିବା ସହ କ୍ଷେତ୍ର ପରିଦର୍ଶନ କରୁଛନ୍ତି। ସୋମବାର ବାଙ୍କିପାଲି ପଞ୍ଚାୟତକୁ ସାଇକଲରେ ଯାଇ ଅଭିଯୋଗ ଶୁଣିଥିଲେ। ବିଡିଓ ଶ୍ରୀ ସାହୁ ଜଣେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ। ସାଇକଲରେ ଯାଇ ଲୋକଙ୍କ ଅଭିଯୋଗ ଶୁଣିବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ନୂତନ ବିଦ୍ୟାଳୟ ଗୃହ ପ୍ରବେଶ

ବେଲଗୁଣ୍ଠା(ନିପ୍ର):ବେଲଗୁଣ୍ଠାରେ ଶିକ୍ଷାର ବିକାଶ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ାଇଲା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ଆଜି ବେଲଗୁଣ୍ଠା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ନୂତନ ଗୃହ ଉଦଘାଟନ କାର୍ଯ୍ୟକ୍ରମ ଭି. ଦେବୀପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର କେଏସୟୁବି କଲେଜର ଅବସର ପ୍ରାପ୍ତ ଅଧକ୍ଷ କୃତିବାସ ବିଶ୍ୱାଳ ଯୋଗ ଦେଇ ରିବନ କାଟି ନୂତନ ଗୃହକୁ ଉଦଘାଟନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ଭଞ୍ଜନଗର ଅବସରପ୍ରାପ୍ତ ଏବିଇଓ ଜଗବନ୍ଧୁ ଜେନା ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବୁଲୁ ଦାଶ ଓ ଅଧକ୍ଷା ବାସନ୍ତୀ ଦାଶ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି



କଟକ, (ନିପ୍ର): ଚଳିତ ଗ୍ରୀଷ୍ମ ଋତୁରେ କଟକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଆଦେଶନାମା ଅନୁଯାୟୀ ଅଂଶୁଘାତ ମୁକାବିଲା ପାଇଁ ସଂପୃକ୍ତ ଅଧିକାରୀମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ସହ ଜିଲ୍ଲାରେ ଅଂଶୁଘାତଜନିତ ମୃତ୍ୟୁ ହାରକୁ ଶୂନରେ ସୀମିତ ରଖିବା ପାଇଁ ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା କାର୍ଯ୍ୟାଳୟର ଜରୁରୀକାଳୀନ ଉପବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଏଥି ନିମନ୍ତେ କାର୍ଯ୍ୟ କରିବା ସହିତ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ଅନୁରୂପ ଭାବେ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଗତ ବର୍ଷମାନଙ୍କରେ ଯେଉଁ ସ୍ଥାନରେ ଅଂଶୁଘାତ ଜନିତ ସମସ୍ୟା ଦେଖାଦେଇଥିଲା, ସେହି ସ୍ଥାନ ମାନଙ୍କରେ ସଂପୃକ୍ତ ଅଧିକାରୀମାନେ ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜଳକଷ୍ଟ ଦୂର କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପ ଗୁଡ଼ିକୁ ସଚଳ କରିବା ନିମନ୍ତେ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଞ୍ଚାୟତ ଗୁଡ଼ିକ ପକ୍ଷରୁ ବସଷ୍ଟାଣ୍ଡ, ହାଟ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଜଳଛତ୍ର ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯିବ ।

### ଚାକିରି କରାଇ ଦେବା ନାଁରେ ୧୪ ଲକ୍ଷ ଚଳୁ

## ଠକେଇର ଦୁଇବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ସରକାରୀ ଚାକିରି କରାଇ ଦେବା ନାଁରେ ପତ୍ନୀ ଓ ଶାଳୀଙ୍କ ଠାରୁ ପର୍ଯ୍ୟାୟକ୍ରମେ ୧୪ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପାଲିସ ମଙ୍ଗଳବାର ଜଣେ ଠକକୁ ଠକେଇ କରିବାର ୨ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ବୁଲୁ ଗୌଡ (୪୦) ଓ ତାଙ୍କ ଘର ଗଞ୍ଜାମ ଖଲ୍ଲିକୋଟରେ ବୋଲି ଜଣାପଡିଛି। ବର୍ତ୍ତମାନ ବୁଲୁ ପାତ୍ରପଡାରେ ରହୁଛନ୍ତି। ଏନେଇ ସୁଶାନ୍ତ କୁମାର ପାଢୀ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୨୪ ମସିହାରେ ଅଭିଯୋଗକାରୀଙ୍କର ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଧୀନ ଚିକିଲି, ଗୋପପୁର ଗ୍ରାମର ଅଭିଯୁକ୍ତ ବୁଲୁ ଗୌଡଙ୍କ ସହିତ ଚିହ୍ନାପରିଚୟ ହୋଇଥିଲା । ସେ ତାଙ୍କ ପ୍ରଭାବ ମାଧ୍ୟମରେ ଅଭିଯୋଗକାରୀଙ୍କ ସ୍ତ୍ରୀ ସୁନିତା କୁମାରୀ ସାମନ୍ତରାୟ ଓ ତାଙ୍କ ଭଉଣୀ ସାଗରିକା ପାତ୍ରଙ୍କୁ ସରକାରୀ ଚାକିରି କରାଇ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ସମୟରେ ତାଙ୍କୁ ଟଙ୍କା ଦେଇଥିଲେ । ଗତ ୨୦୨୪ ମସିହା ନଭେମ୍ବର ୧୪ ତାରିଖରେ ଅଭିଯୋଗକାରୀଙ୍କ କକା ସୁବାଷ ଚନ୍ଦ୍ର ତ୍ରିପାଠୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କ ଏସ୍‌ବିଆଇ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଏହା ସହିତ ୟୁପିଆଇ ମାଧ୍ୟମରେ ୨ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱରର ବାପୁଜୀ ନଗର ଓ ମାଷ୍ଟର କ୍ୟାଣ୍ଟିନ୍ ଅଞ୍ଚଳରେ ସାକ୍ଷାତ କରି ୯ ଲକ୍ଷ ଟଙ୍କା ନଗଦ ଆକାରରେ ଦିଆଯାଇଥିଲା । ଚାକିରି ପ୍ରକ୍ରିୟା କରିବା ନାମରେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ସ୍ତ୍ରୀ ଓ ଭଉଣୀଙ୍କ ମୂଳ ଶିକ୍ଷାଗତ ପ୍ରମାଣପତ୍ର ମଧ୍ୟ ନେଇଯାଇଥିଲେ । ଏପରି ଭାବେ ମୋଟ ୧୪ ଲକ୍ଷ ଟଙ୍କା ଓ ମୂଳ ପ୍ରମାଣପତ୍ର ନେବା ପରେ ମଧ୍ୟ ଅଭିଯୁକ୍ତ କୌଣସି ଚାକିରି ବ୍ୟବସ୍ଥା କରିନଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣଙ୍କ ଅଭିଯୋଗକାରୀଙ୍କ ଠାରୁ ଅଧିକ ଟଙ୍କା ପୁଣିଥରେ ଦାବି କରିଥିଲେ। ତଦନ୍ତ ସମୟରେ ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅଭିଯୁକ୍ତ ବୁଲୁ ଗୌଡଙ୍କୁ ମଙ୍ଗଳବାର ପାତ୍ରପଡା ଅଞ୍ଚଳରୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ସେ ତାଙ୍କର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ତାଙ୍କ ନାମରେ ବିଭିନ୍ନ ଥାନାରେ ୬ ଗୋଟି ଭିନ୍ନ ମାମଲା ରହିଛି।

ତିଥି : (ଅଷ୍ଟମୀ) : (ଜ୍ୟେଷ୍ଠା ବିଛା)

ଅମୃତବେଳା: ଦିବା ଘ.୭ ।୩୮ ମଧ୍ୟେ ଘ୧୨ ।୨୬ ଗତେ

## ଆଜିର ଅନୁଚିନ୍ତନ

ଯେପରି ନଦୀଗୁଡ଼ିକର ଅନେକ ଜଳସ୍ରୋତ ସ୍ୱାଭାବିକ ଭାବେ ସମୁଦ୍ର ଅଭିମୁଖେ ଧାବମାନ ହୁଅନ୍ତି, ସେହିପରି ପୃଥିବୀର ମହାନ୍ ଶୂରବୀରମାନେ ଆପଣଙ୍କର ଦେଦୀପ୍ୟମାନ ମୁଖରେ ପ୍ରବେଶ କରୁଛନ୍ତି।

।। - ଶ୍ରୀମଦ୍ ଭଗବଦ୍ ଗୀତା

# ଯୁଦ୍ଧଖୋରତାରୁ ଫାଇଦା !

ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଦିନକୁ ଦିନ ଜଟିଳ ସ୍ଥିତିରେ ପହଞ୍ଚୁଥିବାବେଳେ ରୁଷିଆ ଇରାନକୁ ସମର୍ଥନ କରିବ ଏ ଖବର ଆସିବା ପରଠାରୁ ଯୁଦ୍ଧ ଭିନ୍ନମୋଡ଼ ଗ୍ରହଣ କରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଯୋର ଜାର ମୂଳକ ତାର ସେହି ନ୍ୟାୟରେ ମଧ୍ୟପ୍ରାଚ୍ୟର ଯୁଦ୍ଧର ଗତିପଥ ହୋଇଥିବା ଯେ କେହି ଅନୁମାନ କରିପାରିବେ। ବିଶେଷ କରି ତୈଳ ରାଜନୀତି ଏହାର ମୁଖ୍ୟ କେନ୍ଦ୍ରବିନ୍ଦୁ। ଇସ୍ରାଏଲର ପ୍ରବଳ ଆକ୍ରମଣରେ ଇରାନର ବହୁ ତୈଳ ଡିପୋ ଧ୍ୱଂସହେବା ଏବଂ ଜଳି ଛାରଖାର ହେବା ନେଇ ଆମେରିକା କ୍ଷୁବ୍ଧ ହେବାର ଖବର ଗଣମାଧ୍ୟମକୁ ଆସିଛି। ଯାହା ମନେ ହୁଏ ଇସ୍ରାଏଲ ଅଧିକ ଭାବରେ ଆକ୍ରମଣ ଇରାନ ଉପରେ ନ କରୁ, ତୈଳ ଡିପୋଗୁଡ଼ିକୁ ନଷ୍ଟ ନ କରୁ, ଆମେରିକା ଏହା ଚାହୁଁଛି। ଯୁଦ୍ଧରେ ରୁଷିଆର ଲମ୍ଫ ପ୍ରଦାନ ସମ୍ଭାବନା ନେଇ ଯାହା କୁହାଯାଉଛି ତାହା ପଛରେ ମନେ ହେଉଛି ରୁଷିଆ ଇରାନର ସଂପର୍କ ପୁଣି ଯୋଡ଼ିବାର ଇଏ ହେଉଛି ଏକ ସୁଯୋଗ।

ସ୍ମରଣ କରାଯାଇପାରେ ଯେ ୨୦୨୨ ଫେବୃଆରୀରେ ଯୁକ୍ରେନକୁ ରୁଷ୍ ରାଷ୍ଟ୍ରପତି ପୁଟିନ ସୈନକଙ୍କ ଦଳକୁ ପଠାଇଲେ । ସେତେବେଳେ ଇରାନ ସାହିଦ ଡ୍ରୋନ ରୁଷିଆକୁ ଯୋଗାଇଥିଲା। କେବଳ ସେତିକି ନୁହେଁ ସେହି ଡ୍ରୋନ ରୁଷିଆରେ ଉତ୍ପାଦନ ଲାଗି ଲାଇସେନ୍ସର ବ୍ୟବସ୍ଥା ମଧ୍ୟ କରିଥିଲା। ଯଦିଓ ରୁଷିଆ ଇସ୍ରାଏଲ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କରେ ରହିଥିବାବେଳେ ତାହାକୁ ଇରାନ ନାପସନ୍ଦ କରିଥିଲା। ରୁଷିଆର ଅଭିପ୍ରାୟ ସନ୍ଦେହଜନକ ହୋଇଥିବା ଅନୁମାନ କରି ବହୁ ଇରାନୀୟ ନେତା ରୁଷିଆ ଉପରେ ରାଗରେ ଜରଜର ହୋଇଥିଲା। ଏବର ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇରାନର ସୁପ୍ରିମ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ନିଧନ ପରେ ପୁଟିନ ଇରାନର ରାଷ୍ଟ୍ରପତି ପେଜସ୍କିନଙ୍କ ନିକଟକୁ ଗତ ସପ୍ତାହରେ ଉଲ୍ଲେଖ କରିଥିଲେ ଯେ ଘଟିଥିବା ଘଟଣା ମାନବୀୟ ନୈତିକତା ତଥା ଅନ୍ତର୍ଜାତୀୟ ଆଇନର ସମସ୍ତ ନିୟମକୁ ସାଂଘାତିକ ଭାବରେ ଉଲ୍ଲଂଘନ କରୁଛି। ଏହି ଗୋଟିଏ ବାକ୍ୟରେ ଅନୁମାନ କରାଯାଉଥିଲା ହୁଏତ ଆଗକୁ ରୁଷିଆ ଉକ୍ତ ଯୁଦ୍ଧରେ ପ୍ରବେଶ କରିବ। ଯାହାକି ଇରାନକୁ ସମର୍ଥନ ଦେଇଥିବା ହେତୁ ସେହି ସମ୍ଭାବ୍ୟତା ବଢ଼ିଛି।

ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ରାଷ୍ଟ୍ରପତି ପୁଟିନଙ୍କ ଯୁକ୍ରେନ ବିରୋଧରେ ଯୁଦ୍ଧର ଗମ୍ଭୀରତାକୁ ମୋଡ଼ ଦେବା ପାଇଁ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଅଧିକ ପସନ୍ଦ କରୁଛନ୍ତି। ଏହା ଜରିଆରେ ରୁଷିଆ ତାହାର ତୈଳ ରାଜସ୍ୱକୁ ବୃଦ୍ଧି ଘଟାଇପାରିବ । ପୂର୍ବତନ ସିରିଆ ଶାସକ ବସାର ଆସାଦ ୨୦୨୪ରେ ବିଦା ହେବା ପରେ ରୁଷିଆ କୌଣସି ପ୍ରକାର ସହାୟତା କରିବାରେ ବ୍ୟର୍ଥ ହୋଇଥିଲା। ଏପରିକି ଭେନେଜୁଏଲା ନେତା ନିକୋଲସ ମାଦୁରୋଙ୍କୁ ଗତ ଜାନୁୟାରୀରେ ଆମେରିକା ଗିରଫ କରିବା ପରେ ରୁଷିଆ ସେଥିରେ କୌଣସି ମୁଣ୍ଡ ଖେଳାଇ ନ ଥିଲା। ତେବେ ଏହା ଆଶା ରଖିଛି କିଛି ନା କିଛି ଫାଇଦା ହାସଲ କରିବ। ସହଜେ ଇରାନର ହାର୍ମୁଜ ପ୍ରଣାଳୀ ବନ୍ଦ ଥିବା କାରଣରୁ ରୁଷିଆ ତାହାର ତୈଳ ସଂପଦ ବିକ୍ରିବଟା କରିବାରେ ଅଧିକ ଉତ୍ସାହିତ ହେବାରେ ଲାଗିଛି। ଏହା ମଧ୍ୟ ରୁଷିଆର ରାଜକୋଷକୁ ଅଧିକ ସମୃଦ୍ଧି କରିଚାଲିଛି। ଅର୍ଥାତ୍ ସଂପ୍ରତି ଶକ୍ତି କ୍ଷେତ୍ରରେ ଯେଉଁ ମହଙ୍ଗା ସ୍ଥିତି ସୃଷ୍ଟି ହୋଇଛି ସେଥିରେ ରୁଷିଆ ଫାଇଦା ପାଇଚାଲିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସାମିଲ ହେଲେ ବିଶ୍ୱ ଯେଉଁ ଦୃଷ୍ଟି ଯୁକ୍ରେନ ଯୁଦ୍ଧ ଉପରେ ରହିଛି ତାହା ହଟିବ। ତାହାଛଡ଼ା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଅସ୍ତ୍ରଶସ୍ତ୍ର କ୍ଷୟ ହେବା କାରଣରୁ ସେମାନେ ଆମେରିକା ଉପରେ ଚାପ ସୃଷ୍ଟି କରିବେ। ଯାହାଦ୍ୱାରା କିଭ୍‌କୁ ସାମରିକ ସମର୍ଥନ ହ୍ରାସ ପାଇବ। ପୁଟିନ ଏଭଳି ଅନୁମାନ କରିଛନ୍ତି।

ସପ୍ତାହକ ପୂର୍ବେ ଯୁଦ୍ଧର ସ୍ଥିତି ବେଳେ ପୁଟିନ ଇରାନ ରାଷ୍ଟ୍ରପତି ପେଜେସ୍କିଆନଙ୍କୁ ଟେଲିଫୋନ୍ ଯୋଗ କହିଥିଲେ ମସ୍କୋ ଉପୁଜିଥିବା ଶତ୍ରୁତାର ଅନ୍ତ ଚାହୁଁଛି। ରୁଷୀୟ ରାଜନୀତି ସଂପର୍କରେ ଜଣେ ବିଶେଷଜ୍ଞଙ୍କ ମତ ମଧ୍ୟପ୍ରାଚ୍ୟରେ ରୁଷିଆ ଏକ ଫଳପ୍ରଦ ଅପରେଟର ହେବା ଲକ୍ଷ୍ୟ ରଖିଛି। ଏହି କାରଣରୁ ଯୁଦ୍ଧ ପ୍ରତି ଆଗ୍ରହ ଏବେ ପ୍ରକାଶ କରିଛି। ଯଦି ଏହା ସତ୍ୟ ହୋଇଥାଏ, ତେବେ ଯୁଦ୍ଧରୁ ନିଜ ନିଜ ଫାଇଦା ଉଠାଇ ଅବଶିଷ୍ଟ ଦେଶଗୁଡ଼ିକୁ ଶୋଷଣ କରିବାକୁ ପ୍ରମୁଖ ଯୁଦ୍ଧଖୋର ରାଷ୍ଟ୍ରଗୁଡ଼ିକ ପ୍ରାଥମିକତା ଦେଉଛନ୍ତି, ଏହା ହିଁ ବୁଝିବାକୁ ହେବ।

# ଭୋଟରଙ୍କ ଦ୍ୱିତୀୟ ଅଧିକାର

**ସୌମ୍ୟ ରଞ୍ଜନ ଦାଶ**

> ନିର୍ବାଚନ କେବଳ ଏକ ଦିନର ଉତ୍ସବ ନୁହେଁ, ବରଂ ଏହା ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାର ଏକ ନିରନ୍ତର ପ୍ରବାହ। ଯଦି ଜଣେ ନିର୍ବାଚିତ ପ୍ରତିନିଧି ନିଜ ମଣ୍ଡଳୀରୁ ଦୂରେଇ ରହନ୍ତି, ଦୁର୍ନୀତିରେ ଲିପ୍ତ ରହନ୍ତି କିମ୍ବା ନିଜର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବା ଲୋକଙ୍କ ପାଇଁ ଏକ ଦଣ୍ଡ ସଦୃଶ। ଏହି ସ୍ଥିତି ନିର୍ବାଚିତ ପ୍ରତିନିଧିଙ୍କୁ ଏକ 'ଅସୀମ ଲାଇସେନ୍ସ' ପ୍ରଦାନ କରିଥାଏ, ଯେଉଁଥିରେ ସେମାନେ ନିଜକୁ ଜନତାଙ୍କ ସେବକ ନୁହେଁ ବରଂ ପାଞ୍ଚ ବର୍ଷ ପାଇଁ ଶାସକ ବୋଲି ମନେ କରନ୍ତି। ଏହି ଅଭାବକୁ ଦୂର କରିବା ପାଇଁ 'ଫେରାଇ ଆଣିବାର ଅଧିକାର' ବିଷୟରେ ଆଲୋଚନା ହେବା ଜରୁରୀ। ଏହା ଏକ ନୂଆ ଧାରଣା ନୁହେଁ।

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଜନତାଙ୍କୁ 'ଜନାର୍ଦ୍ଦନ' ବୋଲି କୁହାଯାଏ। ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚନ ଆସେ ଏବଂ ମତଦାତା ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରି ନିଜର ପ୍ରତିନିଧି ବାଛନ୍ତି। କିନ୍ତୁ ପ୍ରଶ୍ନ ଉଠେ, ଏହି କ୍ଷମତା କ'ଣ କେବଳ ସେହି ଗୋଟିଏ ଦିନ ପାଇଁ ସୀମିତ ? ନିକଟରେ ସଂସଦରେ ରାଜ୍ୟସଭା ସାଂସଦ ରାଘବ ଚଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ଉପସ୍ଥାପନ କରିଥିଲେ— 'ଯଦି ଭୋଟର ଜଣେ ପ୍ରତିନିଧିଙ୍କୁ ନିଯୁକ୍ତ କରିପାରୁଛନ୍ତି, ତେବେ ତାଙ୍କୁ ବରଖାସ୍ତ କରିବାର ଶକ୍ତି ମଧ ସେମାନଙ୍କ ପାଖରେ ରହିବା ଉଚିତ।' ଏହି ଗୋଟିଏ ବାକ୍ୟ ଭାରତୀୟ ଗଣତନ୍ତ୍ରର ମୂଳଦୁଆକୁ ଆନ୍ଦୋଳିତ କରିଛି। ଏହା କେବଳ ଏକ ରାଜନୈତିକ ସ୍ଲୋଗାନ ନୁହେଁ, ବରଂ ନିର୍ବାଚିତ ପ୍ରତିନିଧିଙ୍କ ଜବାବ ଦେବା ଏବଂ ଜନସାଧାରଣଙ୍କ ସର୍ବୋଚ୍ଚ କ୍ଷମତା ଉପରେ ଏକ ବଡ଼ ପ୍ରଶ୍ନବାଚୀ। ଆମେ କ'ଣ ଆମର ପ୍ରତିନିଧିମାନଙ୍କୁ ପାଞ୍ଚ ବର୍ଷ ପାଇଁ ଏକ ଅବାଧ 'ଅନୁମତି ପତ୍ର' ବା 'ବ୍ଲୁ-ପ୍ରିଣ୍ଟ' ଦେଇଦେଉଛୁ, ଯେଉଁଠି ସେମାନେ ନିଜ ମର୍ଜିରେ କାମ କରିବେ ଏବଂ ଜନତା କେବଳ ପରବର୍ତ୍ତୀ ନିର୍ବାଚନକୁ ଅପେକ୍ଷା କରି ରହିବେ ?

ଭାରତୀୟ ସମ୍ବିଧାନରେ ସାଂସଦ କିମ୍ବା ବିଧାୟକଙ୍କୁ ମଧ୍ୟବର୍ତ୍ତୀ ସମୟରେ ଲୋକମାନେ ସିଧାସଳଖ ବରଖାସ୍ତ କରିବାର କୌଣସି ବଳିଷ୍ଠ ବ୍ୟବସ୍ଥା ନାହିଁ। ବର୍ତ୍ତମାନର ଆଇନ ଅନୁଯାୟୀ, ଜଣେ ସଦସ୍ୟଙ୍କ ଅଯୋଗ୍ୟତା ମୁଖ୍ୟତଃ 'ଲୋକ ପ୍ରତିନିଧି ଅଧିନିୟମ, ୧୯୫୧' ଦ୍ୱାରା ନିର୍ଦ୍ଧାରିତ ହୁଏ। ସମ୍ବିଧାନର ଅନୁଚ୍ଛେଦ ୧୦୧ ଏବଂ ୧୯୦ ଅନୁଯାୟୀ ସଂସଦ କିମ୍ବା ବିଧାନସଭାରେ ପଦବୀ ଖାଲି ହେବାର ସର୍ତ୍ତାବଳୀ ରହିଛି।

ସେହିପରି ଦଶମ ଅନୁସୂଚୀ ବା ଦଳବଦଳ ବିରୋଧୀ ଆଇନ ଅନୁଯାୟୀ ଜଣେ ସଦସ୍ୟଙ୍କ ପଦ ରଦ୍ଦ କରାଯାଇପାରେ। କିନ୍ତୁ ଏହି ସମସ୍ତ ବ୍ୟବସ୍ଥା ଆଇନଗତ କିମ୍ବା ପ୍ରଶାସନିକ ତ୍ରୁଟି ଉପରେ ଆଧାରିତ। ଯଦି ଜଣେ ପ୍ରତିନିଧି ନିଜ କାର୍ଯ୍ୟରେ ଅବହେଳା କରନ୍ତି, ନିଜ ନିର୍ବାଚନ ମଣ୍ଡଳୀର ବିକାଶ ପ୍ରତି ଆଖି ବୁଜି ଦିଅନ୍ତି କିମ୍ବା ଜନମତର ବିରୁଦ୍ଧରେ ଯାଇ କାର୍ଯ୍ୟ କରନ୍ତି, ତେବେ ତାଙ୍କୁ ହଟାଇବା ପାଇଁ ଭୋଟରଙ୍କ ପାଖରେ କୌଣସି ତାତ୍କାଳିକ ଅସ୍ତ୍ର ନାହିଁ। ଆମ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଅବିଶ୍ୱାସ ପ୍ରସ୍ତାବ ଜରିଆରେ ବିଧାୟିକା ହଟାଇପାରିବେ, ବାଚସ୍ପତିଙ୍କୁ ମଧ ବାହାର କରାଯାଇପାରିବ, କିନ୍ତୁ ଯେଉଁ ଜନତା ସେମାନଙ୍କୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ଜୟଯୁକ୍ତ କରିଛନ୍ତି, ସେହି ଜନତା କାହିଁକି ପାଞ୍ଚ ବର୍ଷ ପାଇଁ ଅସହାୟ ହୋଇ ରହିବେ ?

ଗଣତନ୍ତ୍ରର ପ୍ରକୃତ ମର୍ମ ହେଉଛି ଜବାବଦେବା। ନିର୍ବାଚନ କେବଳ ଏକ ଦିନର ଉତ୍ସବ ନୁହେଁ, ବରଂ ଏହା ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାର ଏକ ନିରନ୍ତର ପ୍ରବାହ। ଯଦି ଜଣେ ନିର୍ବାଚିତ ପ୍ରତିନିଧି ନିଜ ମଣ୍ଡଳୀରୁ ଦୂରେଇ ରହନ୍ତି, ଦୁର୍ନୀତିରେ ଲିପ୍ତ ରହନ୍ତି କିମ୍ବା ନିଜର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବା ଲୋକଙ୍କ ପାଇଁ ଏକ ଦଣ୍ଡ ସଦୃଶ। ଏହି ସ୍ଥିତି ନିର୍ବାଚିତ ପ୍ରତିନିଧିଙ୍କୁ ଏକ 'ଅସୀମ ଲାଇସେନ୍ସ' ପ୍ରଦାନ କରିଥାଏ, ଯେଉଁଥିରେ ସେମାନେ ନିଜକୁ ଜନତାଙ୍କ ସେବକ ନୁହେଁ ବରଂ ପାଞ୍ଚ ବର୍ଷ ପାଇଁ ଶାସକ ବୋଲି ମନେ କରନ୍ତି। ଏହି ଅଭାବକୁ ଦୂର କରିବା ପାଇଁ 'ଫେରାଇ ଆଣିବାର ଅଧିକାର' ବିଷୟରେ ଆଲୋଚନା ହେବା ଜରୁରୀ। ଏହା ଏକ ନୂଆ ଧାରଣା ନୁହେଁ। ଆମେରିକାର କେତେକ ରାଜ୍ୟରେ ଗଭର୍ଣ୍ଣର କିମ୍ବା ମେୟରଙ୍କୁ ହଟାଇବା ପାଇଁ 'ରିକଲ୍ ଭୋଟ'ର ବ୍ୟବସ୍ଥା ରହିଛି। ସେହିପରି ସୁଇଜରଲ୍ୟାଣ୍ଡ ପରି ଦେଶରେ ମଧ ପ୍ରତ୍ୟକ୍ଷ ଗଣତନ୍ତ୍ରର ଏହି ରୂପ ଦେଖିବାକୁ ମିଳେ। ଭାରତରେ ମଧ କେତେକ ରାଜ୍ୟ ଯଥା ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ହରିୟାଣାର ପଞ୍ଚାୟତିରାଜ ଆଇନରେ ସରପଞ୍ଚମାନଙ୍କ ପାଇଁ ସୀମିତ ସ୍ତରରେ ରିକଲ୍ ବ୍ୟବସ୍ଥା ରହିଛି। ଯଦି ଜଣେ ସରପଞ୍ଚଙ୍କୁ ହଟାଯାଇପାରୁଛି, ତେବେ ସାଂସଦ କିମ୍ବା ବିଧାୟକଙ୍କ କ୍ଷେତ୍ରରେ ଏହା କାହିଁକି ସମ୍ଭବ ନୁହେଁ ?

ଏହି ନୀତିକୁ ଉଚ୍ଚ ସ୍ତରରେ ଲାଗୁ ନ କରିବାର ମୁଖ୍ୟ କାରଣ ହେଉଛି ରାଜନୈତିକ ଅସ୍ଥିରତାର ଭୟ। ସମାଲୋଚକମାନେ ଯୁକ୍ତି କରନ୍ତି ଯେ, ଯଦି ରିକଲ୍ ଅଧିକାର ଦିଆଯାଏ, ତେବେ ବିରୋଧୀ ଦଳଗୁଡ଼ିକ ଏହାର ଦୁର୍ବ୍ୟବହାର କରି ଶାସକ ପକ୍ଷର ସଦସ୍ୟମାନଙ୍କ ବିରୋଧରେ ଲଗାତାର ଅଭିଯାନ ଚଳାଇବେ। ଏହାଦ୍ୱାରା ଦେଶରେ ସବୁବେଳେ ନିର୍ବାଚନର ମାହୋଲ ଲାଗିରହିବ ଏବଂ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ଏହି ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଦେବା।

ଏଥିପାଇଁ ଏକ ସୁଚିନ୍ତିତ ସାମ୍ବିଧାନିକ ଢାଞ୍ଚା ଆବଶ୍ୟକ। ସମ୍ବିଧାନର ଅନୁଚ୍ଛେଦ ୮୩ ଏବଂ ୧୭୨ରେ ସଂଶୋଧନ କରି ସଦସ୍ୟଙ୍କ ପାଞ୍ଚବର୍ଷିଆ କାର୍ଯ୍ୟକାଳକୁ ଜନସନ୍ତୋଷ ସହିତ ଯୋଡ଼ାଯାଇପାରିବ। ଏହି ପ୍ରକ୍ରିୟା ଯେପରି ପ୍ରତିଶୋଧର ରାଜନୀତିରେ ପରିଣତ ନ ହୁଏ, ସେଥିପାଇଁ କିଛି କଠୋର ସର୍ତ୍ତାବଳୀ ରଖାଯାଇପାରେ। ଉଦାହରଣ ସ୍ୱରୂପ, କାର୍ଯ୍ୟକାଳର ପ୍ରଥମ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ରିକଲ୍ ଆବେଦନ ଗ୍ରହଣ କରାଯିବ ନାହିଁ। ନିର୍ବାଚନ ମଣ୍ଡଳୀର ଅତି କମ୍‌ରେ ୫୦ ପ୍ରତିଶତ ପଂଜୀକୃତ ଭୋଟରଙ୍କ ସ୍ୱାକ୍ଷରିତ ଆବେଦନ ପରେ ହିଁ ନିର୍ବାଚନ କମିଶନ ତଦନ୍ତ କରି ରିକଲ୍ ଭୋଟ କରାଇବେ। ଯଦି ରିକଲ୍ ଭୋଟରେ ସଦସ୍ୟ ହାରିଯାଆନ୍ତି, ତେବେ ହିଁ ସେ ପଦଚ୍ୟୁତ ହେବେ। ଏବଂ ଥରେ ଏହି ଅଭିଯାନ ବିଫଳ ହେଲେ, ସେହି କାର୍ଯ୍ୟକାଳ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏପରି ଆବେଦନକୁ ନିଷିଦ୍ଧ କରାଯାଇପାରେ।

ବାସ୍ତବରେ, ଗଣତନ୍ତ୍ରରେ ଜନପ୍ରତିନିଧି ଏବଂ ଭୋଟରଙ୍କ ମଧ୍ୟରେ ଥିବା ସମ୍ପର୍କ କେବଳ ଭୋଟ୍ ବାକ୍ସରେ ସୀମିତ ରହିବା ଅନୁଚିତ। 'ରାଇଟ୍ ଟୁ ରିକଲ୍' ବା ପ୍ରତିନିଧିଙ୍କୁ ଫେରାଇ ଆଣିବାର ଅଧିକାର କେବଳ ଏକ ଆଇନଗତ ବ୍ୟବସ୍ଥା ନୁହେଁ, ବରଂ ଏହା ରାଜନୈତିକ ସ୍ୱଚ୍ଛତାର ଏକ ଶକ୍ତିଶାଳୀ ମାଧ୍ୟମ। ଯେତେବେଳେ ଜଣେ ପ୍ରତିନିଧି ଜାଣନ୍ତି ଯେ ତାଙ୍କ କାର୍ଯ୍ୟକାଳ ଜନସନ୍ତୋଷ ଉପରେ ନିର୍ଭରଶୀଳ, ସେତେବେଳେ ସେ ଦୁର୍ନୀତି ଓ ସ୍ୱେଚ୍ଛାଚାରିତାରୁ ଦୂରେଇ ରହିବାକୁ ବାଧ ହେବେ। ଏହା ଜନସାଧାରଣଙ୍କ ମନରେ ହଜିଯାଉଥିବା ବିଶ୍ୱାସକୁ ପୁନଃସ୍ଥାପିତ କରିବ ଏବଂ ଶାସନ ବ୍ୟବସ୍ଥାରେ ସାଧାରଣ ନାଗରିକଙ୍କ ସହଭାଗିତାକୁ ବୃଦ୍ଧି କରିବ। ଯଦି ଆମେ ଏକ ସଶକ୍ତ ଭାରତ ଗଢ଼ିବାକୁ ଚାହୁଁଛୁ, ତେବେ ଜନତାଙ୍କୁ କେବଳ ପାଞ୍ଚ ବର୍ଷରେ ଥରେ 'ଭାଗ୍ୟବିଧାତା' ନୁହେଁ, ବରଂ ସର୍ବଦା 'ନିୟନ୍ତ୍ରକ' ଭାବେ ଗ୍ରହଣ କରିବାକୁ ପଡ଼ିବ। ଆମକୁ ବୁଝିବାକୁ ହେବ ଯେ ଲୋକତନ୍ତ୍ର କେବଳ ଏକ ମିଆଦୀ ଚୁକ୍ତି ନୁହେଁ, ବରଂ ଏହା ଏକ ନିରନ୍ତର ଆସ୍ଥାର ସମ୍ବନ୍ଧ। ଯଦି ଜନପ୍ରତିନିଧି ନିଜକୁ ଲୋକଙ୍କ ସେବକ ବୋଲି କହୁଛନ୍ତି, ତେବେ ମାଲିକ (ଜନତା)ଙ୍କ ପାଖରେ ଜଣେ ଅଯୋଗ୍ୟ ସେବକକୁ ପରିବର୍ତ୍ତନ କରିବାର ଅଧିକାର ନଥିବା କେଉଁ ପ୍ରକାର ଯୁକ୍ତିସଂଗତ ?

ଆଜିର ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ସାଧାରଣ ଜନତା ପୂର୍ବ ଅପେକ୍ଷା ଅଧିକ ସଚେତନ ଓ ସକ୍ରିୟ। ସୋସିଆଲ ମିଡିଆ ଜରିଆରେ ପ୍ରତିନିଧିଙ୍କ ପ୍ରତିଟି କାର୍ଯ୍ୟ ଉପରେ ଜନସାଧାରଣ ନଜର ରଖୁଛନ୍ତି। ଏଭଳି ସ୍ଥିତିରେ 'ରାଇଟ୍ ଟୁ ରିକଲ୍' ବା ପ୍ରତିନିଧିଙ୍କୁ ବରଖାସ୍ତ କରିବାର ଅଧିକାର କେବଳ ଏକ ବିକଳ୍ପ ନୁହେଁ, ବରଂ ଗଣତାନ୍ତ୍ରିକ ପରିପକ୍ୱତାର ଏକ ପ୍ରମାଣ। ଏହା ଦ୍ୱାରା ରାଜନୈତିକ ଦଳଗୁଡ଼ିକ ମଧ ପ୍ରାର୍ଥୀ ଚୟନ ସମୟରେ ଅଧିକ ସତର୍କ ହେବେ ଏବଂ କେବଳ 'ଜିତିବା କ୍ଷମତା' ବଦଳରେ 'ସେବା କରିବାର ଯୋଗ୍ୟତା'କୁ ଗୁରୁତ୍ୱ ଦେବେ। ଯଦି ଜଣେ ପ୍ରତିନିଧିଙ୍କ ଆଚରଣ କିମ୍ବା କାର୍ଯ୍ୟଦକ୍ଷତା ସମ୍ବିଧାନର ମୂଲ୍ୟବୋଧକୁ କ୍ଷୁଣ୍ଣ କରୁଛି, ତେବେ ତାଙ୍କୁ ସମ୍ମାନର ସହ ବିଦାୟ ଦେବାର ସାମ୍ବିଧାନିକ ବାଟ ଖୋଲା ରହିବା ଉଚିତ। ଏହାଦ୍ୱାରା ଦେଶର ସଂସଦୀୟ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ହେବା ସହ ଜନପ୍ରତିନିଧି ଓ ଜନତାଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ। ଶେଷରେ, ଗଣତନ୍ତ୍ରର ସାରବତ୍ତା କେବଳ ଶାସନରେ ନାହିଁ, ବରଂ ଶାସକଙ୍କୁ ନିୟନ୍ତ୍ରଣ କରିବାର ସାର୍ବଭୌମ ଶକ୍ତିରେ ହିଁ ନିହିତ। ଏହି କ୍ଷମତା ଯେତେବେଳେ ଭୋଟରଙ୍କ ହାତକୁ ଆସିବ, ସେତେବେଳେ ପ୍ରକୃତ ସ୍ୱରାଜର ସ୍ୱପ୍ନ ସାକାର ହୋଇପାରିବ। ଭାରତରେ 'ନୋଟା' ଭଳି ବ୍ୟବସ୍ଥା ଆସିବା ପରେ ଜନତାଙ୍କ କ୍ଷମତା କିଛି ମାତ୍ରାରେ ବଢ଼ିଛି, କିନ୍ତୁ ତାହା କେବଳ ନିର୍ବାଚନ ସମୟରେ ହିଁ ସୀମିତ। 'ରାଇଟ ଟୁ କଲ୍' ବ୍ୟବସ୍ଥା ଲାଗୁ ହେଲେ ପ୍ରତିନିଧିମାନଙ୍କ ମନରେ ଏକ ଭୟ ରହିବ, ଯାହା ସେମାନଙ୍କୁ ସର୍ବଦା ଜନସାଧାରଣଙ୍କ ସହ ଯୋଡ଼ି ହୋଇ ରହିବାକୁ ବାଧ କରିବ। ଏହା ଦ୍ୱାରା ରାଜନୀତିରେ କେବଳ ସେହିମାନେ ଟିକି ରହିବେ ଯେଉଁମାନେ ପ୍ରକୃତରେ କାମ କରୁଛନ୍ତି।

ସାରାଂଶରେ କହିବାକୁ ଗଲେ, 'ଭୋଟର ନିଯୁକ୍ତ କରିପାରିଲେ ବରଖାସ୍ତ ମଧ କରିପାରିବେ' - ଏହା କେବଳ ଏକ ସ୍ୱପ୍ନ ନୁହେଁ, ବରଂ ଗଣତନ୍ତ୍ରର ଗଭୀର ଆତ୍ମପରିଶୋଧନ ପାଇଁ ଏକ ଆହ୍ୱାନ। ସମ୍ବିଧାନରେ ଆମେ ଭାରତବାସୀ ବୋଲି କୁହାଯାଇ ଜନତାଙ୍କୁ ହିଁ ସର୍ବୋଚ୍ଚ କ୍ଷମତା ଦିଆଯାଇଛି।

ଯଦି ସାର୍ବଭୌମତ୍ୱ ଲୋକଙ୍କର, ତେବେ ସେମାନଙ୍କ ନିୟନ୍ତ୍ରଣ ମଧ ନିରନ୍ତର ହେବା ଉଚିତ। ଜନପ୍ରତିନିଧି ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ରହିଲେ ହିଁ ଗଣତନ୍ତ୍ରର ଅଧୁରା ଅଧ୍ୟାୟ ସମ୍ପୂର୍ଣ୍ଣ ହେବ। ଏହା ନିଶ୍ଚିତ ଭାବେ ଏକ ବଡ଼ ସଂସ୍କାର, ଯାହା ପାଇଁ ବ୍ୟାପକ ଆଲୋଚନା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଯେଉଁଦିନ ଭାରତୀୟ ଭୋଟରଙ୍କ ହାତରେ ଏହି ଶକ୍ତି ଆସିବ, ସେଦିନ ପ୍ରକୃତ ଅର୍ଥରେ 'ଲୋକଙ୍କ ଶାସନ' ପ୍ରତିଷ୍ଠିତ ହେବ।

ଯାଜପୁର
ମୋ ୮୮୯୫୯୫୨୩୧୫

# ମହିଳାଙ୍କ ପାଇଁ ସାମାଜିକ ଗଣମାଧ୍ୟମର ଆହ୍ୱାନ

**ଡାକ୍ତର ଶୁଭଶ୍ରୀ ମିଶ୍ର**

ବର୍ତ୍ତମାନ ସମୟକୁ ଦେଖିଲେ ସାମାଜିକ ଗଣମାଧ୍ୟମ ସବୁକ୍ଷେତ୍ରକୁ ଏକ ପ୍ରକାର ଛୁଇଁ ଯାଇଛି। ମହିଳାମାନଙ୍କ ଜୀବନର ଏକ ପ୍ରକାର ଅଂଶ ପାଲଟି ଯାଇଛି ହ୍ୱାଟସ ଆପ, ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଫେସବୁକ, ଏକ୍ସ ପ୍ରମୁଖ। ବର୍ତ୍ତମାନ କହିବାକୁ ଗଲେ ଡିଜିଟାଲ ଯୁଗରେ ମହିଳମାନଙ୍କ ପାଇଁ ସାମାଜିକ ଠାରୁ ଶିକ୍ଷା, ଆର୍ଥିକ ଠାରୁ ମାନସିକ ଭାବେ ସାମାଜିକ ଗଣମାଧ୍ୟମ ସେମାନଙ୍କୁ ସଶକ୍ତ କରୁଛି। ବର୍ତ୍ତମାନର ସାମାଜିକ ଗଣମାଧ୍ୟମ ତଥାକଥିତ ପରିବାରର ଏରୁଣ୍ଡି ବନ୍ଧକୁ ଡିଅାଁଇ ଏକ ପ୍ରକାର ଘରର କିଛି ନୀରବତାକୁ ଭାଙ୍ଗି ଆଗେଇ ନେଇଛି ନିର୍ଭୀକତାର ଦୁନିଆକୁ। କିଛି ବର୍ଷ ତଳେ ଭାରତରେ 'ମିଟୁ' ଆନ୍ଦୋଳନ ଯେଉଁପରି ଜାଗରିତ ହୋଇଥିଲା ତା'ପଛରେ ଥିଲା ଏହି ସାମାଜିକ ଗଣମାଧ୍ୟମର ପୃଷ୍ଠଭୂମି।

ସାମାଜିକ ଗଣମାଧ୍ୟମ ନାରୀମାନଙ୍କୁ ସଚେତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ସ୍ୱାସ୍ଥ୍ୟ, ଶିକ୍ଷା, ନାରୀ ଅଧିକାର ଆଇନଗତ ଅଧିକାର, ମାତୃତ୍ୱ, ମାନସିକ ସ୍ୱାସ୍ଥ୍ୟ, ସରକାରୀ ଯୋଜନା ଭଳି ବିଷୟରେ ସୂଚନା ସେମାନେ ସହଜରେ ପାଇପାରୁଛନ୍ତି। ଏହା ନାରୀଙ୍କୁ ନିଜ ଅଧିକାର ବିଷୟରେ ସଚେତନ କରିବା ଓ ସମାଜ ସହ ସଂଯୋଗ କରିବା ସଙ୍ଗେ ସଙ୍ଗେ ନିଜ ଅଧିକାର ପାଇଁ ଲଢ଼ିବାର ସାହସ ଦେଉଛି।

ସାମାଜିକ ଗଣମାଧ୍ୟମ ମହିଳାମାନଙ୍କୁ ନିଜ ପରିଚୟ ଗଢ଼ିବାର ସୁଯୋଗ ଦେଉଛି। ଅନେକ ମହିଳା ଆଜି ସାମାଜିକ ଗଣମାଧ୍ୟମ ପ୍ରଭାବକାରୀ, ସାମାଜିକ କର୍ମୀ, ଉଦ୍ୟୋଗପତି ଭାବେ ପରିଚିତ। ତାଙ୍କର ନେତୃତ୍ୱ ଗୁଣ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେଉଛି। ନାରୀମାନେ ଘରେ ବସି ନିଜ ପ୍ରତିଭା ପ୍ରଦର୍ଶନ ନିମିତ୍ତ ମଞ୍ଚ ପାଇପାରୁଛନ୍ତି। ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ହସ୍ତଶିଳ୍ପ, ରାନ୍ଧଣା ଭଳି ସୃଜନଶୀଳ କଳାକୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ମହିଳାମାନେ ଦେଶ ଓ ବିଦେଶରେ ପରିଚିତ କରାଇପାରୁଛନ୍ତି। ଏହା ଓଡ଼ିଆ ସଂସ୍କୃତିର ପ୍ରଚାରରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି।

ସାମାଜିକ ଗଣମାଧ୍ୟମର ସକାରାତ୍ମକ ଦିଗ ସହିତ ନିହିତ ରହିଛି ଅନେକ ନକାରାତ୍ମକ ପ୍ରଭାବ, ଯାହା ନାରୀମାନଙ୍କ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରୁଛି। ସାମାଜିକ ଗଣମାଧ୍ୟମର ଦ୍ରୁତ ପ୍ୟାସନ ଓ ଗ୍ଲାମର ସଂସ୍କୃତି ପ୍ରତି ଗଭୀର ଆକର୍ଷଣ ପରମ୍ପରାବାଦୀ ନାରୀ ମୂଲ୍ୟକୁ ଅବମୂଲ୍ୟାୟିତ କରୁଛି। ସମ୍ମାନ, ସଦାଚାର, ପରିବାରିକ ଦାୟିତ୍ୱ, ମାନବିକତା ଓ ସହାନୁଭୂତି ଭଳି ମୂଲ୍ୟଗୁଡ଼ିକୁ ଉଚ୍ଚାରଣ କରୁଥିବା ବିକାଶୋନ୍ମୁଖୀ ଭାରତୀୟ ସଂସ୍କୃତିକୁ ପ୍ରାଚୀନ ଚିନ୍ତାଧାରା ସମ୍ବଳିତ ଭାବେ ପ୍ରଦର୍ଶିତ କରାଯାଉଛି। ଅନେକ ନାରୀ ଗ୍ଲାମର ସଂଚାଳିତ ସଂସ୍କୃତିକୁ ଆପଣାର କରି ଜୀବନ ଅର୍ଥ କେବଳ ନିଜକୁ ସୁସଜ୍ଜିତ ଭାବରେ ପ୍ରଦର୍ଶିତ କରିବା ବୋଲି ଭାବୁଛନ୍ତି। ଏହା ନାରୀ ସଂସ୍କୃତିର ମୂଳଦୁଆକୁ ପ୍ରଭାବିତ କରୁଛି। ସ୍ତ୍ରୀ ଓ ପ୍ରସୂତି କ୍ଷେତ୍ରକୁ ଦେଖିଲେ ଅନେକ ତଥ୍ୟ ସାମାଜିକ ଗଣମାଧ୍ୟମରେ ଅତି ସରଳ ଭାବରେ ଉପଲବ୍ଧ ହୋଇପାରୁଛି। ଡାକ୍ତରୀ ପାଠ୍ୟକ୍ରମରେ ଏହା ଏକ ଉତ୍ତମ ସହଯୋଗ ରଖୁଛି। ତେବେ ଯେପରି ଭଲ ସହିତ ଭେଲ ଥାଏ ଠିକ୍ ସେହିପରି ଅତ୍ୟଧିକ ସାମାଜିକ ଗଣମାଧ୍ୟମରେ ସକ୍ରିୟତା ଏକାଗ୍ରତା ଓ ନିରନ୍ତର ଦୃଷ୍ଟିପଥକୁ କିଛିକାଂଶରେ ବାଧାପ୍ରାପ୍ତ କରିଥାଏ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬,

# ବିହାର ରାଜନୀତିରେ ନୂଆ ମୋଡ଼

**ସୌଭାଗ୍ୟ ରଂଜନ ମହାନ୍ତି**

> ଜେଡିୟୁ ପିଠିରେ ଲାଉ ହୋଇ ହୋଇ ବିଜେପି ଏବେ କେବଳ ବିହାରରେ ସର୍ବବୃହତ୍ ଅଂଶୀଦାର ହୋଇନାହିଁ, ରାଜ୍ୟରେ ପ୍ରଭାବ ବିସ୍ତାର କରିବା ସହ ଜେଡିୟୁକୁ ପଛରେ ପକାଇ ଦେଇଛି। ତେବେ ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀ ହେବେ କିଏ ? ଗତ କିଛି ବର୍ଷ ହେଲା ଯେପରି ମୁଖ୍ୟମନ୍ତ୍ରୀ ଆସନରେ ବସାଇ କେନ୍ଦ୍ରରୁ ଶାସନ ପରିଚାଳନା କରାଯାଉଛି ସେହିପରି ବିହାରରେ କୌଣସି ବିଧାୟକଙ୍କୁ ଗାଦିରେ ବସାଇବା କିଛି ଅସମ୍ଭବ ନୁହେଁ। ଅନ୍ୟ ପକ୍ଷରେ ଜେଡିୟୁ ନୀତିଶଙ୍କ ପରେ ଦଳର ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଦାବି କରିବା ସମ୍ଭାବନା ରହିଛି।

୨୦୨୫ ନଭେମ୍ବର ୨୦ ତାରିଖରେ ଯେତେବେଳେ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର ଶପଥ ଗ୍ରହଣ କରିଥିଲେ, ସେତେବେଳେ ସେ ଦେଶରେ ସର୍ବାଧିକ ଥର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ରେକର୍ଡ ସୃଷ୍ଟି କରିବା ସହ ଚଳିତ ଥର ପୂର୍ଣ୍ଣକାଳୀନ କ୍ଷମତା ଉପଭୋଗ କରିବେ ବୋଲି ଆଶା କରାଯାଉଥିଲା।

କହିବା ବାହୁଲ୍ୟ ଯେ, ୨୪୩ ଜଣିଆ ସଦସ୍ୟ ବିଶିଷ୍ଟ ଏହି ରାଜ୍ୟର ବିଧାନସଭାରେ ଏନଡିଏ ତଥା ବିଜେପି ୮୯ଟି ଆସନରେ ବିଜୟୀ ହୋଇଥିଲାବେଳେ ଜେଡିୟୁ ୮୫ଟି ଆସନ କରିଥିଲା। ମାତ୍ର ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର କିଛି ମାସ ପରେ ଦେଶର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ନାଟକୀୟ ଭାବେ ରାଜ୍ୟସଭା ପାଇଁ ଗଲା ଗୁରୁବାର ପ୍ରାର୍ଥୀପତ୍ର ଦାଖଲ କରିବା ପରେ ନୀତିଶ ପ୍ରକୃତରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ବୋଲି କୁହାଯାଇପାରିବ।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଯେତେବେଳେ ଏନଡିଏ ବିଧାନସଭା ନିର୍ବାଚନରେ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା, ସେତେବେଳେ ତାଙ୍କର ୧୦ମ ଥରର ମୁଖ୍ୟମନ୍ତ୍ରିତ୍ୱ ଅତି ସ୍ୱଳ୍ପକାଳ ହେବା ନେଇ କେହି ଆଶା କରିନଥିଲେ। ନୀତୀଶ ଦଶଥର ଶପଥ ନେଇଥିବା ସତ୍ତ୍ୱେ ଲାଲୁ-ରାବିଡ ଶାସନର ଅବସାନ ଘଟାଇ କେବଳ ୨୦୦୫ରେ ମୁଖ୍ୟମନ୍ତ୍ରୀ ଭାବେ ପୂର୍ଣ୍ଣ ପାଞ୍ଚ ବର୍ଷ ଶାସନ କରିଥିଲେ। ଏହା ପରଠାରୁ ସେ ବାରମ୍ବାର ଇସ୍ତଫା ଦେଇ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦୀର୍ଘ ୨୦ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ କେବଳ ୧୦ଥର ଶପଥ ଉତ୍ସବ ଏକ ରେକର୍ଡ ନଥିଲା, ବାରମ୍ବାର ଦଳବଦଳ ତାଙ୍କ ଦୀର୍ଘ କ୍ଷମତା ରାଜନୈତିକ ଜୀବନର ଆଉ ଏକ ରେକର୍ଡ ଥିଲା।

ଏହା ନିଃସନ୍ଦେହ ଯେ, ବାରମ୍ବାର ମତ ପରିବର୍ତ୍ତନ ବା ଦଳବଦଳ, ଜାତିଆଣ ରାଜନୀତି ସତ୍ତ୍ୱେ ବିହାରରେ ତାଙ୍କ ଶାସନ କାଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠାର କେବଳ ପ୍ରବକ୍ତା ନଥିଲେ, ତାଙ୍କ ଶାସନ କାଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠାର କେବଳ ପ୍ରବକ୍ତା ନଥିଲେ, ଜଣେ ସୁଶାସକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କ୍ଷୁଦ୍ର ଦଳର ନେତୃତ୍ୱ ନେଇ ସେ ବୃହତ ଗୋଷ୍ଠୀ ବା ଦଳକୁ ପଛରେ ପକାଇ ବାରମ୍ବାର ମୁଖ୍ୟମନ୍ତ୍ରୀ ହେବାର ଗୌରବର ଅଧିକାରୀ ହୋଇଥିଲେ, ଯେଉଁଥିପାଇଁ କି ୨୦୦୫ ପର ଠାରୁ ସେ ବିହାର ରାଜନୀତିରେ କେନ୍ଦ୍ରବିନ୍ଦୁ ଭାବେ ନିଜକୁ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଥିଲେ। ଏକ କ୍ଷୁଦ୍ର ମଧ୍ୟମ ଦଳିତ ପଛୁଆ ବର୍ଗ (ଓବିସି)ରୁ ଆସିଥିବା ନୀତୀଶ ଲୋକନାୟକ ସ୍ୱର୍ଗତ ଜୟପ୍ରକାଶ ନାରାୟଣଙ୍କ ଉତ୍ତରାଧିକାରୀ ଭଳି ଥିଲେ, ଯେ କି କେବଳ ଉତ୍କଟ ଜାତିଆଣ ଭେଦଭାବ ନୁହେଁ, ବିଭିନ୍ନ ସ୍ତରରେ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ପରିବର୍ତ୍ତନ ଆଣିବା ସହ ବିଜେପି ସହ ମେଣ୍ଟ କରି ଉଚ୍ଚବର୍ଗ ତଥା ଅଣଯାଦବଙ୍କ ସହ ଓବିସି, ଅତ୍ୟନ୍ତ ପଛୁଆ ବର୍ଗ (ଇବିସି) ଦଳିତ ଓ ମୁସଲିମଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି।

ଏହା ନିଃସନ୍ଦେହ ଯେ, ସାମ୍ପ୍ରତିକ ସମୟରେ ଦେଶରେ ମଦ ସବୁଠାରୁ ଆୟକାରୀ ଉତ୍ସ ଭାବେ ବିବେଚିତ ହୋଇଥିବାବେଳେ ବିହାରରେ ମଦ ନିଷିଦ୍ଧ ତାଙ୍କ ଶାସନର ଏକ ଐତିହାସିକ ପଦକ୍ଷେପ ଥିଲା। ସେହିପରି ମହିଳାଙ୍କ ବିକାଶ ତାଙ୍କ ସରକାର ଏକ ଉଲ୍ଲେଖନୀୟ ସଫଳତା, ମୁଖ୍ୟମନ୍ତ୍ରୀ ବାଳିକା ସାଇକେଲ ଯୋଜନା ଠାରୁ ଆରମ୍ଭ କରି ମହିଳାଙ୍କ ଆକାଉଣ୍ଟକୁ ୧୦ହଜାର ଟଙ୍କା ପ୍ରଦାନ ଏନଡିଏ ବିଜୟର ମୁଖ୍ୟ କାରଣ ଥିଲା।

ଏହା ନିଃସନ୍ଦେହ, ନୀତୀଶ ଏଥର ପୂରା କାର୍ଯ୍ୟକାଳ ପୂରଣ ନ କରିବା ତାଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ସଂକେତ ପ୍ରଦାନ କରିଥିଲା। ତେବେ ଏ ନେଇ ପ୍ରତ୍ୟାଶା ଠାରୁ ଆଗୁଆ ସେ ମୁଖ୍ୟମନ୍ତ୍ରୀ ପଦରୁ ଓହରିଯିବା ନେଇ ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲରୁ ସ୍ପଷ୍ଟ ସଂକେତ ମିଳିଛି। ଏବେ କେବଳ ଆନୁଷ୍ଠାନିକ ଇସ୍ତଫାକୁ ଅପେକ୍ଷା। ଯାହାକି ବିହାର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ବୋଲି କୁହାଯାଇପାରେ। ବିହାରରେ ଏନଡିଏରେ ବିଜେପି ସର୍ବବୃହତ ଅଂଶୀଦାର ଥିବାରୁ ନୀତୀଶଙ୍କ ସ୍ଥାନରେ ଦଳର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ନେଇ ଗୋଟିଚାଳନା କରିଛି।

କହିବା ବାହୁଲ୍ୟ ଜେଡିୟୁ ପିଠିରେ ଲାଉ ହୋଇ ହୋଇ ବିଜେପି ଏବେ କେବଳ ବିହାରରେ ସର୍ବବୃହତ୍ ଅଂଶୀଦାର ହୋଇନାହିଁ, ରାଜ୍ୟରେ ପ୍ରଭାବ ବିସ୍ତାର କରିବା ସହ ଜେଡିୟୁକୁ ପଛରେ ପକାଇ ଦେଇଛି। ତେବେ ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀ ହେବେ କିଏ ? ଗତ କିଛି ବର୍ଷ ହେଲା ମୁଖ୍ୟମନ୍ତ୍ରୀ ଆସନରେ ବସାଇ କେନ୍ଦ୍ର ଶାସନ ପରିଚାଳନା କରୁଛି, ସେହିପରି ବିହାରରେ କୌଣସି ବିଧାୟକଙ୍କୁ ଗାଦିରେ ବସାଇବା କିଛି ଅସମ୍ଭବ ନୁହେଁ। ଅନ୍ୟ ପକ୍ଷରେ ଜେଡିୟୁ ନୀତିଶଙ୍କ ପରେ ଦଳର ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଦାବି କରିବା ସମ୍ଭାବନା ରହିଛି। ନୀତୀଶ ତାଙ୍କ ପୁଅଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଅଭିଳାଷୀ ଥିବା ଚର୍ଚ୍ଚା ହୁଏ। ତେବେ ବିଜେପି ଏହି ଦାବିକୁ ଏଡାଇ ଯାଇନପାରେ। ରାଜ୍ୟସଭା ପାଇଁ ପ୍ରାର୍ଥୀ ହେବା ନେଇ ନୀତିଶ ଯାହା ଦର୍ଶାଇଛନ୍ତି, ତାହାକୁ ମଧ ଅଣଦେଖା କରାଯାଇନପାରେ। ସେ ବହୁବାର ଲୋକସଭାକୁ ନିର୍ବାଚିତ ହୋଇଥିବାବେଳେ ଶେଷଥର ପାଇଁ ୨୦୦୪ରେ ନାଳନ୍ଦା ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୦୫ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରଠାରୁ ସେ ଆଉ ନିର୍ବାଚନ ନଲଢି ବିଧାନ ପରିଷଦର ସଦସ୍ୟ ରହିଆସିଥିଲେ। ରାଜ୍ୟସଭାକୁ କେବେହେଲେ ନିର୍ବାଚିତ ହୋଇନଥିଲେ। ରାଜ୍ୟସଭାକୁ ଯିବା ତାଙ୍କର ଅନ୍ତିମ ଇଚ୍ଛା ଥିବା କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରୁ ଓହରିବା ନେଇ କାରଣ ଯାହା ହେଉ ନାହିଁ କି ନୀତୀଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବିହାର ରାଜନୀତିରେ ଏକ ଯୁଗର ଅବସାନ ଘଟିବ, ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ,
ମୋ-୯୪୩୭୯୯୪୩୭୯

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଭାପୁର,୧୦।୩ (ନିପ୍ର); ଭାପୁର ବ୍ଲକ ସଭାଗୃହ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଜନଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ,ଉପଜିଲ୍ଲାପାଳ କର୍ଣ୍ଣଦ୍ୱେ ସମ୍ପାଦାରଙ୍କ ସମେତ ଜିଲ୍ଲାର ପଦାଧିକାରୀମାନେ ଯୋଗ ଦେଇଥିବା ବେଳେ ବ୍ଲକରୁ ତହସିଲଦାର ଲୋପାମୁଦ୍ରା ରଥଙ୍କ ସମେତ ସମସ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ । ଏହି ଶିବିରରେ ମୋଟ ୧୧୧ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୯୧ ଗୋଟି ବ୍ୟକ୍ତିଗତ, ୬ ଗୋଟି ଗ୍ରାମ୍ୟ ବିଦ୍ୟୁତ୍, ମୁଖ୍ୟମନ୍ତ୍ରୀ ରିଲିଫ ସମ୍ବନ୍ଧୀୟ ୧୪ ଗୋଟି ଅଭିଯୋଗ କରାଯାଇଥିଲା ଏବଂ ପ୍ରଥମଥର ପାଇଁ ୬୨ ଗୋଟି ଅଭିଯୋଗର ଜିଲ୍ଲାପାଳ ଶ୍ରୀମତୀ ରଥ ତୁରନ୍ତ ବିଚାର କରି ସମାଧାନ କରିଥିଲେ ।

## ରମ୍ଭା ରେଲୱେ କଲୋନୀରେ ମାଙ୍କଡ଼ ପଲ :ଆତଙ୍କିତ ପଥଚାରୀ

ରମ୍ଭା,୧୦।୩ (ନିପ୍ର): ପୂର୍ବତଟ ରେଳପଥ ରମ୍ଭା ରେଲୱେ କଲୋନୀ ତଥା ଉପରୋକ୍ତ ଅଞ୍ଚଳରେ ମାଙ୍କଡ଼ଙ୍କ ପାଦୁର୍ଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି।ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ତଥା ଗଳିକନ୍ଦି ମାନଙ୍କରେ ମାଙ୍କଡ଼ଙ୍କ ଅଭେଦ୍ୟ ରାଜ ଚାଲିଥିବା ବେଳେ ବାସିନ୍ଦା, ପଥଚାରୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। କିଛିଦିନ ହେବ ମାଙ୍କଡ଼ଙ୍କ ହିଂସ ହେବାରେ ଲାଗିଛନ୍ତି। ଘରୁ ବାହାରିଲେ ମାଙ୍କଡ଼ ମାନେ କୁଆଡେ ଗୋଡ଼ାଇ ଗୋଡ଼ାଇ କାମୁଡିବା ସହ



ଲୋକଙ୍କୁ ଖଣ୍ଡିଆ ଖାବରା କରି ପକାଉଥିବା ଅଭିଯୋଗ ହୋଇଛି।ଆବାଳ ଠାରୁ ବୃଦ୍ଧ ବନିତା ପର୍ଯ୍ୟନ୍ତ ଏମାନଙ୍କର ହାବୁଡ଼ରେ କେହି ବାଦ ହୋଇ ନ ଥିବା ଶିକାରରେ ସମ୍ମୁଖୀନ ହୋଇଥିବା ଜଣାପଡିଛି। ଘର ଭିତରେ ପଶି ଖାଦ୍ୟ ସାମଗ୍ରୀ ନଷ୍ଟ କରିବା ସାଙ୍ଗକୁ ଲୁଟିବା ଅଭିଯୋଗ ହୋଇଛି। ଉପଦ୍ରବ ଯୋଗୁଁ ପ୍ରାଥମିକ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାତରେ ବହି ବସ୍ତାନି ସାଙ୍ଗକୁ ଟିଫିନ ବ୍ୟାଗ କିମ୍ବା ଫଳମୂଳ ଦେଖିଲେ ଅବିଳମ୍ବେ ମାଙ୍କଡ଼ ମାନେ ଆକ୍ରମଣ କରୁଛନ୍ତି। ପିଲାମାନେ ଏକୁଟିଆ ରାସ୍ତାରେ ଯିବାକୁ ଭୟ ମଣୁଛନ୍ତି। ଏଭଳି ସମୟରେ ଅଭିଭାବକମାନେ ବାଧ ହୋଇ ପିଲାଙ୍କ ସାଥିରେ ଯାଉଥିବା ଲକ୍ଷ୍ୟ କରାଯାଇଛି। ବିଦ୍ୟାଳୟ ପରିସର ଓ ଗଳିକନ୍ଦିରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବିଏଲଓଙ୍କ ସହାୟତା

ନିରାକାରପୁର,୧୦।୩ (ନିପ୍ର); ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଓଡ଼ିଶାଙ୍କ ପକ୍ଷରୁ ସାଧାରଣ ଜନତାଙ୍କୁ ସହଯୋଗ ପାଇଁ ନିବେଦନ କରାଯାଇଛି। ଭୋଟର ମ୍ୟାପିଂ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କୁ ସହାୟତା କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି।ଭୋଟରମାନେ ସେମାନଙ୍କର ନିଜ ନାମ, ପିତା କିମ୍ବା ଜେଜେବାପାଙ୍କ ନାମକୁ ୨୦୦୨ ମସିହା ଭୋଟର ତାଲିକାରେ ଖୋଜିବାକୁ କୁହାଯାଇଛି। ଏଥିପାଇଁ ସିଇଓ ଓଡ଼ିଶାର ଅଫିସିଆଲ୍ ୱେବସାଇଟ୍ ceoodisha.nic.in କିମ୍ବା voters.eci.gov.in ର ବ୍ୟବହାର କରି ଖୋଜିବା ପରେ ସେହି ସୂଚନା ନିକଟସ୍ଥ ବୁଥ୍ ସ୍ତରୀୟ ଅଧିକାରୀ ଙ୍କୁ ଜଣାଇଲେ, ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ହେଉଥିବା ଜଟିଳ ପ୍ରକ୍ରିୟାକୁ ସହଜରେ ସମାଧାନ କରାଯାଇପାରିବ। ଅଧିକ ସୂଚନା କିମ୍ବା ସହାୟତା ପାଇଁ ନାଗରିକମାନେ ଭୋଟର ହେଲ୍ପଲାଇନ ନମ୍ବର: ୧୯୫୦କୁ କଲ୍ କରିବା ପାଇଁ କୁହାଯାଇଛି। ଇସିଆଇନେଟ ଆପ୍ ମାଧ୍ୟମରେ 'ବୁକ ଏ କଲ ୱିଥ ବିଏଲଓ' ବିକଳ୍ପକୁ ବ୍ୟବହାର କରି ନିଜର ବୁଥ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଜଣାଯାଇଛି। ଭୋଟର ତାଲିକାକୁ ସଠିକ୍ ଓ ଦ୍ରୁତ ଗତିରେ ସଂଶୋଧନ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଏଥିରେ ସହଯୋଗ କରିବାକୁ କୁହାଯାଇଛି।

## ଜନ ଅଭିଯୋଗ ଶୁଣାଣିରେ ୭୦ ଅଭିଯୋଗ

କୁଚିଣ୍ଡା,୧୦।୩ (ନିପ୍ର); ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ହୋଇଥିବା ଶିବିରରେ ମୋଟ ୭୦ ଗୋଟି ଅଭିଯୋଗ ଆସିଥିଲା । ଅଧିକାଂଶ ଅଭିଯୋଗ ରାଜସ୍ୱ ଏବଂ ପାନୀୟ ଜଳ ସମସ୍ୟା ସଂପର୍କିତ ଥିଲା। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ବାମରା ବ୍ଲକକୁ ସୁନ୍ଦରଗଡ଼ କିମ୍ବା ଝାରସୁଗୁଡା ଜିଲ୍ଲାରେ ସାମିଲ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ଏହାଛଡା ବହୁ ପୁରାତନ ଇଂରେଜ ଅମଳର ରାଜା ବଗିଚା ଓ ମକର ମିଳନ ପଡ଼ିଆକୁ କେତେକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିଥିବା ନେଇ ଅଭିଯୋଗ କରାଯାଇଥିଲା। ଏ ନେଇ ବାମରା ମକର ମହୋତ୍ସବ କମିଟି ଓ ନାଗରିକ କମିଟି ସହିତ ଜିଲ୍ଲାପାଳ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରଦତ୍ତ ଜମି ପଟ୍ଟାକୁ ଖାରଜ କରି ସରକାରୀ ଖାତାକୁ ଫେରାଇ ନେବାକୁ ସେମାନେ ଦାବି କରିଥିଲେ ।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ନିମନ୍ତେ ପ୍ରସ୍ତୁତି

ନିମାପଡ଼ା, ୧୦।୩ (ନିପ୍ର); ରାଜ୍ୟରେ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ କାର୍ଯ୍ୟକ୍ରମ ନିମାପଡ଼ା ପିଏମ୍‌ଶ୍ରୀ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ବାରବାଟି ପଡ଼ିଆ ପରିସରରେ ଆସନ୍ତା ୧୬ ଓ ୧୭ ତାରିଖ ଦିନ ଅନୁଷ୍ଠିତ ହେବ। ଏହାକୁ ସଫଳ କରାଇବା ପାଇଁ ୩ୟ ପ୍ରସ୍ତୁତି ବୈଠକ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ନିମାପଡ଼ାରେ ଆୟୋଜିତ ହୋଇଥିଲା। ଉକ୍ତ ବୈଠକରେ ଗୋପ ବ୍ଲକ୍ ଶିକ୍ଷାଧିକାରୀ ଅମିତା ସେନାପତି, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଶିକ୍ଷାଧିକାରୀ ସୁଶୀଲ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶୀଲ ମହାପାତ୍ର, ପିଏସ୍‌ଏସ୍ ସଂଯୋଜକ ସନ୍ତୋଷ ଚୌଧୁରୀ ପ୍ରମୁଖ ଯୋଗ ଦେଇ ଉତ୍ସବ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ

## ମାଗଣା ପରଳ ଓ ଚକ୍ଷୁ ଚିକିତ୍ସା ଶିବିରରେ ୬୭ ଚକ୍ଷୁ ରୋଗୀ ଚିକିତ୍ସିତ

ରମ୍ଭା,୧୦।୩ (ନିପ୍ର); ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠ ଏବଂ ଖଲ୍ଲିକୋଟ ବ୍ଲକ ଅର୍ନ୍ତଗତ ସାବୁଲିଆ ଜଗନ୍ନାଥ ମନ୍ଦିର ପରିସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ମିଳିତ ସହଯୋଗରେ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତି ପୀଠ, ରମ୍ଭା ଓ ସବୁଲିଆ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୭ ଜଣଙ୍କ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରିକ୍ଷା କରାଯାଇ ତନ୍ମଧ୍ୟରୁ ୦୭ ଜଣଙ୍କୁ ପରଳ ଅପରେସନ ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି । ସହ-ସଂଯୋଜକ ରମ୍ଭାର ରବି ନାରାୟଣ ସେନାପତି, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ, ସମାଜସେବୀ ସତ୍ୟ ନାରାୟଣ ଆଚରୀ ଏବଂ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

## ଶ୍ରୀରାମନବମୀ ପାଳନ ପାଇଁ ପ୍ରସ୍ତୁତି

ଦାମନଯୋଡ଼ି,୧୦/୩(ନିପ୍ର):ନାଲକୋ ଟାଉନସିପ ସେକ୍ଟର-୧ରେ ୯ଦିନ ବ୍ୟାପୀ ହେବାକୁ ଥିବା ଶ୍ରୀରାମନବମୀ ଉତ୍ସବ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେକ୍ଟର-୧ ସ୍ଥିତ ମାରୁତି ମଣ୍ଡପଠାରେ ଚଳିତ ମାସ ୧୮ତାରିଖ ଠାରୁ ୨୭ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳିତ ହେବ। ବିଭିନ୍ନ ଦିବସରେ ସ୍ୱତନ୍ତ୍ର ପୂଜା ସହିତ ଶ୍ରୀରାମ ଚରିତ ମାନସ ପାଠ,ପାରାୟଣ, ପ୍ରବଚନ,ଗୀତା ଯଜ୍ଞ,ଶ୍ରୀରାମ ସୀତାଙ୍କ ବିବାହ ଉତ୍ସବ,ସୁନ୍ଦରାକାଣ୍ଡ,ହନୁମାନ ଯଜ୍ଞ,ଚଣ୍ଡୀ ଯଜ୍ଞ,ଶ୍ରୀରାମ ନବମୀ ଓ ଅଭିଷେକ ଉତ୍ସବ ସହିତ ପୂର୍ଣ୍ଣାହୂତି ଓ ସମୂହ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହେବାର ଯୋଜନା ରହିଛି । ଏଥିପାଇଁ ବୈଠକରେ ବିଭିନ୍ନ ସବ କମିଟି ଗଠିତ ହୋଇ ଦାୟିତ୍ୱ ବଣ୍ଟନ କରାଯାଇଛି ।ଶ୍ରୀରାମନବମୀ ପୂଜାକମିଟି ପକ୍ଷରୁ ସଭାପତି ତଥା ନାଲକୋ ବିତ୍ତ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ କୈଳାସ ସେନାପତି ଅଧକ୍ଷତା କରିଥିଲେ ।

# ଗ୍ରୀଷ୍ମ ଆରମ୍ଭରୁ ଜଳ କଷ୍ଟ, ମୁନ୍ଦାଏ ପିଇବା ପାଣି ପାଇଁ ଯିବାକୁ ପଡୁଛି ଗୋଟେ କିଲୋମିଟର

ପାରଳାଖେମୁଣ୍ଡି,୧୦।୩(ନିପ୍ର): ଜଳ ବିନା ବଞ୍ଚିବା ଅସମ୍ଭବ। ହେଲେ ପ୍ରତି ଘରକୁ ଘର ପାଣି ଯୋଗାଇବା ପାଇଁ ସରକାର ସହ ସହ କୋଟି ବ୍ୟୟ ଅଟକଳ ମଞ୍ଜୁରୀ କରୁଛନ୍ତି। କିନ୍ତୁ ତାହା ସଫଳ ରୂପାୟନ ହେବା ପ୍ରତିବର୍ତ୍ତେ ବାଟ ବଣା ହୋଇଯାଇଛି। ଏହା ସମ୍ପୂର୍ଣ ପ୍ରତିଫଳିତ ହୋଇଛି ଗୁମ୍ମା ବ୍ଲକ ଉଖୁରା ପଞ୍ଚାୟତ ସ୍ଥିତ ଗମାଙ୍ଗ ସାହିରେ। ଏହି ସାହିରେ ବସବାସ କରନ୍ତି ୨୦ରୁ ଉର୍ଦ୍ଧ୍ୱ ପରିବାର । ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭ ହେଉ ହେଉ ଏମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ । କାରଣ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହୋଇଯାଆନ୍ତି। ସାହିରେ କୌଣସି ପିଇବା ପାଣିର ବ୍ୟବସ୍ଥା ନାହିଁ। ଗାଧୋଇବା ଓ ଲୁଗା ସଫା କରିବା ତ ଦୂରର କଥା। ପୂର୍ବରୁ ଗ୍ରାମ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପାହାଡ଼ରୁ ଝରଣା ପାଣି ଆଣି ଗଚ୍ଛିତ କରି ସାହିରେ ଯୋଗାଇବା ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଖରା ଦିନ ଆସୁ ଆସୁ ଝରଣା ଶୁଖି ଯାଉଛି ପାଣି ଆସୁନି ସେହିପରି ଗୋଟିଏ ନଳକୂପ ଅଛି ତାହା



ମଧ୍ୟ ଅତଳ ସେଥିରେ ଗୋଳିଆ ପାଣି ବାହାରୁଛି। କିଛି ବିକଳ୍ପ ନଥିବା ହେତୁ ସାହିବାସୀ ବାଧହୋଇ ପାଣି ଆଣିବା ପାଇଁ ଏକ କିଲୋମିଟର ଯାଇ ଏକ କୂଅରେ ଲୁଗା ସଫା, ଗାଧୁଆ ସାରି ରୋଷେଇ ଏବଂ ପିଇବା ପାଇଁ ସେହିଠାରୁ ପାଣି ଆଣନ୍ତି। ଦୁଃଖର ବିଷୟ ବୁଢାବୁଢୀ ଓ ବିକଳାଙ୍ଗ ଏତେ ବାଟ ଯାଇ ପାରନ୍ତି ନାହିଁ। ତେଣୁ ସାହି ପଡିଶା ତାଙ୍କୁ ଗୋଟିଏ ହାଣ୍ଡି ପାଣି ଆଣିଦେଲେ ତାହାହିଁ ସେମାନେ ବ୍ୟବହାର କରନ୍ତି। କୌଣସି ଜନ ପ୍ରତିନିଧି କି କୌଣସି ଅଧିକାରୀଙ୍କ ଦୃଷ୍ଟି ମଧ୍ୟ ପଡ଼ି ନ ଥିବାରୁ ଗମାଙ୍ଗ ସାହି ବାସିନ୍ଦା ବିଧାୟକଙ୍କୁ ଲିଖିତ ଆକାରେ ଅଭିଯୋଗ ଜଣାଇଥିଲା ବିଧାୟକ ଓ ବିଡିଓଙ୍କୁ ଦେଖା କରିବାପାଇଁ ସୁପାରିସ କରିଥିଲେ। ହେଲେ ଏମାନେ ଦୁଇ ଦୁଇ ଥର ବ୍ଲକକୁ ଆସି ବିଡ଼ିଓଙ୍କୁ ଦେଖା କରିବାକୁ ଦିନସାରା ଅପେକ୍ଷା କରିଥିଲେ ମଧ୍ୟ ବିଡିଓଙ୍କ ଦେଖା ମିଳିନଥିଲା ବୋଲି କୁହାଯାଉଛି । ଯଦି ତୁରନ୍ତ ଉଖୁରା ଗ୍ରାମର ଗମାଙ୍ଗ ସାହିରେ ପାଣି ଯୋଗାଇବାର ସୁବିଧା ନ କରାଯାଏ ତାହାହେଲେ ରାଜରାସ୍ତାକୁ ଓହ୍ଲାଇବା ନିମନ୍ତେ ଗମାଙ୍ଗ ସାହିର ଅମରଜିତ ରମାଙ୍ଗ, ଅକିଅ ଗମାଙ୍ଗ, ସୁମନରାଣୀ ଶବର, ଜୁନିତା ଗମାଙ୍ଗ ଓ ଈଗାନ ଗମାଙ୍ଗ ଚେତାବନୀ ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ରେଢ଼ାଖୋଲ,୧୦।୩ (ନିପ୍ର): ସମ୍ବଲପୁର- କଟକ ୫୫ ନଂ ଜାତୀୟ ରାଜପଥର ଚାରମାଳ ଥାନା ଅନ୍ତର୍ଗତ ଶେରଣୀ ମନ୍ଦିର ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ପଦ୍ମତୋଳା ଗ୍ରାମର ସୁବୋଧ ସ୍ୱାଇଁଙ୍କ ପୁଅ ଶ୍ରୀତମ ସ୍ୱାଇଁ । ସେ ସମ୍ବଲପୁରରେ ରହି ଏକ ଘରୋଇ ଔଷଧ କମ୍ପାନୀରେ ମାର୍କେଟିଂ ପ୍ରତିନିଧି ଭାବରେ କାମ କରୁଥିଲେ । ଏକ ହୋଣ୍ଡା ସାଇନ୍ ବାଇକ୍ ଯୋଗେ ସମ୍ବଲପୁରରୁ ରେଢ଼ାଖୋଲ ପଟକୁ ଆସୁଥିବା ବେଳେ ଶେରଣୀ ମନ୍ଦିର ନିକଟରେ ତାଙ୍କୁ ପଛ ପଟରୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା ।ଖବର ପାଇ ଘଟଣାସ୍ଥଳରେ ଚାରମାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି । ରେଢ଼ାଖୋଲ ଡାକ୍ତରଖାନାରେ ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣା ପଡିଛି।

## ୧୩୬୭୧ ଛାତ୍ରଛାତ୍ରୀ ପରୀକ୍ଷା ଦେଲେ

ନିମାପଡ଼ା,୧୦।୩ (ନିପ୍ର) ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ୨୭୨ଟି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଏବଂ ବୃତ୍ତି ପରୀକ୍ଷା (୫ମ ଓ ୮ମ ଶ୍ରେଣୀ) ସୋମବାର ଠାରୁ ଆରମ୍ଭ ହୋଇଛି ଏବଂ ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ମୋଟ ୧୩୬୭୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୬୭୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮ ଜଣ ଅନୁପସ୍ଥିତ ଥିବା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ସୂଚନା ଦେଇଥିଲେ।

## ମହତପୁର ଗ୍ରାମର ଦୁଇ ନିଖୋଜ, ଥାନାରେ ଅଭିଯୋଗ

ରେଢ଼ାଖୋଲ,୧୦।୩ (ନିପ୍ର): ରେଢ଼ାଖୋଲ ଥାନା ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତ ମହତପୁର ଗ୍ରାମରୁ ଜଣେ ୨୧ ବର୍ଷୀଯ ଯୁବତୀ ଓ ଜଣେ ୧୩ ବର୍ଷୀୟ ୯ମ ଶ୍ରେଣୀ ଛାତ୍ରୀ ଗତକାଲି ନିଖୋଜ ହୋଇଯାଇଛନ୍ତି। ଏନେଇ ମଙ୍ଗଳବାର ସକାଳେ ପରିବାର ଲୋକେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଛନ୍ତି । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଥିଲା। ଦୁହେଁ ସାଙ୍ଗହୋଇ ପ୍ରତିଦିନ ଗାଁମୁଣ୍ଡ ନଳକୂପ ନିକଟକୁ ଗାଧୋଇବାକୁ ଯାଇଥାନ୍ତି ।

ନାବାଳିକା ଆଜି ସ୍କୁଲରୁ ପରୀକ୍ଷା ଦେଇ ଆସିବା ପରେ ମଧ୍ୟାହ୍ନ ୧୨ଟାରେ ଯୁବତୀଙ୍କ ସହ ଗାଧୋଇବାକୁ ଯାଇଥିଲେ। ସେଠାରୁ ଦୁହେଁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଦିନସାରା ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଦୁହିଁଙ୍କ ପାଖରେ ମୋବାଇଲ ନ ଥିବା ବେଳେ ସେମାନଙ୍କୁ କେହି ଅପହରଣ କରି ନେଇଥାଇପାରେ ବୋଲି ପରିବାର ଲୋକେ ଅନୁମାନ କରୁଛନ୍ତି । ଉଭୟଙ୍କୁ ସୁରକ୍ଷିତ ଘରକୁ ଫେରାଇ ଆଣିବାକୁ ଆଜି ଦୁଇ ପରିବାର ରେଢ଼ାଖୋଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ପୁରାତନ ବଜାର ଗୃହକୁ ଭାଙ୍ଗିଲା ପୌର ପ୍ରଶାସନ

ଆସିକା,୧୦।୩ (ନିପ୍ର); ଆସିକା ସହରର ମଧ୍ୟ ଭାଗରେ ଥିବା ସର୍ବପୁରାତନ ବଜାର ଗୃହକୁ ଭାଙ୍ଗିଲା ପୌର ପ୍ରଶାସନ । ଏହି ମାର୍କେଟ ରେ ମୋଟ ୬୭ ଗୋଟି ପୁରାତନ ଗୃହ ରହିଥିଲା । କେତେଟି ଘର ଭଗ୍ନ ଅବସ୍ଥାରେ ରହିଥିଲା ତ ଆଉ କେତେ ଦୋକାନ କରିଥିବା ମାଲିକ ମାନେ ମରାମତି କରି ରହୁଥିଲେ । ଗତ ୨୦୦୦ ମସିହା ପୂର୍ବରୁ ଏହି ବଜାର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ସପ୍ତାହର ପ୍ରତ୍ୟେକ ସୋମବାର ଦିନ ହାଟ ବସୁଥିଲା । ଶଗଡ଼ମାନଙ୍କରେ କଂସା, ବାସନ କୁସନ, ବିଭିନ୍ନ ହାତ ତିଆରି ଜିନିଷ, ଚାଷୀ ମାନଙ୍କ ପାଇ ବିହନ, ବନ ଜାତ ଦ୍ରବ୍ୟ ଏହି ହାଟରେ ବିକ୍ରିବଟା ହେଉଥିଲା । ଏହି ପୁରାତନ



ବଜାର ଗୃହକୁ ପୌର ପ୍ରଶାସନ ପକ୍ଷରୁ ଭାଙ୍ଗି ସେଠାରେ ୦୨ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବାର ଯୋଜନା ରହିଛି ବୋଲି ଆସିକା ପୌରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଆଜିର ଏହି ଭଙ୍ଗା କାର୍ଯ୍ୟକ୍ରମରେ ସ୍ଥାନୀୟ ପୋଲିସ, ପୌରାଞ୍ଚଳ କର୍ମଚାରୀ ଯୋଗ ଦେଇଥିଲେ।

## ବରଫ କଳ କମ୍ପ୍ରେସର ଟ୍ୟାଙ୍କ ଫାଟି ଜଣେ ମୃତ, ୩ ଆହତ

ଧରାକୋଟ,୧୦।୩ (ନିପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ତାଳ ପାଟଣାରେ ମଲେଇ ତିଆରି ପାଇଁ ରହିଥିବା ବରଫକଳର ମରାମତି ବେଳେ କମ୍ପ୍ରେସର ଟ୍ୟାଙ୍କ ଫାଟି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡିଛି । ଗତ କିଛିଦିନ ହେଲା ରମେଶ ଚନ୍ଦ୍ର ମହାପାତ୍ର ମଲେଇ ବ୍ୟବସାୟ କରିବା ପାଇଁ ନିଜ ଘରେ ଏକ ଛୋଟ ଫେକ୍ଟ୍ରି ପ୍ରସ୍ତୁତ କରିଥିଲେ । ଗତ ଦୁଇ ଦିନ ପୂର୍ବରୁ ମଲାଇ ବାହାର କରି ମାର୍କେଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ହେଲେ ଉପଯୁକ୍ତ ଥଣ୍ଡା ନହେବାରୁ ଏହି ମେସିନ କୁ ଫିଟିଂ କରିଥିବା ମେକାନିକ ଜଗନ୍ନାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ (୫୬) ଏହାକୁ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର ଟ୍ୟାଙ୍କ ଫାଟି ଯାଇଥିଲା । ଘଟଣା ସ୍ଥଳରେ ପ୍ରବଳ ଶବ୍ଦ ହେବା ସହ ଘରର ଟିଣଟି ଉଡିଯାଇଥିଲା। ଏଭଳି ଶବ୍ଦ ହେବା ଶୁଣି ଘର ଲୋକ ଏବଂ ପାଖ ପଡୋଶୀ ଲୋକେ ଆହତ ମିସ୍ତ୍ରୀ ବିଦେଶୀ ପ୍ରଧାନ, (୫୬),ରମେଶ ଚନ୍ଦ୍ର ମହାପାତ୍ର (୭୫), ଶୋଭାବତୀ ମହାପାତ୍ର (୬୫) ହେମନ୍ତ ମହାପାତ୍ର (୪୮) କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲକୁ ନେଇଥିଲେ ।ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବ୍ରହ୍ମପୁର ମେଡ଼ିକାଲ ରେ ମିସ୍ତ୍ରୀ ଭାବେ କାର୍ଯ୍ୟରତ ବିଦେଶୀ ପ୍ରଧାନଙ୍କ ମୃତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ରମେଶ ମହାପାତ୍ର ଓ ହେମନ୍ତ ମହାପାତ୍ର ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ପକ୍ଷରେ ଶୋଭାବତୀ ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଜଣାପଡିଛି । ଧରାକୋଟ ପୋଲିସ ଖବର ପାଇ ଘଟଣା ସ୍ଥଳ ଏବଂ ବ୍ରହ୍ମପୁର ମେଡ଼ିକାଲ ଅଭିମୁଖେ ଯାଇ ତଦନ୍ତ ଚଳାଇବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପକ୍ରିୟା ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରକାଶ କରିଛନ୍ତି ।

## ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ନେଇ ସିଏମସିର ପ୍ରାଥମିକ ସମୀକ୍ଷା

# ୨୪ ଘଣ୍ଟିଆ ଜଳ ଯୋଗାଣ ଓ ବିଦ୍ୟୁତ୍ ସରବରାହ ଉପରେ ଗୁରୁତ୍ୱ

କଟକ,୧୦।୩ (ନିପ୍ର): ଆଗକୁ ଆସୁଥିବା ଗ୍ରୀଷ୍ମ ପ୍ରବାହ ଲାଗି କଟକ ମହାନଗର ନିଗମର କିଭଳି ପ୍ରସ୍ତୁତି ରହିବ, ସେନେଇ ଏକ ପ୍ରାଥମିକ ସମୀକ୍ଷା ବୈଠକ ଆଜି ସ୍ଥାନୀୟ ବିଜୁ ଭବନରେ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ଚନ୍ଦ୍ର ସିଂ ଏଥିରେ ଅଧକ୍ଷତା କରିଥିଲେ। ମାର୍ଚ୍ଚ ୧୫ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ମହାନଗର ନିଗମ ଅଞ୍ଚଳରେ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା କରିବା ସହ ନିୟମିତ ଏସବୁର ତଦାରଖ କରିବାନେଇ ମେୟର ଶ୍ରୀ ସିଂ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସିଏମସି କମିଶନର କିରନଦୀପ୍ କୌର ସହୋତା ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ସମସ୍ତ ଲାଇନ୍ ବିଭାଗର ପ୍ରସ୍ତୁତି ସମୀକ୍ଷା କରିଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସିଏମସିର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତିର ଅନୁଧ୍ୟାନ କରିବା ଓ କଟକ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଅଂଶୁଘାତ ପ୍ରଭାବିତଙ୍କ ଲାଗି ସହରର ୨୫ଟି ହସ୍ପିଟାଲରେ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା ସହ ଆବଶ୍ୟକ ହେଲେ ଏହାକୁ ବଢ଼ାଇବା ନେଇ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସହରରେ ଥିବା ସମସ୍ତ ନଳକୂଅର ମରାମତି କରି ସମ୍ପୂର୍ଣ୍ଣ ଭାବେ ଏହାକୁ କାର୍ଯ୍ୟକ୍ଷମ କରିବା ସହ ୨୪ ଘଣ୍ଟିଆ ଜଳଯୋଗାଣ ଏବଂ ଆବଶ୍ୟକୀୟ ପାଣିଟ୍ୟାଙ୍କ ମହଜୁଦ୍ ରଖିବା ନେଇ ୱାଟକୋ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଗ୍ରୀଷ୍ମପ୍ରବାହ ସମୟରେ ପଥଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସହରର ବିଭିନ୍ନ ଟ୍ରାଫିକ୍ ଛକରେ ଅସ୍ଥାୟୀ ସେଡ୍ ନିର୍ମାଣ ଲାଗି ଆଲୋଚନା କରାଯାଇଛି। ଚଳିତବର୍ଷ ପ୍ରାୟ ୧୦ଟି ଟ୍ରାଫିକ୍ ଛକରେ ସେଡ୍ କରିବା ପାଇଁ ସିଏମସି ପକ୍ଷରୁ ଯୋଜନା କରାଯାଇଛି। ସେହିପରି ସହରବାସୀଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ, ବଜାରରେ ନିୟମିତ ଖାଦ୍ୟ ଯାଞ୍ଚ ଓ ଅଂଶୁଘାତ ମୁକାବିଲା ଲାଗି ବିଜ୍ଞାପନ ଓ ପ୍ରଚାର ଜରିଆରେ ଜନ ସଚେତନତା କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ପଶୁପକ୍ଷୀଙ୍କ ଲାଗି ସହରରେ ଆବଶ୍ୟକୀୟ ଜଳପାତ୍ରର ବ୍ୟବସ୍ଥା କରିବାକୁ ମଧ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ସିଏମସି ଡେପୁଟି ମେୟରଙ୍କ ସମେତ, ଜନଶୁଣାଣୀ ଓ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟି, ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସପ୍ତମ ବାର୍ଷିକ ପୁସ୍ତକମେଳା ଉଦ୍‌ଘାଟିତ

କୃଷ୍ଣପ୍ରସାଦତା,୧୦।୩ (ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡିଆ ଠାରେ ୭ମ ବାର୍ଷିକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ୨୪ ମୌଜାର ମୁଖ୍ୟ ପୁରୋଧା ସଂଗ୍ରାମ କେଶରୀ ପଟନାୟକ ଉଦ୍‌ଘାଟନ କରିଥିଲେ। ପୁସ୍ତକ ମେଳାର ସଭାପତି ଉଲ୍ଲାସ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ବିବରଣୀ ପାଠ କରିଥିଲେ। ତାଙ୍କ ବକ୍ତବ୍ୟରେ ପୁସ୍ତକ ମେଳାକୁ ୨୪ ମୌଜା ପରିଚାଳନା କମିଟି କିଛି ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ ରଖିଥିଲେ। ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ବିଶ୍ୱପ୍ରକାଶ ପଟନାୟକ ଯୋଗଦେଇ ପୁସ୍ତକ ହେଉଛି ଜ୍ଞାନ ବିକାଶ, ଦେଶ ବିକାଶର ଏକମାତ୍ର ରାସ୍ତା ବୋଲି କହିଥିଲେ। କବି ମାୟାଧର ମାନସିଂହଙ୍କ ମାଟିରେ ପାଦ ଦେଇ ସେ ନିଜକୁ ଧନ୍ୟ ମନେ କରିବା ସହ ପୁସ୍ତକ ମେଳାର ସମସ୍ତ ଆୟୋଜକ ଏବଂ ପ୍ରତିଷ୍ଠାତା ଶିକ୍ଷାବିତ ବାନାମ୍ବର ବାରିକଙ୍କୁ ଏପ୍ରକାର ପ୍ରୟାସ କରିଥିବାରୁ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଦୀପକ କୁମାର ଜେନା ଯୋଗଦେଇ ପୁସ୍ତକ ମେଳାର ଆୟୋଜକଙ୍କୁ ପ୍ରଶଂସା କରିବା ସହ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ବନ ବିହାରୀ ପଟନାୟକ, କୃଷ୍ଣ ଚନ୍ଦ୍ର ଦଳେଇ, ବିପିନ ବିହାରୀ ଦଳେଇ, ପ୍ରଦୀପ କୁମାର ଦାସ,ରବୀନ୍ଦ୍ର ନାଥ ଜେନା, ରାମଚନ୍ଦ୍ର ବୈରୀଗଞ୍ଜନ, ଅଧ୍ୟାପକ ଗୋପାଳ ଚଟୋପାଧ୍ୟାୟ ଯୋଗଦେଇ ପୁସ୍ତକ ମେଳା ଅଞ୍ଚଳର ଜ୍ଞାନ ବିକାଶ ରେ ସହାୟ ହେବ ବୋଲି ବର୍ଣ୍ଣନା କରିଥିଲେ। ସୁରେନ୍ଦ୍ରନାଥ ପ୍ରଧାନଙ୍କ ରଚିତ ମଶାଣି ଫୁଲ ପୁସ୍ତକକୁ ଉନ୍ମୋଚନ କୃଷଯାଇଥିଲା। ବିଭିନ୍ନ ସହରରୁ ପୁସ୍ତକ ବିକ୍ରେତା, ପ୍ରକାଶକମାନେ ବହୁ ଉପାଦେୟ ପୁସ୍ତକକୁ ଷ୍ଟଲରେ ପ୍ରଦର୍ଶିତ କରିଥିଲେ। ବହୁ ପାଠକ, ଶିକ୍ଷାର୍ଥୀ ମାନେ ଷ୍ଟଲରୁ ପୁସ୍ତକ କିଣିଥିଲେ। ମଞ୍ଚକୁ ଶିକ୍ଷକ ଦୈତାରୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରାୟଗଡା,୧୦।୩(ନିପ୍ର):ମୁନିଗୁଡା ବ୍ଲକ ସଦଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିରରେ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରଜୋନୀ ଦେବୀ, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆଜି ମୋଟ ୭୩ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ଟି ୫୭ ବ୍ୟକ୍ତିଗତ,୧୬ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଜିଲ୍ଲାପାଳ ଆଜି ରେଡ଼କ୍ରସ ପାଣ୍ଠିରୁ ଜଣକା ୨୦ ହଜାର ହିସାବରେ ତିନି ଜଣଙ୍କୁ ୬୦ହଜାର, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଦୁଇ ଜଣଙ୍କୁ ୪୦ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

# ଗଜପତିରେ ୧,୫୭୨ ଅଯୋଗ୍ୟ ରାସନକାର୍ଡ ଧାରୀ

ପାରଳାଖେମୁଣ୍ଡି,୧୦।୩ (ନିପ୍ର); ଗଜପତି ଜିଲ୍ଲାରେ ବହୁ ଅଯୋଗ୍ୟ ହିତାଧିକାରୀ ରାସନକାର୍ଡ ହାତେଇଛନ୍ତି । ସେମାନଙ୍କୁ ବାଦ୍ ଦେବା ସହ ରାସନ୍ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ଇ- କେୱାଇସି ପ୍ରକିୟା ଆରମ୍ଭ କରିଥିଲେ। ଗତ ଡିସେମ୍ବରରୁ ବର୍ତ୍ତମାନ ଯାଇଁ ଇ-କେୱାଇସି ପ୍ରକିୟାରେ ମିଳିବା ତଥ୍ୟ ଅନୁସାରେ ଗଜପତି ଜିଲ୍ଲାରେ ମୋଟ ୧,୫୦,୭୬୦ ରାସନକାର୍ଡ କାର୍ଯ୍ୟ କ୍ଷମ ଥିବା ବେଳେ ୪,୮୫,୦୬୧ ହିତାଧିକାରୀ ରହିଛନ୍ତି। ସେମାନଙ୍କୁ ମଧ୍ୟରୁ ୪,୬୫,୩୩୫ଙ୍କ କେୱାଇସି ସରିଛି। ଆହୁରି ୧୮,୫୨୪ ଜଣ ହିତାଧିକାରୀ କେୱାଇସି କରିନାହାନ୍ତି। ସେହି ଭଳି ବର୍ତମାନ ସୁଦ୍ଧା ୧ହଜାର ୫୭୨ ଅଯୋଗ୍ୟ ରାସନକାର୍ଡ ଧାରୀ ଚିହ୍ନଟ ହୋଇଥିବା ଜଣାପଡିଛି। ଇ- କେୱାଇସି ପ୍ରକିୟା ସରି ନଥିବା ବେଳେ ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ଅଯୋଗ୍ୟଙ୍କୁ ମଧ୍ୟରେ ସର୍ବାଧିକ ମୋହନା ବ୍ଲକରେ ୪୦୩ ଜଣ ରହିଛନ୍ତି। ସେହିଭଳି ଗୋଷାଣୀ ବ୍ଲକରେ ୧୬୬, ରାଇଗଡ ବ୍ଲକରେ ୨୮୯, ଗୁମ୍ମା ବ୍ଲକରେ ୬୭, କାଶୀନଗର ବ୍ଲକରେ ୧୭୬, ରା, ଉଦୟଗିରି ରେ ୫୧, ନୂଆଗାଁରେ ୩୫, କାଶୀନଗର ଏନଏସି ରେ ୪୬, ପାରଳାଖେମୁଣ୍ଡି ପୈରପରିଷଦରେ ୩୩୯ ଜଣ ଅଯୋଗ୍ୟ ଚିହ୍ନଟ ହୋଇଥିବା ଜଣାପଡିଛି। ନୂତନ ହୀତକାରୀ ଚୟନ ସକାଶେ ଅନଲାଇନ୍ ରେ ଆବେଦନ ପାଇଁ ସରକାର ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ୭ ଗୋଟି ବ୍ଲକରେ , ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋଟିଏ ପୈରପରିଷଦ ରେ ୧୬,୯୩୬ ଜଣ ଆବେଦନ କରିଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ନୂତନ ଆବେଦନ କାରିଙ୍କ ଦସ୍ତାବିଜ ଯାଞ୍ଚ କରାଯାଉଛି। ସମସ୍ତ ପ୍ରକିୟା ସରିବା ପରେ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରାଯିବ ବୋଲି ଉପଜିଲ୍ଲାପାଳ ଅନୁପ ପଣ୍ଡା ପ୍ରକାଶ କରିଛନ୍ତି ।




## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ବୁଗୁଡା,୧୦।୩ (ନିପ୍ର); ବୁଗୁଡା ବ୍ଲକ ଅନ୍ତର୍ଗତ ମୋଟାବାଡି ପଞ୍ଚାୟତରେ ମାର୍ଚ୍ଚ ୦୯ ତାରିଖ ଦିନ ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ଏବିଡିଓ ଧର୍ମରାଜ ପରିଡା ଓ ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମିଳିତ ଜନଶୁଣାଣି ଶିବିରରେ ବୁଗୁଡା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ସିଡିପିଓ ବବିତା କୁମାରୀ ପଣ୍ଡା ଓ ସ୍ଥାନୀୟ ସରପଞ୍ଚ ପିଣ୍ଟୁ କୁମାର ସେଠୀ ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ମୋଟ ୧୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୯ ଟି ଅଭିଯୋଗ ବ୍ୟକ୍ତିଗତ ଓ ୩ଟି ଗୋଷ୍ଠୀଗତ ଅଭିଯୋଗ ଥିଲା।

## ମନ୍ତ୍ରୀଙ୍କୁ ମୋଦିଙ୍କ ନିର୍ଦ୍ଦେଶ

# ମଧ୍ୟପ୍ରାଚ୍ୟର ସଂକଟ ଦେଶବାସୀଙ୍କ ଉପରେ ନପଡୁ



ନୂଆଦିଲ୍ଲୀ,୧୦।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଏହି ସମୟରେ ପଶ୍ଚିମ ଏସିଆରେ ଜାରି ବିବାଦକୁ ନେଇ ମଧ ଚର୍ଚ୍ଚା ହୋଇଛି। ସୂତ୍ର ଅନୁସାରେ, କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରୀ ଓ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ସେମାନେ ଏକାଠି ମିଶି କାମ କରନ୍ତୁ, ଯାହାଫଳରେ ପଶ୍ଚିମ ଏସିଆରେ ଜାରି ସଂଘର୍ଷର ପ୍ରଭାବ ଦେଶର ନାଗରିକଙ୍କ ଉପରେ କମ୍ ପଡିବ। ସେ ସବୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କୌଣସି ପ୍ରକାର ସମ୍ଭାବିତ ଚ୍ୟାଲେଞ୍ଜ ପାଇଁ ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀମଣ୍ଡଳ ଜଳ ଜୀବନ ମିଶନକୁ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ବଢାଇବାର ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କ୍ୟାବିନେଟ୍ ବୈଠକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ସୂଚନା ଦେଇ କହିଛନ୍ତି,ସରକାର ଜଳଜୀବନ ମିଶନର ମୋଟ ବଜେଟକୁ ବଢାଇ ୮.୭ ଲକ୍ଷ କୋଟି ଟଙ୍କା କରିବାର ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାର ପୂର୍ବରୁ ୨୦୧୯ ରୁ ୨୦୨୪ ର ସମୟ ସୀମା ପାଇଁ ମଞ୍ଜୁରୀ ଦିଆଯାଇଛି। ଏପର୍ଯ୍ୟନ୍ତ ଏହି ଯୋଜନା ଅନୁସାରେ, ଦେଶର ପ୍ରାୟ ୧୨.୬ କୋଟି ଗ୍ରାମବାସୀଙ୍କ ଘରକୁ ନଳ ଜରିଆରେ ପାଣିର କନେକ୍ସନ ଉପଲବ୍ଧ କରାଯାଇ ସାରିଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର ସରକାର ଜଳ ଜୀବନ ମିଶନ୍ କାର୍ଯ୍ୟାନ୍ୱୟନ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ଯାହା କେବଳ ଭିତ୍ତିଭୂମି ନିର୍ମାଣ ପରିବର୍ତ୍ତେ ଉନ୍ନତ ସେବା ଯୋଗାଣ ଉପରେ ଧ୍ୟାନ ଦେଇଛି। ଏହି ପଦକ୍ଷେପ ଅଧୀନରେ, ସଂରଚନାତ୍ମକ ସୁଧାର ସୁନିଶ୍ଚିତ କରିବା ପାଇଁ ତିନି ମାସ ମଧ୍ୟରେ ରାଜ୍ୟଗୁଡ଼ିକ ସହିତ ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ଏହା ସହିତ, କେନ୍ଦ୍ର କ୍ୟାବିନେଟ୍ ମାଦୁରାଇ ବିମାନବନ୍ଦରକୁ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ଘୋଷଣା କରିବା ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ମାଦୁରାଇ ପୂର୍ବରୁ ଦୁବାଇ, ଆବୁଧାବି ଏବଂ କଲମ୍ବୋକୁ ଅନ୍ତର୍ଜାତୀୟ ବିମାନ ସେବା ପରିଚାଳନା କରୁଛି ଏବଂ ଅନେକ ଏୟାରଲାଇନ୍ସ ଅନ୍ତର୍ଜାତୀୟ ସେବା ବିସ୍ତାର କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସରକାରଙ୍କ ଅନୁଯାୟୀ, ମାଦୁରାଇ ବିମାନବନ୍ଦରରେ କଷ୍ଟମ୍ସ ନୋଟିଫିକେସନ୍, ଇମିଗ୍ରେସନ ଚେକ୍ ଫାସିଲିଟି ଏବଂ ହେଲଥ୍ ଆଣ୍ଡ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ସମେତ ଅନ୍ତର୍ଜାତୀୟ ବିମାନ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଅଛି। ଏହା ସହିତ, କେନ୍ଦ୍ର କ୍ୟାବିନେଟ୍ ଇନସଲଭେନ୍ସି ଏବଂ କମ୍ପାନୀ ଆଇନରେ ସଂଶୋଧନକୁ ମଞ୍ଜୁରୀ ଦେଇଛି।

# 'ଦୁର୍ନୀତିଗ୍ରସ୍ତ ନ୍ୟାୟପାଳିକା' ଚାପ୍ଟର ପାଇଁ ଭୁଲ ମାଗିଲା ଏନସିଇଆରଟି

ନୂଆଦିଲ୍ଲୀ,୧୦/୩; ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକକୁ ନେଇ କ୍ଷମା ମାଗିଲା ଏନସିଇଆରଟି। ନ୍ୟାୟପାଳିକା ସମ୍ବନ୍ଧୀୟ ବିବାଦୀୟ ଚାପ୍ଟରକୁ ନେଇ ନିସର୍ତ୍ତରେ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିଛି ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ । ଏକ ବିବୃତ୍ତି ଜାରି କରି ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତରେ 'ନ୍ୟାୟପାଳିକା ଦୁର୍ନୀତିଗ୍ରସ୍ତ' ଅଧ୍ୟାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପାଇଁ କ୍ଷମା ମାଗିଛି । ଏନସିଆରଟି କହିଛି ଯେ ବିତରଣ ବହିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନିଆଯାଇଛି । ବିବାଦୀୟ ଚାପ୍ଟରକୁ ନେଇ କ୍ଷୁବ୍ଧ ହୋଇଥିଲେ ସୁପ୍ରିମକୋର୍ଟ। ପୂର୍ବରୁ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏନସିଇଆରଟି ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ଦାୟୀ ଲୋକଙ୍କ ବିରୁଦ୍ଧରେ କାହିଁକି ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ନାହିଁ ସେ ବିଷୟରେ ସ୍ପଷ୍ଟୀକରଣ ମାଗିଥିଲେ। ସୋସିଆଲ ମିଡିଆ ଏକ୍ସରେ ଏନସିଇଆରଟି କ୍ଷମା ପ୍ରାର୍ଥନା କରି ଲେଖିଛନ୍ତି, ଏନସିଆରଟି ସମ୍ପ୍ରତି ଏକ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ, ଏକ୍ସପ୍ଲୋରିଂ ସୋସାଇଟି : ଇଣ୍ଡିଆ ଆଣ୍ଡ ବିୟଣ୍ଡ, ଗ୍ରେଡ୍ ୮ ଭାଗ-୨ ପ୍ରକାଶ କରିଛି । ଯେଉଁଥିରେ ଅଧ୍ୟାୟ ସଙ୍ଗ ଶୀର୍ଷକ ଥିଲା, ଆମ ସମାଜରେ ନ୍ୟାୟପାଳିକାର ଭୂମିକା । ଏନସିଆରଟି ନିର୍ଦ୍ଦେଶକ ଏବଂ ସଦସ୍ୟମାନେ ସେହି ଅଧ୍ୟାୟ ପାଇଁ ନିସର୍ତ୍ତରେ କ୍ଷମା ପ୍ରାର୍ଥନା କରିଛନ୍ତି । ସଂଗଠନ ଆହୁରି ଲେଖିଛି, ସମ୍ପୂର୍ଣ୍ଣ ପୁସ୍ତକଟି ପ୍ରତ୍ୟାହର କରାଯାଇଛି । ଆଉ କୌଣସି ସ୍ଥାନରେ ଏହା ଉପଲବ୍ଧ ନାହିଁ। ଗତ ମାସରେ ବିବାଦୀୟ ଚାପ୍ଟରକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ପ୍ରସଙ୍ଗରେ ବିଚାର କରି ଏନସିଇଆରଟିକୁ କଡ଼ା ଭର୍ତ୍ସନା କରିଥିଲେ । ସୁପ୍ରିମକୋର୍ଟ ନୂଆ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକକୁ ମଧ ନିଷିଦ୍ଧ କରିଥିଲେ ।

## ଇଣ୍ଡିଗୋର ସିଇଓ ପିଟର ଆଲବର୍ସଙ୍କ ଇସ୍ତଫା

### ରାହୁଲ ଭାଟିଆ ନେଲେ ମଧ୍ୟବର୍ତ୍ତୀକାଳୀନ ଦାୟିତ୍ୱ

ନୂଆଦିଲ୍ଲୀ,୧୦।୩: ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋର ସିଇଓ ପିଟର ଆଲବର୍ସ ଇସ୍ତଫା ଦେଇଛନ୍ତି । ଇଣ୍ଡିଗୋର ମୂଳ କମ୍ପାନୀ ଇଣ୍ଟରଗ୍ଲୋବ ଏଭିଏସନ୍ ଆଜି ତାଙ୍କ ଇସ୍ତଫା ଘୋଷଣା କରିଛି। ସୂଚନାଥାଉକି, ଗତ ବର୍ଷ ଡିସେମ୍ବରରେ ଇଣ୍ଡିଗୋକୁ ଏହାର ହଜାର ହଜାର ଉଡ଼ାଣ ବାତିଲ କରିବାକୁ ପଡିଥିଲା। ଇଣ୍ଟରଗ୍ଲୋବ ଆଭିଏସନ୍ ଏକ ଏକ୍ସଚେଞ୍ଜ ଫାଇଲିଂରେ କହିଛି ଯେ, ପିଟର ଆଲବର୍ସ ମାର୍ଚ୍ଚ ୧୦ ତାରିଖରେ ତାଙ୍କର ସିଫ୍ଟ ସମାପ୍ତ କରିବା ପରେ ତାଙ୍କ ଦାୟିତ୍ୱରୁ ମୁକ୍ତ ହେବେ। କମ୍ପାନୀ କହିଛି ଯେ, ପିଟର ଆଲବର୍ସଙ୍କ ଇସ୍ତଫା ପରେ, ଇଣ୍ଡିଗୋର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ମଧ୍ୟବର୍ତ୍ତୀକାଳୀନ ଦାୟିତ୍ୱ ଗ୍ରହଣ କରିଛନ୍ତି। ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ଜାନୁଆରୀରେ ଲୋକସଭାରେ କହିଥିଲେ ଯେ ଇଣ୍ଡିଗୋ ଡିସେମ୍ବରରେ ୫୬୮୯ ଉଡ଼ାଣ ବାତିଲ କରିଛି, ଯାହା ୯୦୨୩୮୪ ଯାତ୍ରୀଙ୍କୁ ପ୍ରଭାବିତ କରିଛି।

## ବଙ୍ଗଳାରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ: ମୁଖ୍ୟ ନିର୍ବାଚନ କମିଶନର

ନୂଆଦିଲ୍ଲୀ,୧୦।୩: ପଶ୍ଚିମବଙ୍ଗ ଗସ୍ତ ସମୟରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ କହିଥିଲେ ଯେ କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯିବ ନାହିଁ ଏବଂ କହିଛନ୍ତି ଯେ ପଶ୍ଚିମବଙ୍ଗରେ ମୁକ୍ତ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ପ୍ରାଥମିକତା। ରାଜନୈତିକ ଦଳ ଏବଂ ଅଧିକାରୀଙ୍କ ସହିତ ଏକାଧିକ ବୈଠକ କରିବା ପରେ, ସିଇସି କହିଛନ୍ତି ଯେ ପଶ୍ଚିମବଙ୍ଗର ଲୋକମାନେ ସର୍ବଦା ଶାନ୍ତିପୂର୍ଣ୍ଣ ଏବଂ ଅଂଶଗ୍ରହଣକାରୀ ଗଣତନ୍ତ୍ରରେ ବିଶ୍ୱାସ କରିଆସିଛନ୍ତି। ସେ କହିଛନ୍ତି ଯେ ବଙ୍ଗଳା ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରିବାକୁ ପଡିବ ଏବଂ କୌଣସି ପ୍ରକାରର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ। "ଆମର ଲକ୍ଷ୍ୟ ହେଉଛି ବଙ୍ଗଳାରେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଏବଂ ଶାନ୍ତିପୂର୍ଣ୍ଣ ମତଦାନ ସୁନିଶ୍ଚିତ କରିବା," ସେ କହିଛନ୍ତି।

## ବିଷ ଦେଇ ମାରିବା ଯୋଜନା ବିଫଳ ସୁପାରି ଦେଇ ସ୍ତ୍ରୀର ଜୀବନ ନେଲା ସ୍ୱାମୀ

ନୂଆଦିଲ୍ଲୀ,୧୦।୩ : ମହାରାଷ୍ଟ୍ରର ବୁଲଢ଼ାନା ଜିଲ୍ଲାରୁ ଏକ ଖବର ସାମ୍ନାକୁ ଆସିଛି ଯାହା ସ୍ୱାମୀ-ସ୍ତ୍ରୀଙ୍କ ପବିତ୍ର ସମ୍ପର୍କକୁ କଳଙ୍କିତ କରିଛି । ଜଣେ ଶିକ୍ଷକ ସ୍ୱାମୀ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀଙ୍କୁ ହତ୍ୟା କରିବା ଘଟଣା ପୁଲିସକୁ ମଧ ଚକିତ କରିଛି । ସ୍ୱାମୀ ପତ୍ନୀଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର ରଚିଥିଲେ । ୨ ମାର୍ଚ୍ଚ ସକାଳେ, ବୃଶାଳି ସ୍କୁଟିରେ ପିମ୍ପଲଗାଓଁ କଲେ ସ୍କୁଲକୁ ଯାଉଥିବା ସମୟରେ ଏକ ଧଳା ଟାଟା ଇନଟ୍ରା ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ବୃଶାଳି ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଜଳଗାଓଁର ଜାମୋଦ ତହସିଲର କଭାଥଲ ଗ୍ରାମ ନିକଟରେ ଘଟିଥିଲା । ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ସାଧାରଣ ଦୁର୍ଘଟଣା ଭଳି ଜଣାପଡୁଥିଲା। କିନ୍ତୁ ସିସିଟିଭି ଫୁଟେଜରୁ ଏହା ଏକ ହତ୍ୟା ଷଡ଼ଯନ୍ତ୍ର ବୋଲି ସୂଚନା ମିଳିଥିଲା। ଧଳା ଟାଟା ଇନଟ୍ରା ଉପରେ ପୁଲିସର ସନ୍ଦେହ ହୋଇଥିଲା । ସ୍ୱାମୀ ତାଙ୍କୁ ମାରିବା ପାଇଁ ୩ ଥର ଖାଦ୍ୟରେ ବିଷ ଦେଇଥିଲେ। କିନ୍ତୁ ସେ ବିଫଳ ହୋଇଥିଲେ। ସୌଭାଗ୍ୟବଶତଃ ବୃଶାଳି ପ୍ରତ୍ୟେକ ଥର ବଞ୍ଚିଯାଇଥିଲେ। ଶେଷରେ ବୃଶାଳିଙ୍କୁ ଦୁର୍ଘଟଣା କରି ମାରିବା ପାଇଁ ସେ ଷଡ଼ଯନ୍ତ୍ର ରଚିଥିଲେ। ଯେତେବେଳେ ପୁଲିସ କାର ମାଲିକ ମନୀଷ ସୂର୍ଯ୍ୟବଂଶୀଙ୍କୁ ଅଟକ ରଖି ପଚରାଉଚରା କଲା, ସେତେବେଳେ ଯେଉଁ ସତ୍ୟ ସାମ୍ନାକୁ ଆସିଲା ତାହା ଅତ୍ୟନ୍ତ ଭୟଙ୍କର ଥିଲା। ତଦନ୍ତରୁ ଜଣାପଡିଲା ଯେ, ହତ୍ୟାର ମାଷ୍ଟରମାଇଣ୍ଡ ଅନ୍ୟ କେହି ନୁହେଁ ବରଂ ମୃତ ବୃଶାଳିଙ୍କ ସ୍ୱାମୀ ପ୍ରକାଶ ଅନନ୍ତ ଗାୱାଣ୍ଡେ ଥିଲେ ।

## ଇସ୍ରାଏଲ ନିଜ ଇଚ୍ଛା ଯାଏଁ ଜାରି ରଖିବ ଯୁଦ୍ଧ

ନୂଆଦିଲ୍ଲୀ, ୧୦।୩: ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ପକ୍ଷରୁ କୁହାଯାଇଛି ଯେ ଏହା ଇସ୍ରାଏଲ ଏବଂ ସମଗ୍ର ଅଞ୍ଚଳରେ ଆମେରିକା ସହିତ ଜଡିତ ସମ୍ପତ୍ତିକୁ ନିଶାଣ କରି ୩୫ତମ କ୍ଷେପଣାସ୍ତ୍ର ଆକ୍ରମଣ ଆରମ୍ଭ କରିଛି। ଏକ ବିବୃତିରେ,କର୍ପସ କହିଛି ଯେ ଏହା ଇସ୍ରାଏଲୀ ଲକ୍ଷ୍ୟସ୍ଥଳ ଏବଂ ଉପସାଗର ଚାରିପାଖରେ ଥିବା ଘାଟିରେ ଥିବା ଆମେରିକୀୟ ସମ୍ପତ୍ତିକୁ ଆକ୍ରମଣ କରିବା ପାଇଁ ଫାରାହ, ଏମାଦ୍, ଖୈବର ଏବଂ କଦର୍ କ୍ଷେପଣାସ୍ତ୍ର ବ୍ୟବହାର କରିଛି। ଅପରପକ୍ଷେ ଇରାନ ବିରୁଦ୍ଧରେ ଇସ୍ରାଏଲ ତା'ର ସାମରିକ ଅଭିଯାନ ଜାରି ରଖିବ ଯେପର୍ଯ୍ୟନ୍ତ ସେ ବନ୍ଦ କରିବା ଉଚିତ ବୋଲି ବିଶ୍ୱାସ କରେ, ବୈଦେଶିକ ମନ୍ତ୍ରୀ ଗିଡିଓନ ସା'ଆର ମଙ୍ଗଳବାର ଏପରି କହିଛନ୍ତି।

# ଜାତିସଂଘରେ ପାକିସ୍ତାନକୁ ଧୋଇଲା ଭାରତ

## ରମଜାନରେ ଆଫଗାନ ଉପରେ ଆକ୍ରମଣକୁ ନେଇ ଘେରିଲା




ନୂଆଦିଲ୍ଲୀ,୧୦/୩: ଜାତିସଂଘରେ ପାକିସ୍ତାନ ଉପରେ ବର୍ଷିଛି ଭାରତ । ରମଜାନ ମାସରେ ଆଫଗାନିସ୍ତାନ ଉପରେ ଆକ୍ରମଣକୁ ନେଇ ତାକୁ କୋଣଠେସା କରିଛି ।ଜାତିସଂଘରେ ପାକିସ୍ତାନକୁ ନିନ୍ଦା କରିଛି ଭାରତ । ଆଫଗାନିସ୍ତାନ ଉପରେ ସୁରକ୍ଷା ପରିଷଦ ବୈଠକରେ ଭାଷଣ ଦେଇ ପି. ହରିଶ ସିଧାସଳଖ ପାକିସ୍ତାନର ନାମ ନେଇ ନଥିଲେ, କିନ୍ତୁ ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଥିଲା ଯେ ମନ୍ତବ୍ୟଟି ପାକିସ୍ତାନ ବିରୋଧରେ ଥିଲା। ସେ କହିଛନ୍ତି ଯେ, ୬ ମାର୍ଚ୍ଚ, ୨୦୨୬ ସୁଦ୍ଧା ଏହି ଆକ୍ରମଣରେ ୧୮୫ ଜଣ ନିରୀହ ନାଗରିକଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ମହିଳା ଏବଂ ଶିଶୁ । ଭାରତ ଆଫଗାନ ମାଟିରେ ଏହି ଆକ୍ରମଣକୁ ଦୃଢ଼ ଭାବରେ ନିନ୍ଦା କରୁଛି । ଏଗୁଡ଼ିକ ଅନ୍ତର୍ଜାତୀୟ ଆଇନ, ଜାତିସଂଘ ଏବଂ ଜାତୀୟ ସାର୍ବଭୌମତ୍ୱ ନୀତିର ସ୍ପଷ୍ଟ ଉଲ୍ଲଂଘନ। ' ପାକିସ୍ତାନ ଦାବି କରୁଛି ଯେ, ସେଠାରୁ ଆତଙ୍କବାଦୀ ଗୋଷ୍ଠୀ କାର୍ଯ୍ୟ କରୁଥିବାରୁ ସେ ଆଫଗାନିସ୍ତାନ ଉପରେ ଆକ୍ରମଣ କରିଛି । ତଥାପି, ପି. ହରିଶ କହିଛନ୍ତି ଯେ , ଇସଲାମାବାଦ ନିଜେ ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବା ପାଇଁ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ବ୍ୟବହାର କରେ। ସେ କହିଛନ୍ତି, 'ଆତଙ୍କବାଦ ସମଗ୍ର ବିଶ୍ୱ ପାଇଁ ଏକ ପ୍ରମୁଖ ସମସ୍ୟା। କେବଳ ଅନ୍ତର୍ଜାତୀୟ ସମ୍ପ୍ରଦାୟର ମିଳିତ ପ୍ରୟାସ ଦ୍ୱାରା ଆଇଏସଆଇଏସ (ଇସଲାମିକ୍ ଷ୍ଟେଟ୍), ଅଲ-କାଏଦା, ଲସ୍କର-ଏ-ତୈବା, ଜୈଶ-ଏ-ମହମ୍ମଦ ଭଳି ସେମାନଙ୍କର ସହଯୋଗୀ ସଂଗଠନ ଏବଂ ଲସ୍କର-ଏ-ତୈବାର ପ୍ରକ୍ସି ସଂଗଠନ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଏବଂ ସେମାନଙ୍କର ସମର୍ଥକମାନଙ୍କୁ ସୀମାପାର ଆତଙ୍କବାଦ ଘଟାଇବାରୁ ରୋକାଯାଇପାରିବ। ସମ୍ପ୍ରତି ସୀମାପାର ଏକ ବଡ଼ ଆକ୍ରମଣରେ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଏପ୍ରିଲ ମାସରେ ପହଲଗାମରେ ଏକ ଧାର୍ମିକ-ଆଧାରିତ ଆତଙ୍କବାଦୀ ଆକ୍ରମଣ କରିଥିଲା, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ।

## ବାଂଲାଦେଶକୁ ୫୦୦୦ ଟନ୍ ଡିଜେଲ୍ ପଠାଇବ ଭାରତ



ନୂଆଦିଲ୍ଲୀ,୧୦।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଦେଖାଦେଇଛି। ଏଭଳି ଏକ ଗମ୍ଭୀର ମୁହୂର୍ତ୍ତରେ ଶତ୍ରୁ ଭଳି ଆଚରଣ କରୁଥିବା ବାଂଲାଦେଶକୁ ଭାରତ ୫୦୦୦ ଟନ୍ ଡିଜେଲ ପଠାଇବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ସ୍ଥାପନ କରାଯାଇଥିବା ବନ୍ଧୁତା ପାଇପଲାଇନ୍ ଜରିଆରେ ଆସାମର ନୁମାଲିଗଡ଼ ବିଶୋଧନାଗାରରୁ ସେହି ଡିଜେଲ୍ ପଠାଯିବ। ପାଇପଲାଇନ୍ ସ୍ଥାପନ ପୂର୍ବରୁ ରେଳ ଜରିଆରେ ବାଂଲାଦେଶକୁ ଡିଜେଲ୍ ପଠାଯାଉଥିଲା। ବାଂଲାଦେଶକୁ ବର୍ଷକୁ ୧,୮୦,୦୦୦ ଟନ୍ ଡିଜେଲ୍ ଦେବାକୁ ଭାରତ ପ୍ରତିଶ୍ରୁତି ଦେଇଛି। ଏଥିପାଇଁ ପାଞ୍ଚବର୍ଷିଆ ଯୋଗାଣ ସହଯୋଗିତା ରହିଛି। ବାଂଲାଦେଶରେ ତେଲର ଘୋର ଅଭାବ ଦେଖାଦେଇଛି। ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନର ଅଧ୍ୟକ୍ଷ ମହମ୍ମଦ ରେଜାନୁର ରେହମାନ କହିଛନ୍ତି ଯେ ଭାରତରୁ ୫୦୦୦ ଟନ୍ ଡିଜେଲ ଆସି ପହଞ୍ଚିବ।

## ଓମ୍ ବିର୍ଲାଙ୍କୁ ପଦରୁ ହଟାଇବା ନେଇ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ

### ସପକ୍ଷରେ ୫୦ ସାଂସଦ ଦେଲେ ଭୋଟ୍



ନୂଆଦିଲ୍ଲୀ,୧୦।୩: ଲୋକସଭାରେ ମଙ୍ଗଳବାର ବିରୋଧୀ ଦଳ ପକ୍ଷରୁ ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦରୁ ହଟାଇବା ନେଇ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ୫୦ରୁ ଅଧିକ ସାଂସଦ ଏହା ସପକ୍ଷରେ ଭୋଟ୍ ଦେଇଥିଲେ। ଏହାପରେ ପୀଠସୀନ ପ୍ରସ୍ତାବ ଆଗତ କରିବାର ପରମିସନ୍ ଦେଇଥିଲେ।ଏବେ ଏହି ପ୍ରସ୍ତାବ ଉପରେ ୧୦ ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା ଚାଲିବ। ବିରୋଧି ଓମ୍ ବିର୍ଲାଙ୍କ ଗୃହକାର୍ଯ୍ୟରେ ପକ୍ଷପାତୀ କରିବାର ଅଭିଯୋଗ କରିଛନ୍ତି। କଂଗ୍ରେସ ସାଂସଦ ଗୌରବ ଗୋଗୋଇ ବିତର୍କ ଆରମ୍ଭ କରିଥିଲେ। ସେ କହିଥିଲେ,ବଜେଟ୍ ଅଧିବେଶନ୍ ବେଳେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କୁ ୨୦ ଥର ଅଟାକା ଯାଇଥିଲା। ତାଙ୍କୁ ବାରମ୍ବାର ରୁଲିଂ ବୁକ୍ ଦେଖାଯାଇଥିଲା। ସେ ନିଜ ଭାଷଣରେ ଏକ ଆର୍ଟିକିଲ କଥା କହିଥିଲେ। ଏହାକୁ ନେଇ ତାଙ୍କୁ ମନା କରାଯାଇଥିଲା, କିନ୍ତୁ ଶାସକ ପକ୍ଷର ସାଂସଦ ଭାରତରେ ବ୍ୟାନ୍ ହୋଇଥିବା ବହି ଗୃହରେ ଦେଖାଇଥିଲେ। ତାଙ୍କୁ କିଛି କୁହାଯାଇନଥିଲା। ଏଭଳି ଭାବରେ ଭେଦଭାବ ଗ୍ରହଣୀୟ ନୁହେଁ।

## ଖେମିନିଙ୍କ ମୃତ୍ୟୁ ପରେ ସକ୍ରିୟ ସ୍ଲିପର୍ ସେଲ୍ସ

### ବଡ଼ ଆକ୍ରମଣ ଆଶଙ୍କା,ବିଶ୍ୱବ୍ୟାପୀ ରେଡ୍ ଆଲର୍ଟ

ତେହେରାନ୍/ୱାଶିଂଟନ,୧୦।୩: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟ ସମେତ ସମଗ୍ର ବିଶ୍ୱରେ ଉତ୍ତେଜନା ହ୍ରାସ ପାଇବା ପରିବର୍ତ୍ତେ ଏକ ଭୟଙ୍କର ମୋଡ଼ ନେଇଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ଖାମିନିଙ୍କ ବିଦାୟ ପରେ ଇରାନ ନିଜର ବିଶ୍ୱବ୍ୟାପୀ ଗୁପ୍ତ ନେଟୱାର୍କ ବା ''ସ୍ଲିପର୍ ସେଲ୍ସ''କୁ ସକ୍ରିୟ କରିବା ପାଇଁ ଏକ ରହସ୍ୟମୟ ସଙ୍କେତ ପଠାଇଛି। ଏହି ଘଟଣା ଆମେରିକା ଓ ଇସ୍ରାଏଲ୍ ଭଳି ଦେଶଗୁଡ଼ିକର ଚିନ୍ତା ବଢ଼ାଇ ଦେଇଛି। ଜାତୀୟ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏକ ଏନକ୍ରିପଟେଡ୍ ବାର୍ତ୍ତାକୁ ଧରିବାରେ ସଫଳ ହୋଇଛନ୍ତି। ଦାବି କରାଯାଇଛି ଯେ, ଫେବୃଆରୀ ୨୮ ତାରିଖରେ ଖେମିନିଙ୍କ ମୃତ୍ୟୁର କିଛି ସମୟ ପରେ ଏହି ସଙ୍କେତ ଇରାନରୁ ପଠାଯାଇଥିଲା। ଏହି ବାର୍ତ୍ତାଟି ଏପରି ଏକ ଜଟିଳ କୋଡରେ ଥିଲା, ଯାହାକୁ କେବଳ ନିର୍ଦ୍ଦିଷ୍ଟ ''ଡିକ୍ରିପ୍ସନ୍ କୀ'' ଥିବା ବ୍ୟକ୍ତି ବା ଏଜେଣ୍ଟମାନେ ହିଁ ପଢ଼ିପାରିବେ। ବିଶେଷଜ୍ଞମାନଙ୍କ ମତରେ, ଏହି ସଙ୍କେତ କୌଣସି ସାଧାରଣ ସୂଚନା ନୁହେଁ, ବରଂ ଏହା ଏକ 'ସକ୍ରିୟକରଣ କୋଡ୍' । ସାଧାରଣତଃ ସ୍ଲିପର୍ ସେଲ୍ସଗୁଡ଼ିକ ବିଭିନ୍ନ ଦେଶରେ ସାଧାରଣ ନାଗରିକଙ୍କ ଭଳି ରୁହନ୍ତି ଏବଂ ଏଭଳି କୌଣସି ବିଶେଷ ସଙ୍କେତ ପାଇବା ପରେ ହିଁ ସେମାନେ ନିଜର ଆକ୍ରମଣାତ୍ମକ ଅଭିଯାନ ଆରମ୍ଭ କରନ୍ତି। ଗୁଇନ୍ଦା ବିଭାଗ ଭୟ କରୁଛି ଯେ ଇରାନ ନିଜର ଶୀର୍ଷ ନେତୃତ୍ୱଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏହି 'ଡେଥ୍ ୱାରେଣ୍ଟ' ଜାରି କରିଥାଇପାରେ। ଆମେରିକାର ଫେଡେରାଲ୍ ଆଲର୍ଟ ଅନୁଯାୟୀ, ଏହି ସଙ୍କେତକୁ ଅତି ଅସାଧାରଣ ଭାବେ ଅନେକ ଦେଶରେ ପୁନଃ-ପ୍ରସାରଣ କରାଯାଇଛି। ଏହାର ଅର୍ଥ ହେଉଛି, ଇରାନୀ ଏଜେଣ୍ଟମାନେ ବିଶ୍ୱର କୋଣ ଅନୁକୋଣରେ ବିଛାଇ ହୋଇ ରହିଛନ୍ତି।

## ଇରାନ ଆକ୍ରମଣର ଉତ୍ସବ ପାଳିବା ପଡ଼ିଲା ମହଙ୍ଗା

### ୫ ପାକିସ୍ତାନୀ ଓ ଜଣେ ବାଂଲାଦେଶୀ ଗିରଫ

ମାନାମା,୧୦।୩: ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ, ବାହାରିନ ସୁରକ୍ଷା ଏଜେନ୍ସିଗୁଡ଼ିକ ସୋସିଆଲ ମିଡିଆରେ ଇରାନ ସମର୍ଥକ ପୋଷ୍ଟ ଏବଂ ଭିଡିଓ ଶେୟାର କରିବା ପାଇଁ ଛଅ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରିଛନ୍ତି। ଗିରଫଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ନାଗରିକ, ମହମ୍ମଦ ଇସ୍ରାଫିଲ ମିର ଏବଂ ପାଞ୍ଚ ଜଣ ପାକିସ୍ତାନୀ ନାଗରିକ ଅଛନ୍ତି। ସ୍ଥାନୀୟ ଗଣମାଧ୍ୟମ ଏବଂ ବାହାରିନ ନ୍ୟୁଜ ଏଜେନ୍ସି ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ଏବଂ ଦେଶର ଦୁର୍ନୀତି ନିବାରଣ ଏବଂ ଅର୍ଥନୈତିକ ଏବଂ ଇଲେକ୍ଟ୍ରୋନିକ ସୁରକ୍ଷା ମହାନିର୍ଦ୍ଦେଶାଳୟ ଦ୍ୱାରା ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମନ୍ତ୍ରଣାଳୟ ଅଭିଯୋଗ କରିଛି ଯେ ଗିରଫ ବ୍ୟକ୍ତିମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଇରାନକୁ ସମର୍ଥନ କରି 'ବିଭ୍ରାନ୍ତିକର' ଭିଡିଓ ଏବଂ ପୋଷ୍ଟ ଶେୟାର କରୁଥିଲେ।

## ସେନସେକ୍ସ ୬୪୦ ପଏଣ୍ଟ୍ ବଢ଼ିଲା

ମୁମ୍ବାଇ,୧୦।୩: ଇରାନ ଯୁଦ୍ଧ ନେଇ ଆମେରିକା ରାଷ୍ଟ୍ରପତି ଦେଇଥିବା ମନ୍ତବ୍ୟର ଅନୁକୂଳ ପ୍ରଭାବ ଆଜି ଅଶୋଧିତ ତେଲ, ଗ୍ୟାସ ଦର ସହିତ ସେୟାର ବଜାର ଉପରେ ପଡ଼ିଛି। ଅଶୋଧିତ ତେଲ ଏବଂ ଗ୍ୟାସ ଦର କମିଥିବାବେଳେ ସେୟାର ବଜାର ଉପରକୁ ଉଠିଛି। ଇରାନକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଯୁଦ୍ଧ ପ୍ରାୟତଃ ଶେଷ ହୋଇ ଆସୁଛି। ସେମାନଙ୍କର ନୌସେନା, ବାୟୁସେନା ଏବଂ ଯୋଗାଯୋଗ ବ୍ୟବସ୍ଥା ନାହିଁ। ସାମରିକ ଦୃଷ୍ଟିରୁ ସେମାନଙ୍କ ନିକଟରେ ଆଉ କିଛି ନାହିଁ ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟର ପ୍ରଭାବ ବିଶ୍ୱ ଅର୍ଥନୀତିକୁ ଆଶ୍ୱସ୍ତ କରିଛି। ଷ୍ଟକ୍ ବଜାର ଉର୍ଦ୍ଧ୍ୱମୁଖୀ ହୋଇଥିବାବେଳେ ଅଶୋଧିତ ତେଲ ଏବଂ ଗ୍ୟାସ ଦର କମିଛି। ସୋମବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୨୦ ଡଲାର ନିକଟତର ହୋଇଥିଲା। କିନ୍ତୁ ମଙ୍ଗଳବାର ଏହା ୯୦ ଡଲାର ପାଖାପାଖି ରହିଛି। ଗୋଟେ ସମୟରେ ଏହା ୮୪ ଡଲାର ସ୍ତରକୁ ମଧ ଖସି ଆସିଥିଲା। ଯୁଦ୍ଧ ଆରମ୍ଭ ପୂର୍ବରୁ ଅଶୋଧିତ ତେଲ ଦର ତୁଳନାରେ ଏହା ଅଧିକ ହୋଇଥିଲେ ମଧ ତୈଳ ଉପରେ ଅତ୍ୟଧିକ ନିର୍ଭରଶୀଳ ଦେଶଗୁଡ଼ିକୁ କିଛିଟା ଖୁସି କରିଛି। ବ୍ରିଟେନରେ ଗତକାଲି ଗ୍ୟାସ ଦର ଥର୍ମ ପିଛା ୧୭୧ ପେନ୍ସ ଥିବାବେଳେ ଆଜି ତାହା ୧୨୩ ପେନ୍ସକୁ ଖସିଆସିଛି। ଅନ୍ୟପକ୍ଷରେ ମଙ୍ଗଳବାର ସେୟାର ବଜାରରେ ସୁଧାର ଆସିଛି। ସେନସେକ୍ସ ୬୩୯.୮୨ ପଏଣ୍ଟ୍ ବୃଦ୍ଧି ଘଟି ୭୮,୨୦୫.୯୮ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୨୩୩.୫୫ ପଏଣ୍ଟ୍ ବୃଦ୍ଧି ଘଟି ୨୪,୨୬୧.୬୦ ପଏଣ୍ଟରେ ବନ୍ଦ ହୋଇଛି। ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଷ୍ଟକ୍ ବଜାରରେ ସୁଧାର ଆସିଛି।

## ଜଳୁଛି ମଧ୍ୟପ୍ରାଚ୍ୟ, ବିଶ୍ୱ ତେଲ ବଜାରରେ ସଙ୍କଟ

# ୧୧ ଦିନରେ ୧୧ ଦେଶକୁ ଟାର୍ଗେଟ୍ କଲା ଇରାନ

ତେହେରାନ,୧୦।୩: ଇରାନ ଓ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଏବେ ଏକ ବିନାଶକାରୀ ମୋଡ଼ ନେଇଛି। ବିଶେଷ କରି ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ଏହି ସଂଘର୍ଷ ଆହୁରି ତୀବ୍ର ହୋଇଛି, ଯାହା ଆଜି ୧୧ତମ ଦିନରେ ପହଞ୍ଚିଛି। ଇରାନ ବର୍ତ୍ତମାନ କେବଳ ଇସ୍ରାଏଲ୍ ନୁହେଁ, ବରଂ ମଧ୍ୟପ୍ରାଚ୍ୟର ପ୍ରାୟ ୧୧ଟି ଦେଶ ଇସ୍ରାଏଲ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ, କାତାର, କୁଏତ, ଇରାକ, ଓମାନ, ଆଜରବାଇଜାନ, ସାଇପ୍ରସ ଓ ତୁର୍କୀ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେ କ୍ରମାଗତ ଆକ୍ରମଣ କରୁଛି। ଶତ୍ରୁପକ୍ଷର ସାମରିକ ଘାଟି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରୁଛି। ଯଦିଓ ଇସ୍ରାଏଲ୍ ମୁଖ୍ୟ ଟାର୍ଗେଟରେ ଅଛି, ତଥାପି ଆଖପାଖର ଅନେକ ଦେଶ ଯେଉଁଠାରେ ଆମେରିକାର ସାମରିକ ବେସ୍ ରହିଛି କିମ୍ବା ଯେଉଁମାନେ ଇରାନର ବିରୋଧୀ, ସେମାନେ ମଧ ଏହି ଆକ୍ରମଣର ଶିକାର ହେଉଛନ୍ତି। ଇରାନର ଏହି ଆଭିମୁଖ୍ୟ ସମ୍ପୂର୍ଣ୍ଣ ଅଞ୍ଚଳରେ ଏକ ଅସ୍ଥିରତା ସୃଷ୍ଟି କରିଛି। ଇରାନ ୧୬ଟି ବାଲିଷ୍ଟିକ୍ ମିସାଇଲ୍ ଓ ୨୦୦ଟି ଡ୍ରୋନ୍ ସହିତ ୟୁଏଇ ଉପରେ ଆକ୍ରମଣ କରିଥିଲା ମଧ୍ୟପ୍ରାଚ୍ୟରେ ଇରାନ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛି। ଏପର୍ଯ୍ୟନ୍ତ ୟୁଏଇ ବିରୁଦ୍ଧରେ ୧୪୦୦ ରୁ ଅଧିକ ବାଲିଷ୍ଟିକ୍ ମିସାଇଲ୍ ଓ



ଡ୍ରୋନ୍ ନିକ୍ଷେପ କରିଥିବା ଦାବି କରିଛି। ବାହାରିନରେ ଏକ ଡ୍ରୋନ ଆକ୍ରମଣରେ ୩୨ ଜଣ ଆହତ ହୋଇଛନ୍ତି। ଗୋଟିଏ ଆକ୍ରମଣରେ ଦେଶର ସର୍ବବୃହତ ତୈଳ ବିଶୋଧନାଗାରରେ ମଧ ନିଆଁ ଲାଗିଥିଲା। ବର୍ଦ୍ଧିତ ଇରାନୀ ଆକ୍ରମଣର ଜବାବରେ ବାହାରିନ ନିଜକୁ ରକ୍ଷା କରିବା ଆରମ୍ଭ କରିଛି। ଏହି ପରସ୍ପର ବିରୋଧୀ ଆକ୍ରମଣ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ଏବଂ ବିଶ୍ୱ ଅର୍ଥନୀତି, ବିଶେଷ କରି ତେଲ ବଜାର ଉପରେ ଏହାର ଗଭୀର ପ୍ରଭାବ ପଡ଼ିବାର ଆଶଙ୍କା ଦେଖାଦେଇଛି।

## ଅପରେସନ୍ ସାଇବର କବଚ

# ୩୪ ହଜାର ବେନାମୀ ଆକାଉଣ୍ଟ ଯାଞ୍ଚ: ୩୩୬ ଗିରଫ

ଭୁବନେଶ୍ୱର(ନିପ୍ର): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ୍' ସମଗ୍ର ରାଜ୍ୟରେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି. ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ୍' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୪ ହଜାର ଶହେ ୧ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୧୧୧ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଏବଂ ନକଲି ସିମ୍/ପିଓଏସ୍ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି। ଏପର୍ଯ୍ୟନ୍ତ ୩୩୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୮୬ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୬୮୯୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ/ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ ବଲାଙ୍ଗିର ଜିଲ୍ଲା ପୋଲିସ ୨୪୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୨୭ଜଣଙ୍କୁ ନୋଟିସ୍ ଜାରି କରିଛି। କେନ୍ଦୁଝର ଜିଲ୍ଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ ଏବଂ ୪ ଜଣଙ୍କୁ ନୋଟିସ୍ ଜାରି କରିଛି। ରାଉରକେଲା ଜିଲ୍ଲା ପୋଲିସ ୨୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ଟି ମାମଲା ରୁଜୁ କରି ୪ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି କଟକ ଜିଲ୍ଲା ପୋଲିସ ୯ଟି ବେନାମୀ ଆକାଉଣ୍ଟ, ନୟାଗଡ଼ ଜିଲ୍ଲା ପୋଲିସ ୨୭୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ଜଣଙ୍କୁ ନୋଟିସ, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୬୦ଟି, ଭଦ୍ରକ ଜିଲ୍ଲା ପୋଲିସ ୫୨ଟି ଏବଂ ମୟୂରଭଞ୍ଜ ଜିଲ୍ଲା ପୋଲିସ ୩ଟି ଆକାଉଣ୍ଟ ଯାଞ୍ଚ କରି ୩ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି। ଭୁବନେଶ୍ୱର (ୟୁପିଡି) ୧୭୭ଟି ଏବଂ କଟକ (ୟୁପିଡି) ୧୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି। ବ୍ରହ୍ମପୁର ଜିଲ୍ଲା ପୋଲିସ ୧ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୮ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଞ୍ଚ କରି ୧୦ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ଗଜପତି ଜିଲ୍ଲା ପୋଲିସ ୧୯ଟି, ଗଞ୍ଜାମ ଜିଲ୍ଲା ପୋଲିସ ୬୮ଟି, କନ୍ଧମାଳ ଜିଲ୍ଲା ପୋଲିସ ୧ଟି ଆକାଉଣ୍ଟ ଯାଞ୍ଚ କରି ୧ଜଣଙ୍କୁ ନୋଟିସ, ଢେଙ୍କାନାଳ ଜିଲ୍ଲା ପୋଲିସ ୧୨ଟି, କଳାହାଣ୍ଡି ଜିଲ୍ଲା ପୋଲିସ ୬୩ଟି ଆକାଉଣ୍ଟ ଯାଞ୍ଚ କରି ୧ଜଣଙ୍କୁ ଗିରଫ ଏବଂ ୧୪ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି କୋରାପୁଟ ଜିଲ୍ଲା ପୋଲିସ ୫ଟି, ମାଲକାନଗିରି ଜିଲ୍ଲା ପୋଲିସ ୩ଟି, ନୂଆପଡ଼ା ଜିଲ୍ଲା ପୋଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛନ୍ତି। ରାୟଗଡ଼ା ଜିଲ୍ଲା ପୋଲିସ ୧୦୮ଟି ଆକାଉଣ୍ଟ ଯାଞ୍ଚ କରି ୨ଜଣଙ୍କୁ ଗିରଫ ଏବଂ ୬୧ଜଣଙ୍କୁ ନୋଟିସ୍ ଜାରି କରିଛି। ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

## ହୋଟେଲ କର୍ମଚାରୀଙ୍କୁ ଆକ୍ରମଣ କରି ଯୁବକ ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ହୋଟେଲ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ରାକେଶ ମହାନ୍ତି ଓ ତାଙ୍କ ନହରକଣ୍ଟାରେ ବାଲି ଜଣାପଡିଛି। ଏନେଇ ଚିତ୍ତରଞ୍ଜନ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚିତ୍ତରଞ୍ଜନ ସାହୁ ବାଲିଅନ୍ତା ଥାନା ଅଧୀନ ବେଣୁପୁର ଗାଁର ବାସିନ୍ଦା । ସେ ହଂସପାଳ ପୁରୀ କେନାଲ ଛକରେ ଥିବା "ବାଦଶା ହୋଟେଲ" ର ମାଲିକ । ତାଙ୍କ ପୁଅ ସୌମ୍ୟରଞ୍ଜନ ସାହୁ ମଧ୍ୟ ସେହି ହୋଟେଲ ଚାଳନାରେ ସହଯୋଗ କରନ୍ତି । ସେହି ହୋଟେଲରେ ମୁନା ନନ୍ଦ ଓ ମୋହନ ପଲେଇ ଦୀର୍ଘଦିନ ଧରି ସେଲସମ୍ୟାନ ଭାବେ କାମ କରୁଥିଲେ ଏବଂ ସେମାନେ ହୋଟେଲର ଭରସାଯୋଗ୍ୟ କର୍ମଚାରୀ ଥିଲେ । ଗତ ୪ ତାରିଖ ମଧ୍ୟାହ୍ନ ପ୍ରାୟ ୧ଟା୩୦ ବେଳେ, କର୍ମଚାରୀ ମୁନା ନନ୍ଦ ପାଖରେ ଥିବା ଗୋଟିଏ ପାନ ଦୋକାନକୁ ପାନମସଲା କିଣିବାକୁ ଯାଇଥିଲେ। ସେତେବେଳେ ସେଠାରେ ଅଭିଯୁକ୍ତ ରାକେଶ ମହାନ୍ତି ଉପସ୍ଥିତ ଥିଲେ । ମୁନାଙ୍କୁ ଦେଖି ସେ ଅଶଭ୍ୟ ଭାଷାରେ ଗାଳି କରି କହିଲେ ଯେ, ସେ ହୋଟେଲରେ ଟଙ୍କା ନଦେଇ ଖାଇବେ। ମୁନା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ଶୁଣି ରିଣ୍ଟୁ ରାଗିଯାଇ ମୁନାଙ୍କ କଲର ଧରି ତାଙ୍କୁ ଆକ୍ରମଣ କରିଥିଲେ। ଭୟରେ ମୁନା ହୋଟେଲ ଅଭିମୁଖେ ଦୌଡ଼ି ଯାଇଥିଲେ ଏବଂ ରିଣ୍ଟୁ ମଧ୍ୟ ତାଙ୍କୁ ଅନୁସରଣ କରିବା ସହ ଧମକ ଦେଇ ହୋଟେଲ ପର୍ଯ୍ୟନ୍ତ ଯାଇଥିଲେ। ମୁନା ଭୟରେ ହୋଟେଲ ଭିତରକୁ ପସିଯାଇଥିଲେ। ପରେ ହୋଟେଲ କର୍ମଚାରୀଙ୍କୁ ମାଡ ମାରିବା ସହ ଦୋକାନର ଆସବାପତ୍ର ଭଙ୍ଗାରୁଜା କରିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ବଳଙ୍ଗା ପଞ୍ଚୁ ଦୋଳ ମେଳଣରେ ଛୁରାମାଡ ମାମଲା

## ସୁଧାର ଗୃହ ଗଲେ ୩ ନାବାଳକ

ପିପିଲି(ନିପ୍ର): ବଳଙ୍ଗା ପଞ୍ଚୁଦୋଳ ମେଳଣ ଜମାଣ ଶୋଭାଯାତ୍ରାରେ ଜଣେ କଲେଜ ଛାତ୍ରକୁ ଛୁରାମାଡ ମାମଲାର ୨୪ ଘଣ୍ଟା ମଧ୍ୟରେ ସମସ୍ତ ଆକ୍ରମଣକାରୀଙ୍କୁ ଧରିବାରେ ସକ୍ଷମ ହୋଇଛି ପୋଲିସ। ସମସ୍ତ ନାବାଳକ ହୋଇଥିଲା ବେଳେ ଜଣଙ୍କର ବୟସ ୧୭ ହୋଇଥିଲା ବେଳେ ଅନ୍ୟ ୨ ଜଣଙ୍କର ୧୫ ଓ ୧୬ ବର୍ଷ ବୋଲି ସୂଚନା ଦେଇଛି ପୋଲିସ। ସୋମବାର ବିଭିନ୍ନ ସ୍ଥାନରେ ଥାନା ଅଧିକାରୀ ଚଢାଉ କରି ସମସ୍ତଙ୍କୁ ଧରିଥିଲା। ମଙ୍ଗଳବାର ସମସ୍ତ ନାବାଳକଙ୍କୁ ପୁରୀ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। ସୂଚନା ମୁତାବକ ରବିବାର ରାତିରେ ଜମାଣ ଶୋଭାଯାତ୍ରା ଦେଖିବାକୁ ଆସିଥିବା ରେଣୀଙ୍ଗା ଗ୍ରାମର ସୌମ୍ୟ ରଞ୍ଜନ ଖୁଣ୍ଟିଆଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣକାରୀ ମାନେ ଛୁରୀରେ ଆକ୍ରମଣ କରିଥିଲେ। ଏନେଇ ସୌମ୍ୟଙ୍କ ବପା ଅଶୋକ ଖୁଣ୍ଟିଆଙ୍କ ପକ୍ଷରୁ ବଳଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ପରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଓ ତଦନ୍ତକାରୀ ଅଧିକାରିଣୀ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ୨ଜଣଙ୍କୁ ସେମାନଙ୍କ ଘରୁ ଧରିଥିଲା ବେଳେ ଅନ୍ୟ ଜଣଙ୍କୁ ବଳଙ୍ଗା କଲେଜ ନିକଟରୁ ଧରିବାରେ ସକ୍ଷମ ହୋଇଥିଲେ।

## ଗୋଟିଏ ରାତିରେ ୭ ଘରୁ ଚୋରି

ଭାପୁର(ନିପ୍ର): ଫତେଗଡ଼ ଥାନା ଅଂଚଳରେ ନିଶାଡି ବିଶେଷକରି ପାଉଡର ପାର୍ଟିଙ୍କ ଛୋଟକାଟିଆ ଚୋରି ଯୋଗୁଁ ଜନସାଧାରଣ ରାତିରେ ଶାନ୍ତିରେ ଶୋଇପାରୁ ନାହାନ୍ତି। ଅବକାରୀ ବିଭାଗର ସ୍ଥାଣୁତାକୁ ନେଇ ଫତେଗଡ଼ ଥାନା ଅଞ୍ଚଳରେ ପ୍ରତ୍ୟକ ପାନ ତଥା ତେଜରାତି ଦୋକାନରେ ଗଂଜେଇ, ମଦଠାରୁ ଆରମ୍ଭ କରି ନିଶା ପାଉଡର ପର୍ଯ୍ୟନ୍ତ ସୁବିଧାରେ ମିଳିଯାଉ ଥିବାରୁ ଏହି ଅସାମାଜିକ ଯୁବକମାନେ ଅର୍ଥ ପାଇଁ ତାଲା ପଡ଼ିଥିବା ଘର ଅଥବା ପୁରୁଷ ରହୁନଥିବା ଘରକୁ ଟାର୍ଗେଟ କରି ଚୋରି କରୁଛନ୍ତି। ପଡୋଶୀ ନ ଜାଣିବା ଭଳି ସେମାନେ ଘରର ପଛ ଓ ଆଗପଟ କବାଟ ଭାଙ୍ଗି ଲୁଟପାଟ କରୁଛନ୍ତି। ସୋମବାର ବିଳମ୍ବିତ ରାତ୍ରିରେ ବିଜିପୁର ଏବଂ ମାଧପୁର ଗ୍ରାମରେ ଏହିଭଳି ଲୁଟପାଟ ହୋଇଥିବା ଅଭିଯୋଗ ହୋଇଛି। ଖବର ଅନୁସାରେ, ବିଜିପୁର ଗ୍ରାମର ୭ଘରକୁ ଲୁଟପାଟ କରିବା ସହିତ ସହିତ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଘର ଆସବାବପତ୍ର ଚୋରି କରିଥିଲେ। ଯୋଗୀନାଥ ପଟ୍ଟନାୟକଙ୍କ ଘରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କଂସା ବାସନକୁସନ ସହିତ ଘରର ଆସବାବ ପତ୍ର ଚୋରି ହୋଇଥିବାବେଳେ ଅରୁଣ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ଭିକ ପରିଡା, ବାବୁଲି ଦାସ, ସନ୍ତୋଷ ଜେନା, ଯୋଗୀ ଜେନାଙ୍କ ଘରୁ ଚୋରି ହୋଇଥିବା ଜଣାପଡିଛି। ସେହିଭଳି ମାଧପୁର ଗ୍ରାମର ୩ ଜଣଙ୍କ ଘରୁ ଚୋରି ହୋଇଥିବା ନେଇ ଜଣାପଡିଛି। ଅଭିଯୋଗ ପାଇ ଫତେଗଡ଼ ପୋଲିସ ତଦନ୍ତ କରି ଫେରିଛି। ଯଦି ଆରକ୍ଷୀ କିମ୍ବା ଅବକାରୀ ବିଭାଗ ପକ୍ଷରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୋଲା ଯାଉଥିବା ଦୋକାନ ଉପରେ ଚଢ଼ାଉ କରନ୍ତି ତେବେ ଅସାମାଜିକ କାର୍ଯ୍ୟ ବନ୍ଦ ହୋଇପାରନ୍ତା ବୋଲି ଶିକ୍ଷାବିତ୍‌ମାନେ ପ୍ରକାଶ କରିଛନ୍ତି।

## ହଜ ସପ୍ତ ଦୋଳ ଆରମ୍ଭ: ଜମୁଛି ମେଳଣ

ନିରାକାରପୁର(ନିପ୍ର): ରୀତିନୀତି ଅନୁସାରେ ଖୋର୍ଦ୍ଧା ଜିଲ୍ଲା ହଜ ଗ୍ରାମରେ ସପ୍ତ ଦୋଳ ଆରମ୍ଭ ହୋଇଛି। ରାତିରୁ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରୁ ଥାନାପତିଙ୍କ ସମେତ ଅନ୍ୟ ଦେବାଦେବୀମାନେ ସୁସଜ୍ଜିତ ବିମାନରେ ବିରାଟ ପଟୁଆରରେ ମେଳଣ ପଡ଼ିଆରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଶେଷ ହୋଇଛି। ଏହି ସମୟରେ ଲୋକମାନେ ବିଭିନ୍ନ ଆତସବାଜି ସହିତ ଘଣ୍ଟା ଘଣ୍ଟି, ମୃଦଙ୍ଗ, ହରିବୋଲ, ହୁଳହୁଳି ଧ୍ୱନୀ ମଧ୍ୟରେ ଠାକୁରମାନଙ୍କ ଆଗମନ ବେଶ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଗତକାଲି ରାତିରେ ହଜ ସପ୍ତ ଦୋଳ ପଡିଆକୁ ଥାନାପତି ମା ସିଦ୍ଧ ଖଣ୍ଡୁଆଲ, ଶ୍ରୀ ଶ୍ରୀ ନାଟେଶ୍ୱର ଦେବ ଓ ତାପରେ ରଘୁନାଥ ଦେବଙ୍କ ସମେତ ପ୍ରାୟ ୩୦ରୁ ଅଧିକ ଠାକୁରଙ୍କ ବିମାନ ଆସି ଆସ୍ଥାନରେ ବିରାଜମାନ କରିଥିଲେ। ଏହି ଯାତ୍ରା ପଡ଼ିଆରେ ଯାତ୍ରା ପାର୍ଟି ଲୋକମାନଙ୍କ ମନୋରଞ୍ଜନ ପାଇଁ ୩ ଦିନ ପ୍ରଦର୍ଶିତ ହେବାକୁ ଥିବାବେଳେ ବିଭିନ୍ନ ଦୋକାନ ବଜାର ଲୋକମାନଙ୍କୁ ଆକୃଷ୍ଟ କରୁଛି। ଆଜି ଦିନତମାମ ପଡ଼ିଆରେ ଜନସମାଗମ ଦେଖିବାକୁ ମିଳିଥିଲା। ଭାଇଚାରା ସମ୍ପର୍କ ମଧ୍ୟରେ ଗତକାଲି ରାତିରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ଜଂକିଆ ଓ ସିକୋ ପୋଲିସ ଥିବା ଦେଖାଯାଇଛି।

## କାର ଧକ୍କାରେ ମହିଳାଙ୍କ ମୃତ୍ୟୁ, ବନ୍ଧାହେଲା ଡ୍ରାଇଭର

ଭୁବନେଶ୍ୱର(ନିପ୍ର): କାର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ଜଟଣୀ ଥାନା ପାଲିସ ମଙ୍ଗଳବାର ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭରଙ୍କ ନାମ ଆଲୋକ ସିଂଦେଓ (୩୧) ଓ ତାଙ୍କ ଘର ବଡନୂଆଗାଁରେ ବୋଲି ଜଣାପଡିଛି। ଏନେଇ ଜଟିଆ ସ୍ୱାଇଁ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ପୋଲିସ ଦୁର୍ଘଟଣାରେ ବ୍ୟବହୃତ ହୋଇଥିବା କାରକୁ ଜବତ କରିଛି। । ମୃତ ସଞ୍ଜୁ ବେହେରା ହେଉଛନ୍ତି ଅଭିଯୋଗକାରୀଙ୍କ ଭଉଣୀ । ସୋମବାର ତାଙ୍କ ଭାଉଜ ମମତା ବେହେରା ଓ ଭଉଣୀ ସଞ୍ଜୁ ବେହେରା ଜଟଣୀ ମାର୍କେଟକୁ ଆସିଥିଲେ। ଏକ ଗୁରୁତର ସଡ଼କ ଦୁର୍ଘଟଣାରେ ସଞ୍ଜୁଙ୍କର ମୃତ୍ୟୁ ହୋଇ ଥିଲା। ଏନେଇ ଅଭିଯୋଗକାରୀ ଦୁର୍ଘଟଣା ଘଟାଇଥିବା କାର ଚାଳକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ କାର ଚାଳକ ଆଲୋକ ସିଂହଦେଓଙ୍କୁ ଗିରଫ କରିଛି।

## ଜମି କିଣାଇବା ନାଁରେ ୧୨ ଲକ୍ଷ ଠକେଇ, ଠକ ଗିରଫ

ଭୁବନେଶ୍ୱର(ନିପ୍ର): ଜମି କିଣିବା ନାଁରେ ୧୨ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଜଣେ ଠକକୁ ଗିରଫ କରିଛି। ଗିରଫ ଠକର ନାମ ବଳଭଦ୍ର ମାର୍ଥା ଓରଫ ରାହୁଲ (୪୫) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ହରାରପୁରରେ ବୋଲି ଜଣାପଡିଛି। ଏନେଇ ବିନତି ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀଙ୍କ ଦୂରସମ୍ପର୍କୀୟ କିଶୋର କୁମାର ନାୟକ ଓରଫ ଦୀପୁ ଓ ତାଙ୍କ ସହଯୋଗୀ ହରପୁର ମୌଜାର ରାହୁଲ ମାର୍ଥା ମିଶି ତାଙ୍କୁ ହରପୁର ମୌଜାରେ ଏକ ଜମି କିଣିବାକୁ ପ୍ରବର୍ତ୍ତାଇ ଥିଲେ । ସମାନଙ୍କ କଥାରେ ବିଶ୍ୱାସ କରି ସେ ଅଭିଯୁକ୍ତ ରାହୁଲ ମାର୍ଥାକୁ ଉକ୍ତ ଜମି କ୍ରୟ କରିବାର ବ୍ୟବସ୍ଥା କରିବାକୁ ଦାୟିତ୍ୱ ଦେଇଥିଲେ । ଉକ୍ତ ଜମିର ଧାର୍ଯ୍ୟ ମୂଲ୍ୟ ୫୦ ଲକ୍ଷ ଟଙ୍କା ହିସାବରେ ଜାନୁଆରୀ ୨୦୨୬ ରେ ସେ ବିଭିନ୍ନ କିସ୍ତିରେ ଅଭିଯୁକ୍ତମାନଙ୍କୁ ମୋଟ ୧୨ ଲକ୍ଷ ୧୦ ହଜାର ଟଙ୍କା ଅଗ୍ରୀମ ଭାବେ ପ୍ରଦାନ କରିଥିଲେ ଏବଂ ଏହା ବ୍ୟତୀତ ସେମାନଙ୍କ ମଧ୍ୟରେ ଜମି ବିକ୍ରୟ ସମ୍ପର୍କିତ ଏକ ଚୁକ୍ତିନାମା ମଧ୍ୟ କରାଯାଇଥିଲା । କିନ୍ତୁ ପରେ ତାଙ୍କ ସପକ୍ଷରେ ଜମି ପଞ୍ଜିକରଣ ହେବାରେ ବିଳମ୍ବ ହେବାରୁ ସେ କାଗଜପତ୍ର ଯାଞ୍ଚ କରି ସେଥିରୁ ଜାଣିବାକୁ ପାଇଥିଲେ ଯେ, ଉକ୍ତ ଜମି ପୂର୍ବରୁ ଜାନୁଆରୀ ୯ ତାରିଖ ଦିନ କୁନି ସ୍ୱାଇଁଙ୍କ ନାମରେ ବିକ୍ରି ହୋଇସାରିଛି। ଏହାପରେ ସେ ଅଭିଯୁକ୍ତମାନଙ୍କ ସହିତ ସାକ୍ଷାତ କରି ଟଙ୍କା ଫେରସ୍ତ ଲାଗି ଦାବି କରିଥିଲେ । କିନ୍ତୁ ସେମାନେ ତାଙ୍କ ଅନୁରୋଧକୁ ଅଣଦେଖା କରିବା ସହ ତାଙ୍କୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ।

## ସୁନା ଚେନ ଲୁଟ୍ ମାମଲା: ୪ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର(ନିପ୍ର): ଏକ ସୁନା ଚେନ ଲୁଟ୍ ମାମଲାର ବିଚାରକରି ମଙ୍ଗଳବାର ସବଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ଅମିତ କୁମାର ୪ ଜଣ ଲୁଟେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ବିଚାରପତି ତାଙ୍କ ରାୟରେ ୪ ଚେନ ଲୁଟେରାଙ୍କୁ ୩୧୪/୩୪ ଆଧାରରେ ୧ ବର୍ଷ ୮ ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୫ ଜହାର ଟଙ୍କା ଜରିମାନା ଅର୍ଥରେ ମଧ୍ୟ ବିଚାରପତି ଦଣ୍ଡିତ କରିଥିବା ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତମାନେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ଅୟାଜ ମହମ୍ମଦ, ଦେବାଶିଷ ବାରିକ, ଆୟୁଷ୍ମାନ ଓରଫ ଆୟୁଷ ମୋହନ ତ୍ରିପାଠୀ ଓ ଶିବ ପ୍ରସାଦ ବାରିକ। ସୂଚନାଥାଉ କି, ସୁଚିତ୍ରା ପାଣିଗ୍ରାହୀ ୟୁନିଟ-୧ ଅନ୍ତର୍ଗତ ରାସ୍ତା ନମ୍ବର-୧୧ ରେ ଥିବା କ୍ୱାର୍ଟର ନମ୍ବର-୨ ଆରଏ/୧୩ ରେ ପରିବାର ସହ ରୁହନ୍ତି। ୨୦୨୩ ମସିହା ନଭେମ୍ବର ୪ ତାରିଖ ସନ୍ଧ୍ୟାରେ ସେ ସ୍କୁଟି ଯୋଗେ ଫରେଷ୍ଟ ପାର୍କରୁ ଘରକୁ ଫେରିବା ଲଗି ଉଦ୍ୟତ ହେଉଥିବା ବେଳେ, ଦୁଇଜଣ ଅଭିଯୁକ୍ତ ଏକ ବାଇକରେ ଆସି ସେଠାରେ ପହଞ୍ଚିଥିଲେ । ସେ କିଛି ବୁଝିବା ଆଗରୁ ଦୁଇ ଅଭିଯୁକ୍ତ ତାଙ୍କୁ ହଠାତ ମାଡ ମାରିବା ସହ ତାଙ୍କ ବେକରୁ ୧୮ରୁ ୨୦ ଗ୍ରାମ ଓଜନର ଏକ ସୁନା ଚେନ ଲକେଟ ସହ ଜୋରଜବରଦସ୍ତ ଛିଣ୍ଡାଇ ନେଇ କ୍ୟାପିଟାଲ ହସ୍ପିଟାଲ ଛକ ଅଭିମୁଖେ ଦ୍ରୁତ ଗତିରେ ଖସି ପଳାଇ ଯାଇଥିଲେ। ଦୁଇ ଅଭିଯୁକ୍ତଙ୍କ ମାଡରେ ଅଭିଯୋଗକାରିଣୀ ଜଣକ ଘଟଣାସ୍ଥଳରେ ଆହତ ହୋଇଥିଲେ । ପରେ ସେ ଏନେଇ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହେବା ପରେ ମାମଲାର ତଦନ୍ତଭାର କ୍ୟାପିଟାଲ ଥାନାର ତତ୍କାଳୀନ ସବ୍-ଇନ୍ସପେକ୍ଟର ନିରଞ୍ଜନ ବେହେରା ନେଇଥିଲେ। ମାମଲାର ତଦନ୍ତ କାଳରେ ଏସଆଇ ଶ୍ରୀ ବେହେରା ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏହା ଆଧାରରେ ପୋଲିସ ୪ ଜଣ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ୨୦୨୪ ମସିହା ସେପ୍ଟେମ୍ବର ୨୫ ତାରିଖରେ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ବିଚାର କାର୍ଯ୍ୟ ସମୟରେ ଅଦାଲତ, ଘଟଣା ସହିତ ସଂପୃକ୍ତ ୧୦ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜଗୁଡିକ ଆଧାରରେ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ଅନୱର ଅଲ୍ଲୀ ପରିଚାଳନା କରୁଥିଲେ।

## ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

ବେଲଗୁଣ୍ଠା(ନିପ୍ର): ମଙ୍ଗଳବାର ପୂର୍ବାହ୍ନରେ ଭଞ୍ଜନଗର-ବେଲଗୁଣ୍ଠା ରାସ୍ତା ନୂଆଗାଁ ରାସ୍ତା କଡ଼ରୁ ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ମୃତ ଶରୀର ପଚି ଯାଇଥିବାରୁ ଶବକୁ ଚିହ୍ନି ହେଉନାହିଁ। ସେହି ରାସ୍ତାରେ ଯାଉଥିବା କିଛି ଲୋକ ଶବକୁ ଦେଖି ବେଲଗୁଣ୍ଠା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ କିଛି ଦୂରରୁ ଦୁଇଟି ବ୍ୟାଗ୍ ଜବତ କରିଛନ୍ତି। ଉକ୍ତ ବ୍ୟାଗ୍‌ରେ କିଛି ପୋଷକ, ପାଣି ବୋତଲ ସହ କିଛି ଆବଶ୍ୟକ ସାମଗ୍ରୀ ଥିବା ଜଣାପଡ଼ିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମଦ୍ୟପାନଜନିତ କି ଅଂଶୁଘାତ ସନ୍ଦେହ ସୃଷ୍ଟି ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲ ଏଫଏମଟିକୁ ପଠାଇ ୬/୨୬ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## କାଠଯୋଡ଼ି ନଦୀପଠାରେ ଭୟଙ୍କର ଧ୍ୱନି, ଲୋକେ ଛାନିଆ

କଟକ(ନିପ୍ର): ସ୍ଥାନୀୟ ଗୋପାଳପୁର ବଢ଼େଇସାହି ନିକଟ କାଠଯୋଡ଼ି ନଦୀପଠାରେ ଏକ ଭୟଙ୍କର ଶବ୍ଦ ଶୁଣିବାକୁ ମିଳିଛି । ଶବ୍ଦର ତୀବ୍ରତା ଏତେ ଯୋର ଥିଲା ଯେ, ଶବ୍ଦ ହେବା ସ୍ଥାନଠାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଶବ୍ଦ ଶୁଣାଯାଇଥିଲା। ଏପରିକି କିଛି ଲୋକଙ୍କ ଘରର କାଚ ଓ ଝରକା ଭାଂଗି ଯାଇଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ବିସ୍ଫୋରଣ ସ୍ଥାନରେ ପ୍ରବଳ ଧୂଆଁ ଆକାଶକୁ ଲମ୍ବିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ମଂଗଳବାର ଅପରାହ୍ନରେ କାଠଯୋଡ଼ି ନଦୀପଠାରେ ହଠାତ ଯୋରରେ ଶବ୍ଦ ହେବାରୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏତେ ଯୋରରେ ଶବ୍ଦ ହେଲା ଯେ ଲୋକେ ଶବ୍ଦ ଉପୁଜିଥିବା ସ୍ଥାନକୁ ଦୌଡ଼ି ଆସିଥିଲେ। ସ୍ଥାନୀୟ ସଦର ପୋଲିସ ଦ୍ୱାରା ବେଆଇନ ଭାବେ ଜବତ କରିଥିବା ବାଣକୁ ଏଠାରେ ନଷ୍ଟ କରାଯାଉଛି ବୋଲି ପୋଲିସ ସୂଚନା ଦେଇଥିଲା । କିଛି ନ ଜଣାଇ ଏଭଳି ବିସ୍ଫୋରଣକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି କାର୍ଯ୍ୟ ଜନବସତି ଅଂଚଳରେ କରିବା ଠିକ ନୁହେଁ ବୋଲି, ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

## ଜଳାଶୟ ଓ ନୟନଜୋର ଜବରଦଖଲ: ଜଳନିଷ୍କାସନରେ ସାଜୁଛି ବାଧକ

ଧାମନଗର(ନିପ୍ର): ଧାମନଗର ବ୍ଲକ ବିଭିନ୍ନ ସ୍ଥାନରେ ଏବେ ଜବରଦଖଲ ବଢ଼ିବା ଦ୍ୱାରା ଜଳ ନିଷ୍କାସନ ହେବାରେ ବାଧକ ସାଜିଛି। ଫଳରେ ଦିନକୁଦିନ ଗଡ଼ିଆ, ପୋଖରୀ ଓ ଜଳାଶୟ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଧାମନଗରରେ ୩ ପ୍ରତିଶତ ଜଳାଶୟ ହ୍ରାସ ପାଇଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ପରିମାଣର ଜମିରେ ଉର୍ବରତା କମିଛି ଓ ପଡ଼ିଆ ପଡିଛି। ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟର, ଖେଳ ପଡ଼ିଆ, ଦୋକାନ ଘର ଆଦି ନିର୍ମାଣ ଲାଗି ଜଳାଶୟଗୁଡ଼ିକୁ ପୋତି ଦିଆଯାଉଥିବା ଦେଖିବାକୁ ମିଳିଛି। ସେହିପରି ଦୀର୍ଘବର୍ଷ ଧରି ଆର୍ଦ୍ରଭୂମି ଭାବେ ଜଣାଶୁଣା ଜାଗାକୁ ବି ପୋତି ଦିଆଗଲାଣି। ଖଡ଼ିପଦା ଛକରୁ ଦୋବଲ ରାସ୍ତାରେ ଏକାଧିକ ସ୍ଥାନରେ ଜଳାଶୟ ପୋତି ଦିଆଯାଇଛି। ବଡ଼ ପୋଲ ପାଖରେ କିଛି ବ୍ୟକ୍ତି ଆର୍ଦ୍ରଭୂମିକୁ ପୋତି ଦୋକାନ ନିର୍ମାଣ ଆରମ୍ଭ କରିଛନ୍ତି। ସେହିପରି ଦକ୍ଷିଣ କୁରୁଆ ଛକରେ ମଧ୍ୟ ଜଳାଶୟ ପୋତି ଦୋକାନ ଘର ନିର୍ମାଣ କରୁଛନ୍ତି। ଧାମନଗରରୁ ଫଳପୁର ରାସ୍ତାରେ ଥିବା ନୟନ ଜୋରକୁ ଅନେକ ସ୍ଥାନରେ ପୋତି



ଘର କରିଦିଆଗଲାଣି। ନୟନଜୋରଟି ଏ ଅଞ୍ଚଳର ଜଳ ନିଷ୍କାସନ ପାଇଁ ମହତ୍ତ୍ୱପୂର୍ଣ୍ଣ। ହେଲେ ତହସିଲ ପ୍ରଶାସନର ସ୍ଥାଣୁତା ଓ ଅବହେଳା ଯୋଗୁଁ ସରକାରୀ ଜମିରେ ଥିବା ନୟନଜୋରି ଜଳାଶୟ ପୋତି ଲୋକେ ଘର, ଦୋକାନ ଘର କରିଦେଲେଣି। ବିଶେଷ କରି ବିରୁହାଁ, ଜାହାଙ୍ଗୀର ଅଞ୍ଚଳରେ ବହୁ ଅଂଶ ପୋତି ଦିଆଯାଇଛି। ସେହିପରି ଧାମନଗରରୁ ଚୁଡ଼ାକୁଟି ରାସ୍ତାରେ ମଧ୍ୟ ନୟନଜୋରି ପୋତି ଦୋକାନ ଘର, ଠାକୁର ଘର, କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇଛି। ଧାମନଗର ବିଜ୍ଞାପିତ ଅଞ୍ଚଳରେ ଏହି ସଂଖ୍ୟା ସର୍ବାଧିକ। ବ୍ଲକ ଛକରୁ ଧାମନଗର କୋର୍ଟ ରାସ୍ତାରେ ଉଭୟ ପାର୍ଶ୍ୱରେ ଥିବା ଖାଲ, ଗଡ଼ିଆ ଓ ପାଣି ନାଳ ପୋତି ଦିଆଗଲାଣି। ଏନ୍ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଓ ଭୁଲ୍ ଟାଉନ ପ୍ଲାନିଂ ଯୋଗୁଁ ବଢୁଥିବା ଧାମନଗର ସହର ଜଳାଶୟମୁକ୍ତ ହୋଇଗଲାଣି। ଫଳରେ ବର୍ଷାଦିନେ ପାଣି ନିଷ୍କାସନ ଏକ ବଡ଼ ସମସ୍ୟା ହୋଇ ଉଭା ହେବ। ପୂର୍ବରୁ ମଧ୍ୟ ଥରେ ଏଭଳି ହୋଇଛି। ଜଗୁ ସାଗର ଚାରିପାଖ ଜବରଦଖଲ ହୋଇଯିବାରୁ ପାଣି ନିଷ୍କାସନ ରାସ୍ତା ବନ୍ଦ ହୋଇଯାଇଥିଲା। ବର୍ଷାଦିନେ ଚାରିଦିନ ଧରି ଧାମନଗର ଥାନା ଓ ବଡ଼ବଜାର ଛକ ମଝିରେ ମୁଖ୍ୟ ରାସ୍ତାରେ ବନ୍ୟା ପାଣି ଭଳି ବର୍ଷା ପାଣିର ସୁଅ ଛୁଟିଲା। ସହର ମଝିରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଲା। ଜଳାଶୟ ହ୍ରାସ ପାଇବା ଦ୍ୱାରା ଭୟଙ୍କର ପରିବେଶଗତ, ସାମାଜିକ ଏବଂ ଅର୍ଥନୈତିକ ସଙ୍କଟ ସୃଷ୍ଟି ହେଉଛି। ଏହାର ମୁଖ୍ୟ ପ୍ରଭାବଗୁଡ଼ିକ ମଧ୍ୟରେ ଜୈବ ବିବିଧତାର ବ୍ୟାପକ କ୍ଷତି, ମରୁଭୂମିକରଣର ବେଗ ବୃଦ୍ଧି, କୃଷି ଉତ୍ପାଦନ ହ୍ରାସ ଏବଂ ଜଳ ବିବାଦ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଏନେଇ ଧାମନଗର ତହସିଲଦାରଙ୍କ କହିବା କଥା ଯେ, କର୍ମଚାରୀ ଅଭାବ ଆମକୁ ଜବରଦଖଲ ଉପରେ ପଦକ୍ଷେପ ନେବାରେ ସମସ୍ୟା ସୃଷ୍ଟି କରୁଛି। ତଥାପି ଜଳାଶୟଗୁଡ଼ିକ ଜବରଦଖଲମୁକ୍ତ କରିବାକୁ କଡ଼ା ପଦକ୍ଷେପ ନିଆଯାଉଛି। ଏ ଦିଗରେ ପ୍ରଶାସନ ଆଗୁଆ ପଦକ୍ଷେପ ନ ନେଲେ ବର୍ଷା ଦିନେ ଅନେକ ସମସ୍ୟା ସୃଷ୍ଟି ହେବ ।

### ।। ଆହାର କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ।।

# ଦିନକୁ ଦିଆଯାଉଛି ୯ ହଜାର ମିଲ୍, ତଥାପି ନିଅଣ୍ଟ

କଟକ(ନିପ୍ର): କଟକ ସହରରେ ପ୍ରତିଦିନ ୯ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ୫ଟଙ୍କିଆ ଆହାର ଦିଆଯାଉଛି କିନ୍ତୁ ତାହାବି ନିଅଣ୍ଟ ପଡୁଛି। ସହରରେ ଥିବା ୮ଟି ଆହାର କେନ୍ଦ୍ର ମଧ୍ୟରୁ ୫ଟି କେନ୍ଦ୍ରରେ ୨ ବେଳା ମିଲ ଦିଆଯାଉଛି । ଆହାର ପାଇଁ କେନ୍ଦ୍ର ସମ୍ମୁଖରେ ଧାର୍ଯ୍ୟ ସମୟର ଢ଼େର ପୂର୍ବରୁ ଲୋକମାନେ ଧାଡ଼ି ଲଗାଇ ଛିଡ଼ା ହେଉଛନ୍ତି । ହେଲେ ପ୍ରତିଦିନ ଶତାଧିକ ଲୋକ ଆହାର ନପାଇ ଫେରୁଛନ୍ତି । ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆହାର କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ପାଇଁ ସାଧାରଣରେ ଦାବି କରାଯାଉଛି। ଏହାଛଡ଼ା ଚାଉଳିଆଗଂଜ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆହାର କେନ୍ଦ୍ର ଏବଂ ଏସସିବି ମେଡ଼ିକାଲରେ ତିଆରି ହୋଇଥିବା ଦ୍ୱିତୀୟ ଆହାର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି । କଟକ ବଡ଼ ଡାକ୍ତରଖାନା, ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ଓ ଶିଶୁଭବନ ଆଦି ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ । ପ୍ରତିଦିନ ଏଠାକୁ ହଜାର ହଜାର ସଂଖ୍ୟକ ରୋଗୀ ଓ ସେମାନଙ୍କ ସଂପର୍କୀୟମାନେ ଆସିଥାନ୍ତି। ଏଠାରେ ଥିବା ଆହାର କେନ୍ଦ୍ର ଉପରେ ଅନେକ ଲୋକ ନିର୍ଭରଶୀଳ। ଡାକ୍ତରଖାନା ପରିସରରେ କାର୍ଯ୍ୟକ୍ଷମ




ଥିବା ଗୋଟିଏ ଆହାର କେନ୍ଦ୍ର ରୋଗୀ ଓ ସେମାନଙ୍କ ସଂପର୍କୀୟଙ୍କ ଖାଦ୍ୟର ଚାହିଦା ପୂରଣ କରିପାରୁନାହିଁ। ଏଥିପାଇଁ ଆହାର କେନ୍ଦ୍ର ସମ୍ମୁଖରେ ଦୀର୍ଘ ସମୟ ଛିଡ଼ା ହୋଇ ଅନେକ ନିରାଶ ହୋଇ ଫେରୁଥିବା ପରିଲକ୍ଷିତ ହେଉଛି। ମିଳିଥିବା ସୂଚନା ମୁତାବକ, କଟକ ସହରରେ ୮ଟି ଆହାର କେନ୍ଦ୍ର ରହିଛି । ସେଥିରୁ କଟକ ବଡ଼ ଡାକ୍ତରଖାନାରେ ଥିବା ଆହାର କେନ୍ଦ୍ରରେ ସର୍ବାଧିକ ମିଲ୍ ଦିଆଯାଉଛି । ଏସସିବିରେ ଦିନରେ ୧୫୦୦ ଓ ରାତିରେ ୧୦୦୦ ମିଲ୍ ଅର୍ଥାତ ଦିନକୁ କଟକ ବଡ଼ ମେଡ଼ିକାଲ ଆହାର କେନ୍ଦ୍ରରେ ୨୫୦୦ ମିଲ୍ ଦିଆଯାଉଛି । ତଥାପି ଅନେକ ନିରାଶ ହୋଇ ଫେରୁଛନ୍ତି । ସେହିପରି ଶିଶୁଭବନ ଆହାର କେନ୍ଦ୍ରରେ ୧୧୦୦ (ଦିନରେ ୭୦୦ ଓ ରାତିରେ ୪୦୦), ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ୧୪୫୦ (ଦିନରେ ୧୦୦୦ ଓ ରାତିରେ ୪୫୦), ସିଟି ହସପିଟାଲରେ ୬୦୦ (ଦିନରେ ୪୦୦ ଓ ରାତିରେ ୨୦୦), ସିଏନବିଟି ଆହାର କେନ୍ଦ୍ରରେ ୧୭୦୦ (ଦିନରେ ୧୨୦୦ ଓ ରାତିରେ ୫୦୦) ମିଲ ଦିଆଯାଉଛି। ବାକି ୩ଟି ସ୍ଥାନରେ କେବଳ ଦିନରେ ଆହାର ଦିଆଯାଉଛି। ମାଲଗୋଦାମରେ ୪୦୦, ବାଦାମବାଡ଼ିରେ ୭୦୦ ଓ ଜଗତପୁରରେ ୮୦୦ ମିଲ ଦିଆଯାଉଛି। ଏସସିବି, କର୍କଟକେନ୍ଦ୍ର ଓ ଶିଶୁଭବନରେ ଆହାର ଯଥେଷ୍ଟ ହେଉନଥିବାରୁ ଆହାର ମିଲ୍ ସଂଖ୍ୟା ବୃଦ୍ଧି ପାଇଁ ରୋଗୀ ସଂପର୍କୀୟମାନେ ଦାବି କରିଛନ୍ତି। ଅପର ପକ୍ଷରେ ରବିବାର ଆହାର କେନ୍ଦ୍ର ଖୋଲିବା ପାଇଁ ମଧ୍ୟ ଦାବି ହେଉଛି । ସଂପ୍ରତି କୋଠା ତିଆରିରେ ସୀମିତ ରହିଛି ସହରର ୨ଟି ଆହାର କେନ୍ଦ୍ର ।

## ଚାଉଳିଆଗଞ୍ଜ ଓ ଏସ୍‌ସିବିର ଦ୍ୱିତୀୟ ଆହାର କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଦାବି

ଚାଉଳିଆଗଂଜ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏସସିବି ପରିସରରେ ନିର୍ମିତ ହୋଇଥିବା ୨ଟି ଆହାର କେନ୍ଦ୍ର ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ପରିଲକ୍ଷିତ ହୋଇଛି । ଚାଉଳିଆଗଂଜ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୨ ବର୍ଷ ତଳେ ନୂତନ ଆହାର କେନ୍ଦ୍ର ଉଦଘାଟନ ହୋଇଥିଲା । ଏହି କେନ୍ଦ୍ରରେ ମଧ୍ୟାହ୍ନରେ ୫୦୦ ଓ ରାତିରେ ୨୫୦ ଲୋକଙ୍କୁ ୫ ଟଙ୍କିଆ ମିଲ୍ ଖାଇବା ଲାଗି ସୁବିଧା ରହିଛି । ତେବେ ଉକ୍ତ ଅହାର କେନ୍ଦ୍ର ଉଦଘାଟନ ହେବା ଦିନଠାରୁ ବନ୍ଦ ରହିଥିବା ଜଣାପଡ଼ିଛି। ଉଦଘାଟନ ହୋଇ ମଧ୍ୟ କାମରେ ଆସୁନଥିବାରୁ ଚାଉଳିଆଗଂଜ ଅଂଚଳର ଏହି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନନ୍ଦିନ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ସମେତ ନିକଟସ୍ଥ ଓଏମପି ଛକରେ ବସଷ୍ଟାଣ୍ଡରେ ଚଳପ୍ରଚଳ ହେଉଥିବା ଯାତ୍ରୀ ଓ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଏସସିବି ମେଡ଼ିକାଲରେ ତିଆରି ହୋଇଥିବା ନୂତନ ଆହାର କେନ୍ଦ୍ରରେ ତାଲା ଝୁଲୁଛି । ଏହାର କ୍ଷମତ ଦିନ ରାତିକୁ ମିଶାଇ ୧୭୦୦ପ୍ଲେଟ ରହିଛି। ଉକ୍ତ ଆହାର କେନ୍ଦ୍ର ଉଦଘାଟନ ହୋଇନଥିବା ଆଳ ଦେଖାଇ ଗେଟରେ ଏବେ ତାଲା ଝୁଲୁଥିବା ପରିଲକ୍ଷିତ ହେଉଛି । ଦୈନନ୍ଦିନ ମେଡ଼ିକାଲକୁ ଆସୁଥିବା ରୋଗୀ ଓ ତାଙ୍କ ସଂପର୍କୀୟମାନେ ନୂତନ ଆହାର କେନ୍ଦ୍ରରେ ୫ଟଙ୍କିଆ ଭାତ ଡାଲମା ଖାଇବାକୁ ସୁଯୋଗ ପାଇପାରୁନାହାନ୍ତି । ଏପରି ସ୍ଥଳେ ପୁରୁଣା ଆହାର କେନ୍ଦ୍ରରେ ପ୍ରବଳ ଗହଳି ଓ ଠେଲାପେଲା ଭିତରେ ଆହାର ମିଲ ଖାଇବା ପାଇଁ ରୋଗୀ ଓ ସେମାନଙ୍କ ସଂପର୍କୀୟମାହେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ତେଣୁ ସହରରେ ନିର୍ମିତ ହୋଇ ପଡ଼ି ରହିଥିବା ୨ଟି ଆହାର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି ।

## ବିଧାନସଭା ହାଲଚାଲ



# ଚଳିତବର୍ଷ ହେବ ପଞ୍ଚାୟତ ଉପନିର୍ବାଚନ

ଭୁବନେଶ୍ୱର, ୧୦/୩(ନିପ୍ର): ଚଳିତ ବର୍ଷ ହେବ ପଞ୍ଚାୟତ ଉପନିର୍ବାଚନ । ମୃତ୍ୟୁଜନିତ ଖାଲି ପଦବୀକୁ ଚଳିତ ବର୍ଷ ନିର୍ବାଚନ କରାଇ ପୂରଣ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ନିର୍ବାଚିତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ମାନଙ୍କ ମୃତ୍ୟୁ ଜନିତଖାଲି ପଡ଼ିଥିବା ପଦବୀ ପାଇଁ ହେବ ଉପନିର୍ବାଚନ । ସନାତନ ମହାକୁଡଙ୍କ ପ୍ରଶ୍ନରେ ପଞ୍ଚାୟତିରାଜ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

# ବାର୍ଦ୍ଧକ୍ୟ ଭତ୍ତା ପ୍ରସଙ୍ଗ ଉଠାଇଲେ ବିଧାୟକ ସାରଦା ଜେନା

ଭୁବନେଶ୍ୱର: ଶୂନ୍ୟକାଳରେ ବାର୍ଦ୍ଧକ୍ୟ ଭତ୍ତା ପ୍ରସଙ୍ଗ ଉଠାଇଲେ ବିଜେଡି ବିଧାୟକ ସାରଦା ଜେନା । ୨ ବର୍ଷପୂର୍ବରୁ ୩ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇ ବିଜେପି ସରକାରକୁ ଆସିଲେ । ହେଲେ ଏବେ ସଠିକ ସମୟରେ ଭତ୍ତା ପାଉନାହାନ୍ତି ବୃଦ୍ଧ ଏବଂ ବୃଦ୍ଧା । ଫଳରେ ଅନେକ ସମସ୍ୟାରେ ଭୋଗୁଛନ୍ତି । ତେଣୁ ସରକାର ବୃଦ୍ଧ ଓ ବୃଦ୍ଧାଙ୍କୁ ୩୦୦୦ ଭତ୍ତା ଦେବା ସହ ସଠିକ ସମୟରେ ଭତ୍ତା ଦେବା ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ବଡ଼ଦାଣ୍ଡରୁ ୧୨୦୮ ଉଠା ଦୋକାନୀ ଶ୍ରୀସେତୁ ପାଖକୁ ଉଠାଯାଇଛି



ଭୁବନେଶ୍ୱର: ପୁରୀ ବଡ଼ଦାଣ୍ଡରୁ ୧୨୦୮ ଉଠା ଦୋକାନୀ ଶ୍ରୀ ସେତୁପାଖକୁ ଉଠାଯାଇଛି । ସେଥିମଧ୍ୟରୁ ୯୩୩ ଦୋକାନୀ ସେଠାକୁ ଯାଇଛନ୍ତି । ଏହା ପୂର୍ବ ସରକାର ଅବଢ଼ା ଯୋଜନା ମାଧ୍ୟମରେ ହୋଇଥିଲା । ଆଗକୁ ପୁରୀରେ ଦୁଇଟି ମାର୍କେଟ କମ୍ପ୍ଲେକ୍ସ ଓ ୨ଟି ଭେଣ୍ଡିଂ ଜୋନକରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଶ୍ନକାଳରେ ପୁରୀ ବିଧାୟକ ସୁନୀଲ ମହାନ୍ତିଙ୍କ ପ୍ରଶ୍ନରଉତ୍ତର ଦେଇ ଏହି ତଥ୍ୟ ଦେଇଛନ୍ତି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ।

# ବର୍ଷକରେ ବଢ଼ିଲେ ୨୨ ହଜାର ଦାଦନ

ଭୁବନେଶ୍ୱର: ରାଜ୍ୟରେ ବଢୁଛି ଦାଦନ ସଂଖ୍ୟା । ବର୍ଷକରେ ବଢିଲେ ୨୨ହଜାର ଦାଦନ । ୨୦୨୪ ରେ ୭୦୧୪୨ ଓଡ଼ିଆ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବାବେଳେ ୨୦୨୫ ରେ୯୪୧୦୬ ଯାଇଛନ୍ତି । ଯାହା ୨୨୦୦୦ ବଢିଛି । ଦାଦନ ପ୍ରବଣ ଜିଲ୍ଲାରେ ସର୍ବାଗେ ରହିଛି ବଲାଙ୍ଗୀର । ସେଠି ୨୦୨୪ ରେ ୪୯୯୮୮ ଦାଦନ ଖଟିବାକୁ ଯାଇଥିଲେ । ଯାହା ୨୦୨୫ ରେ ୬୫୩୦୯ରେ ପହଁଚିଛି । ବରଗଡ ପରି କୃଷି ପ୍ରବଣ ଜିଲ୍ଲାରେ ମଧ୍ୟ ଦାଦନ ସଂଖ୍ୟାବଢିଛି । ବିଜେଡ଼ି ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀଗଣେଶ ରାମ ସିଂ ଖୁଣ୍ଟିଆ ।

# ବିଗତ ୨ ବର୍ଷରେ ୧୫୮ ଜଣ ଶ୍ରମିକଙ୍କୁ ବିଦେଶରୁ ଫେରାଇ ଆଣିଛନ୍ତି ସରକାର

ଭୁବନେଶ୍ୱର: ବିଗତ ୨ ବର୍ଷରେ ୧୫୮ ଜଣ ଶ୍ରମିକଙ୍କୁ ବିଦେଶରୁ ଫେରାଇଆଣିଛନ୍ତି ସରକାର । ୨୦୨୪ରେ ୧୩୩ ଜଣଙ୍କୁ ଫେରାଇ ଅଣାଯାଇଥିବା ବେଳେ ୨୦୨୫ ରେ ୨୫ ଜଣଙ୍କୁଫେରାଇ ଅଣାଯାଇଛି । ସର୍ବାଧିକ ୨୦୨୪ ରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଦୁବାଇ ଯାଇଥିବା ୨୮ ଜଣଶ୍ରମିକଙ୍କୁ ଫେରାଇ ଆଣିଛନ୍ତି ସରକାର । ସେହିପରି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୨୪ ମସିହାରେ ୪୦ ଜଣ ଶ୍ରମିକଙ୍କୁ ମାଲଦୀପରୁ ଫେରାଇ ଆଣିଛନ୍ତି ସରକାର । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ଉତ୍ତର ରଖିଛନ୍ତି ।

# ଦୁଇ ବର୍ଷରେ ୮ ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ



ଭୁବନେଶ୍ୱର: ନିଆଁ ଆଁରେ ଜଙ୍ଗଲ । ଦୁଇ ବର୍ଷରେ ୮ ହଜାର ହେକ୍ଟରଜଙ୍ଗଲ ଧ୍ୱଂସ ହୋଇଛି । ମୋଟ ୮ ହଜାର ୬ ଶହ ୭୬ ହେକ୍ଟର ଜଙ୍ଗଲ ନିଆଁରେ କ୍ଷତିଗ୍ରସ୍ତ ହୋଇଛି । ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଉତ୍ତର ରଖିଛନ୍ତି ।

# ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଦାବି

ଭୁବନେଶ୍ୱର: ଶୈଳବାଳା ମହାବିଦ୍ୟାଳୟ ବାବଦରେ କହିଲେ ବିଭାଗୀୟମନ୍ତ୍ରୀ ଶୁଣୁନାହାନ୍ତି । ଛାତ୍ରୀ ଆନ୍ଦୋଳନକରୁଛନ୍ତି । ହେଲେ ମନ୍ତ୍ରୀ କିମ୍ବା ବିଭାଗୀୟ ଅଧିକାରୀ ସେଠାକୁ ଗଲେ ନାହିଁ । ମଧୁବାବୁଙ୍କସ୍ମୃତି ସ୍ତମ୍ଭ ଏହି ମହାବିଦ୍ୟାଳୟ । ଏହାର ଭିତ୍ତିଭୂମି ପାଇଁ ବ୍ୟବସ୍ଥା କରାଯାଉ । ୫୦ ଦିନହେଲାଣି ଛାତ୍ରୀ ମାନେ ଆନ୍ଦୋଳନ କରୁଛନ୍ତି । କଟକ ସହରର ଅନେକ ବୁଦ୍ଧିଜୀବୀ ସେ ଆନ୍ଦୋଳନ ସାମିଲହୋଇଛନ୍ତି । ତେଣୁ ଏହାକୁ ବିଶ୍ୱବିଦ୍ୟାଳୟ ବିଭାଗୀୟ ମନ୍ତ୍ରୀଙ୍କୁ ବାଚସ୍ପତି ନିର୍ଦ୍ଦେଶଦେବାକୁ ଦାବି କଲେ ସୋଫିଆ ।

# ଗତ ଦୁଇବର୍ଷ ଭିତରେ ୩୦୫ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର: ଗତ ଦୁଇବର୍ଷ ଭିତରେ ୩୦୫ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁହୋଇଛି । ୧୦୬ ଜଣ ଠିକାଦାରଙ୍କୁ ୫୦୬୨ ଜଣ ପ୍ରବାସୀ ଶ୍ରମିକ ନିୟୋଜନ ପାଇଁ ଅନୁମତି ଦିଆଯାଇଛି । ବିଧାୟକ ତାରା ପ୍ରସାଦ ବାହିନୀ ପତିଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।

# ପଞ୍ଚାୟତ ଉପନିର୍ବାଚନକୁ ନେଇ ସରକାରଙ୍କ ତାଳମେଳ ନାହିଁ: ସାରଦା ଜେନା



ଭୁବନେଶ୍ୱର: ରାଜ୍ୟରେ ପଂଚାୟତ ଉପନିର୍ବାଚନକୁ ନେଇ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ବିଧାୟକ ସାରଦା ଜେନା । ପଂଚାୟତ ଉପନିର୍ବାଚନକୁ ନେଇ ସରକାରଙ୍କ ତାଳ ମେଳ ନାହିଁ । ରାଜ୍ୟ ନିର୍ବାଚନ କମିଶନଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ କୌଣସି ପ୍ରତିନିଧିର ମୃତ୍ୟୁ ହେଲେ କିମ୍ବା ଖାଲି ହେଲେ ୬ ମାସରେ ନିର୍ବାଚନ ହେବା କଥା । କିନ୍ତୁ ସରକାର ଉପ ନିର୍ବାଚନ କରୁ ନାହାନ୍ତି । ସରକାର କେତବେଳେ କଣ କହୁଛନ୍ତି ତାଳ ମେଳ ନାହିଁ ।

### ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଅଭାବ ଦୂର କରିବା ପାଇଁ

# କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲା ହୋଟେଲ ଆସୋସିଏସନ

ଚେନ୍ନାଇ, ୧୦/୩: ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ରୋଷେଇ ଗ୍ୟାସ ଯୋଗାଣକୁ ପ୍ରଭାବିତ କରିଛି, ଯାହା ଫଳରେ ଦେଶବ୍ୟାପୀ ଗ୍ୟାସ ସିଲିଣ୍ଡର ଅଭାବ ଦେଖାଦେଇଛି । ଏହା ତାମିଲନାଡୁର ହୋଟେଲ ମାଲିକମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି ।ତାମିଲନାଡୁ ହୋଟେଲ ଆସୋସିଏସନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ଚିଠି ଲେଖି ଦାବି କରିଛି ଯେ ରାଜ୍ୟରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରାଯାଉ । ତାମିଲନାଡୁ ହୋଟେଲ ଆସୋସିଏସନ ଏକ ବିବୃତି ଜାରି କରି ଏହାର ଚିନ୍ତା ପ୍ରକାଶ କରିଛି । ସେମାନେ ଚେତାବନୀ ଦେଇଛନ୍ତି ଯେ ଯଦି ସିଲିଣ୍ଡର ଯୋଗାଣ ହଠାତ୍ ବନ୍ଦ ହୋଇଯାଏ, ତେବେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ କ୍ୟାଟରିଂ ସେବା ବନ୍ଦ କରିବାକୁ ବାଧ୍ୟ ହୋଇପାରେ । ସଂଘ କହିଛି ଯେ ଏହା ଖାଦ୍ୟ ଯୋଗାଣକୁ ପ୍ରଭାବିତ କରିବ ଏବଂ ଅନେକ ଚାକିରି ହରାଇପାରେ । ହୋଟେଲ ଆସୋସିଏସନ ଅଭିଯୋଗ କରିଛି ଯେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଛି । ସିଲିଣ୍ଡର ଯୋଗାଣରେ ବାଧା ଯୋଗୁଁ କ୍ଷୁଦ୍ର ଏବଂ ମଧ୍ୟମ ଆକାରର ବ୍ୟବସାୟଗୁଡ଼ିକୁ ଯଥେଷ୍ଟ ଆର୍ଥିକ କ୍ଷତି ହେବ ।





ଭୁବନେଶ୍ୱର: ୩ ଦଫା ଦାବିରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ପିଏମଜିଠାରେ ବିଶାଳ ବିକ୍ଷୋଭ (ଫଟୋ- ଦିନଲିପି)

# ଟିମ୍ ଇଣ୍ଡିଆକୁ ୧୩୧ କୋଟି



ନୂଆଦିଲ୍ଲୀ, ୧୦/୩: ଟିମ୍ ଇଣ୍ଡିଆ ଲଗାତାର ତୃତୀୟ ଥର ପାଇଁ ଟି-୨୦ ବିଶ୍ୱକପ୍ ଜିତି ଇତିହାସ ରଚିଛି । ଟିମ୍ ଇଣ୍ଡିଆ ଖେଳାଳିଙ୍କ ଏହି ଉତ୍କୃଷ୍ଟ ପ୍ରଦର୍ଶନକୁ ଦେଖି ବିସିସିଆଇ ୧୩୧ କୋଟି ଟଙ୍କାର ନଗଦ ପୁରସ୍କାର ରାଶି ଘୋଷଣା କରିଛି । ବିସିସିଆଇ ପକ୍ଷରୁ ୧୩୧ କୋଟି ଟଙ୍କାର ଏକ ମୋଟା ଅଙ୍କର ରାଶି ଟିମ୍ ଇଣ୍ଡିଆର ସମଗ୍ର ଦଳରେ ସମାନ ଭାବରେ ବଣ୍ଟନ କରାଯିବ । ଦଳରେ ସାମିଲ ଥିବା ୧୫ ଜଣ ଖେଳାଳିଙ୍କ ମଧ୍ୟରୁ ସହାୟକ କର୍ମଚାରୀଙ୍କୁ ମଧ୍ୟ ଏହାର ଏକ ଅଂଶ ମିଳିବ । ପୂର୍ବରୁ, ଆଇସିସି ଟିମ୍ ଇଣ୍ଡିଆକୁ ୩ ନିୟୁତ ଡଲାର କିମ୍ବା ୨୭.୪୮ କୋଟି ଟଙ୍କା ଦେଇଥିଲା । ୨୦୨୪ ମସିହାରେ, ଯେତେବେଳେ ଟିମ୍ ଇଣ୍ଡିଆ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟି-୨୦ ବିଶ୍ୱକପ୍ ଜିତିଥିଲା, ସେତେବେଳେ ଦଳକୁ ନଗଦ ପୁରସ୍କାର ଭାବରେ ୧୨୫ କୋଟି ଟଙ୍କା ମିଳିଥିଲା । ସେଥିମଧ୍ୟରୁ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ୫ କୋଟି ଟଙ୍କା ଦିଆଯାଇଥିଲା । ଟିମ୍ ଇଣ୍ଡିଆ ତିନି ଥର ଟି-୨୦ ବିଶ୍ୱକପ୍ ଜିତିବା ସହିତ ଟି-୨୦ କ୍ରିକେଟ୍ ଇତିହାସରେ ପ୍ରଥମ ଥର ପାଇଁ ଘରୋଇ ମାଟିରେ ଟାଇଟଲ୍ ଜିତିଥିବା ପ୍ରଥମ ଦଳ ହୋଇଛି ।

### ଛାତ୍ରୀଙ୍କ ବେକ କାଟିବା ଘଟଣା

# ଅଭିଯୁକ୍ତକୁ ଗିରଫ

ପୁରୀ, ୧୦/୩(ନିପ୍ର): କଲେଜ ଛାତ୍ରୀଙ୍କ ବେକ କାଟିବା ଘଟଣାରେ ଅଭିଯୁକ୍ତକୁ ଗିରଫ କଲା ଗୋପ ପୋଲିସ । ଅଭିଯୁକ୍ତ ଜଣଙ୍କ ଗୋପ ଥାନା ଅନ୍ତର୍ଗତ ମଲଗ୍ରାମର ମାୟାଧର ପଣ୍ଡା । ଶୁକ୍ରବାର ଯୁକ୍ତଦୁଇ ପରୀକ୍ଷା ଦେବାକୁ ଯାଉଥିବା ବେଳେ ନାଗପୁର ରାସ୍ତା ମୁଗୁରିଆଠାରେ ଛାତ୍ରୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା ଦୁର୍ବୃତ୍ତ । ଗତ ଶୁକ୍ରବାର ଗୋପ କଲେଜକୁ +୨ ପରୀକ୍ଷା ଦେବାକୁ ଯାଉଥିବା ବେଳେ ନାଗପୁର ମୁଗୁରିଆଠାରେ ଛାତ୍ରୀଙ୍କ ବେକକୁ ବ୍ଲେଡରେ ଆକ୍ରମଣ କରି ଫେରାର ହୋଇଯାଇଥିଲା ଦୁର୍ବୃତ୍ତ ।

# ମା ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା

ଗଂଜାମ, ୧୦/୩(ନିପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ଚୈତ୍ର ଦ୍ୱିତୀୟ ପାଳି ମଙ୍ଗଳବାର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେଉଛି । ପ୍ରତ୍ୟୁଷରେ କୁମାରୀ ପର୍ବତ ଉପରେ ମାଁ ଙ୍କମନ୍ଦିରରେ ଦ୍ୱାରଫିଟା ମଙ୍ଗଳଆଳତି ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁଙ୍କ ଧାଡ଼ି ଦର୍ଶନ ଆରମ୍ଭ ହୋଇଯାଇଛି । ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ସେମାନଙ୍କ ଶିଶୁଙ୍କୁ ମୁଣ୍ଡନ କରି ପ୍ରଥମ କେଶ ମା'ଙ୍କୁ ସମର୍ପଣ କରି ମାନସିକ ପୂଜାର୍ଚ୍ଚନା କରିଛନ୍ତି । ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲ।। କୁମାରୀ ପାହାଡ ଉପରେ ଓ ପାଦଦେଶରେ ଶହଶହ ଅସ୍ଥାୟୀ ବିଭିନ୍ନ ଦୋକାନ ବଜାର ଖୋଲିଛି । ମୁଣ୍ଡନ ପାଇଁ ୪ଟି ସ୍ଥାନରେ ବ୍ୟବସ୍ଥା ରହିଛି । ମାଁ ଙ୍କ ଦର୍ଶନ ପାଇଁ ପାହାଡ଼ ଉପରକୁ ଯିବା ପାଇଁ ରୋପୱେ ସଚଳାଚଳ ବ୍ୟବସ୍ଥା ହୋଇଛି ।

# ଟ୍ରିବ୍ୟୁନାଲ ଟିମ୍ ଛତିଶଗଡ଼ରେ

ଝାରସୁଗୁଡା, ୧୦ । ୩: ମହାନଦୀ ଜଳ ବିବାଦ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ଟ୍ରିବ୍ୟୁନାଲର ଅଧକ୍ଷା ଓ ସଦସ୍ୟମାନେ ଛତିଶଗଡ଼ର ରାୟଗଡ଼ ଜିଲ୍ଲାରେ ପହଞ୍ଚି ବିଭିନ୍ନ ଜଳ ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିଛନ୍ତି । ମଙ୍ଗଳବାର ସେମାନେ କେଲୋ ଡ୍ୟାମ୍ ଓ କଲମା ବ୍ୟାରେଜ୍‌ର ଅବସ୍ଥା ଅନୁଧ୍ୟାନ କରୁଥିବା ଏକ ସୂତ୍ରରୁ ପ୍ରକାଶ । ଏହି ପରିଦର୍ଶନକୁ ମହାନଦୀ ଜଳ ବଣ୍ଟନ ବିବାଦରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଟ୍ରିବ୍ୟୁନାଲର ଅଧକ୍ଷା ପୂର୍ବତନ ସୁପ୍ରିମକୋର୍ଟ ନ୍ୟାୟାଧୀଶ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ, ସଦସ୍ୟ ଜଷ୍ଟିସ୍ ଡଃ ରବି ରଞ୍ଜନ ଓ ଜଷ୍ଟିସ୍ ଇନ୍ଦରମିତ କୌର କୋଚର ସହ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଅଧିକାରୀମାନେ ମଧ୍ୟ ଏହି ଗସ୍ତରେ ସାମିଲ ହୋଇଛନ୍ତି ।

# କିଟ୍‌ରେ ଅୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ



ଭୁବନେଶ୍ୱର,୧୦।୩(ନିପ୍ର): କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ । ଆସନ୍ତା ଏପ୍ରିଲରେ କିଟ୍ କ୍ୟାମ୍ପସରେ ଆୟୋଜିତ ହେବ ଏହି ମେଗା ଇଭେଣ୍ଟ । ଏ ନେଇ ମଙ୍ଗଳବାର ମୁମ୍ବାଇଠାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଫେମିନା ମିସ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ପ୍ରଥମ ଥର ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ମେଗା ଇଭେଣ୍ଟ ଆୟୋଜନ କରାଯାଉଛି । ଏହା ସହିତ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର କିଟ୍‌ରେ ଆୟୋଜନ କରାଯାଉଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ ଅଫ୍ ଆର୍କିଟେକଚର ମହାନିର୍ଦ୍ଦେଶକ ପ୍ରଫେସର ଏସ୍ ଏସ୍ ରାୟ ଓ ଟାଇମ୍ ଗ୍ରୁପ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଗୋପ କୁମାର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ମୁମ୍ବାଇର ଟାଇମସ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



କାକଟପୁର, ୧୦/୩(ନିପ୍ର): ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ, ପରମବୈଷ୍ଣବୀ ମା ମଙ୍ଗଳାଙ୍କ ଆରମ୍ଭ ହୋଇଛି ଚୈତ୍ର ପର୍ବ । ଝାମୁଯାତ୍ରା । ଏକ ମାସବ୍ୟାପୀ ଏହି ପ୍ରସିଦ୍ଧ ଝାମୁଯାତ୍ରା ଚୈତ୍ର ମାସ ପ୍ରଥମ ମଙ୍ଗଳବାରଠାରୁ ଆରମ୍ଭ ହୋଇ ବୈଶାଖ ପ୍ରଥମ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିଥାଏ । ଚୈତ୍ରମାସରେ ମା' ପ୍ରଥମେ ପ୍ରାଚୀ ନଦୀରୁ ଉଦ୍ଧାର ହେବା ଓ ସ୍ଥାପନା ହୋଇଥିବାରୁ ମା ଙ୍କ ଜନ୍ମ ମାସ ଭାବେ ପ୍ରତି ବର୍ଷ ମାସେ ବ୍ୟାପି ଏହି ଚୈତ୍ର ପର୍ବ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ । ପ୍ରଥମ ମଙ୍ଗଳବାର ନେତ୍ରୋତ୍ସବ ଭାବରେ ମଧ୍ୟ ପରିଚିତ । ଚାରିଆଡେ ମାତୃଭକ୍ତଙ୍କ ସମାଗମ ସହ ମନ୍ଦିର ବେଢ଼ାରେ ବିରି ଅରୁଆ ଚାଉଳ ଓ ଜାମୁ ଡାଳରେ ପରିବାରର ମଙ୍ଗଳ ମନାସି କୁଳବଧୂ ମା ମାନେ ବେଢା ଓଳେଇବା, ଓ ପନ୍ଥେଇ ପୂଜାସହ ହୁଳହୁଳିରେ ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା । ରାତ୍ର ୨ ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମା' ଙ୍କ ଦୈନନ୍ଦିନ ନୀତି, ଯଥା ମଙ୍ଗଳ ଆଳତୀ, ସ୍ନାନ ମାର୍ଜନା, ସୂର୍ଯ୍ୟ ପୂଜା,ବଲ୍ଲବ, ସକାଳ ଧୂପ ଇତ୍ୟାଦି ଅନୁଷ୍ଠିତ ହେବା ପରେ ୫ ଟା ରୁ ସର୍ବସାଧାରଣ ଦର୍ଶନ ପାଇଁ ପହୁଡ଼ ଖୋଲା ଯାଇଥିଲା । ଦୂର ଦୁରାନ୍ତରୁ ଆସିଥିବା ଭକ୍ତମାନେ ବ୍ୟାରିକେଡ଼ରେ ଯାଇ ମା' ମଙ୍ଗଳାଙ୍କୁ ଦର୍ଶନ କରି ପରିବାରର ଶୁଭମନାସି ଥିଲେ । ଦିନ ୧ଘଟିକା ବେଳକୁ ନୂଆ ନେତକୁ ପୂଜପଣ୍ଡା ତିନିଥର ମନ୍ଦିର ବୁଲିବା ପରେ ମନ୍ଦିର ଚୂଡ଼ାରେ ଚକ୍ର ମାଜନା କରାଯାଇ ନୂଆ ନେତ ବନ୍ଧା ଯାଇଥିଲା । ଦିନ ୨ ଟାରେ ଶାରଳାରୁ ଆସିଥିବା ପାଟୁଆମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠରୁ ପାରମ୍ପରିକ ପଟୁଆରରେ ଯାଇ ଜଳ ତୋଳି ମନ୍ଦିର ଭିତର ବେଢ଼ା ଓ ବାହାର ବେଢ଼ାରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ ।

# ପୋଷ୍ଟ ବଜେଟ୍ ୱେବିନାରରେ ଅଂଶଗ୍ରହଣ କଲା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

ଜୟପୁର, ୧୦/୩(ନିପ୍ର): ଶିକ୍ଷା ଓ କୌଶଳ ବିଷୟରେ ପୋଷ୍ଟ ବଜେଟ୍ ୱେବିନାରରେ ଅଂଶଗ୍ରହଣ କଲା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ . ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୯ ମାର୍ଚ୍ଚ ୨୦୨୬ ତାରିଖରେ ଆୟୋଜିତ "ସବକା ସାଥ, ସବକା ବିକାଶ – ଲୋକମାନଙ୍କ ଆକାଂକ୍ଷା ପୂରଣ" ବିଷୟକ ପୋଷ୍ଟ ବଜେଟ୍ ୱେବିନାରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଅଛି । "ଶିକ୍ଷା, କୌଶଳ ଓ ବିଶ୍ୱବିଦ୍ୟାଳୟ ଟାଉନସିପ୍" ବିଷୟରେ ଆୟୋଜିତ ଏହି ୱେବିନାରରେ କେନ୍ଦ୍ରୀୟ ବଜେଟ୍ ୨୦୨୬–୨୭ ରେ ଘୋଷିତ ପ୍ରମୁଖ ପଦକ୍ଷେପମାନଙ୍କ କାର୍ଯ୍ୟାନ୍ୱୟନ ନେଇ ବିଭିନ୍ନ ରଣନୀତି ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମଟି ଉଚ୍ଚ ଶିକ୍ଷା ବିଭାଗର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ୱେବିନାରର ଆରମ୍ଭ ଉଦଘାଟନ ଅଧିବେଶନ ସହିତ ହୋଇଥିଲା ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ବିଶେଷ ଉଦବୋଧନ ଦେଇଥିଲେ । ତାଙ୍କ ଉଦ୍ବୋଧନରେ ସେ ଉଚ୍ଚ ଶିକ୍ଷା କ୍ଷେତ୍ରକୁ ସୁଦୃଢ କରିବା, କୌଶଳ ବିକାଶର ସୁଯୋଗ ବିସ୍ତାର କରିବା ଓ ଶିକ୍ଷାନୁଷ୍ଠାନମାନଙ୍କ ଡାଞ୍ଚାକୁ ଉନ୍ନତ କରି ସମାବେଶୀ ଜାତୀୟ ଉନ୍ନତି ସାଧନ କରିବା ଉପରେ ଜୋର ଦେଇଥିଲେ । ସେ "ସବକା ସାଥ, ସବକା ବିକାଶ" ଦୃଷ୍ଟିକୋଣ ଅନୁଯାୟୀ ଶିକ୍ଷା, ନବୀନତା ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ଉଲ୍ଲେଖ କରିଥିଲେ ।

# ଆଉ ୨ ଦିନ ବଢ଼ିଲା ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ

ଭୁବନେଶ୍ୱର, ୧୦/୩(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି ଦେଖିବା ସହିତ ଏହି ପ୍ରଦର୍ଶନୀକୁ ଆଉ ୨ ଦିନ ବଢାଇବା ପାଇଁ ଘୋଷଣା କରିଛନ୍ତି । ସୂଚନା ଥାଉକି, ମଙ୍ଗଳବାର ସମାପ୍ତ ହେବାକୁ ଯାଉଥିବା ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଦୁଇ ଦିନ ଅର୍ଥାତ ଚଳିତ ମାସ ବାର ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୬ ତାରିଖ ଦିନ ଏଠାରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ଏହି ପ୍ରଦର୍ଶନୀ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତ ସମୟରେ ଉଦ୍‌ଘାଟିତ ହୋଇଥିଲା । ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ସଚେତନତା ବାର୍ତ୍ତାବାହୀ ଏକ ପଥପ୍ରାନ୍ତ ନାଟକକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହିତ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ଗୃହ ବିଭାଗର ବିଭିନ୍ନ ଷ୍ଟଲ ଅତି ଉଚ୍ଚକୋଟିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଯେଉଁ ସଂକଳ୍ପ ରହିଛି, ତାହାର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା । ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ଏହି ନୂଆ ଆଇନର କାର୍ଯ୍ୟକାରୀତା ଓ ଏହାର ପ୍ରଭାବ ସମ୍ପର୍କରେ ସଚେତନ କରିବାରେ ଏକ ଉତ୍ତମ ପଦକ୍ଷେପ । ଏହି ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି । ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଂଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ।



**ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ : ବାଲୁଗାଁ, ଖୋରଧା**
ସ୍ଥାନ/ପୋ-ବାଲୁଗାଁ, ଜିଲ୍ଲା-ଖୋରଧା,
ଇ-ମେଲ୍—eonac.balugaon2013@gmail.com
13001/556/2526
ନଂ. ୩୨୮ — ତା. ୬/୩/୨୬

**ବିଜ୍ଞାପନ**

ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ ୨୦୨୬-୨୭ (ତା.୦୪.୦୪.୨୦୨୬ରିଖରୁ ତା.୦୩.୦୪.୨୦୨୭ରିଖ) ପର୍ଯ୍ୟନ୍ତ ୧ (ଏକ) ବର୍ଷ ନିମନ୍ତେ ପୁନଃ ନିଲାମ ନିମ୍ନଲିଖିତ ନିଲାମ/ଟେଣ୍ଡରଗୁଡ଼ିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କ ଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ /ତଥ୍ୟ NIC, Khordhaଙ୍କ ୱେବ୍ ସାଇଟ୍ www.khordha.nic.in ଠାରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No. A ଏବଂ Price Bid Cover No. B ଏହିପରି ୨ଗୋଟି ଲଫାପା କୁ ଅନ୍ୟଗୋଟିଏ ବଡ଼ ଲଫାପା ରେ Cover No. C ରେ ଭରମୁଦ୍ର କରି ପୌର ପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ ସ୍ପିଡ଼ପୋଷ୍ଟ/ ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୧୦.୦୩.୨୦୨୬ରିଖ ଠାରୁ ତା.୧୮.୦୩.୨୦୨୬ରିଖ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender) ର ମୂଲ୍ୟ Cover No. A ରେ ବ୍ୟାଙ୍କ୍ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟସୀମା ଭିତରେ Cover No. A ରେ ରଖିବା ବାଧ୍ୟ ଅଟେ । ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Commercial Bid Cover No. A ଯୋଗ୍ୟ ବିବେଚିତ ହେବ କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Price Bid Cover No. B ଖୋଲାଯିବ ।

| କ୍ର.ନଂ. | ନିଲାମ/ଟେଣ୍ଡରର ନାମ | ସର୍ବନିମ୍ନ ଡକରା/ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (ନନ୍ ରିଫଣ୍ଡେବୁଲ୍) |
|---|---|---|---|
| ୧ | ୨ | ୩ | ୪ |
| ୧- | ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ ମଧ୍ୟରେ ଯେ କୌଣସି ଯାନ-ବାହାନ ପାଇଁ ଫି ଓ ବଜାର ଉଠାଦୋକାନ ପାଇଁ ଫି ଆଦାୟ | ୩୩୦୦୦୦୦ | ୨୦୦୦ |
| ୨- | ଚିଲିକା କୂଳରେ ପାର୍କିଂ କରୁଥିବା ଟୁରିଷ୍ଟ ଯାନ ଫି ଓ ମାଛ ମାର୍କେଟ ଫି ଆଦାୟ | ୨୨୦୨୮୦୫ | ୬୦୦୦ |
| ୩- | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେ କୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ୨୬୦୯୨୦ | ୨୦୦୦ |
| ୪- | ବାଲୁଗାଁ ବିଜ୍ଞାପିତ ଅଂଚଳ ମଧ୍ୟରେ ଥିବା ବସ ଷ୍ଟାଣ୍ଡ ଠାରେ ପାର୍କିଂ କରୁଥିବା ଯେ କୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ । | ୨୭୫୦୦୦ | ୨୦୦୦ |
| ୫- | ବାଲୁଗାଁ ବିଜ୍ଞାପିତ ଅଂଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ । | ୨୪୩୨୧୦ | ୬୦୦ |

- ନିଲାମ/ଟେଣ୍ଡର ଧାରାମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୧୨.୦୩.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ ।
- ନିଲାମ/ଟେଣ୍ଡରର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୧୮.୦୩.୨୦୨୬ରିଖ ସମୟ ସକାଳ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ ।
- ନିଲାମ/ଟେଣ୍ଡରର ଫର୍ମ ପକାଇବାର ଅନ୍ତିମ ତାରିଖ ତା. ୧୮.୦୩.୨୦୨୬ରିଖ ସମୟ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
- ନିଲାମ/ଟେଣ୍ଡରର Commercial Bid Cover No. A ଖୋଲିବାର ତାରିଖ ତା.୧୯.୦୩.୨୦୨୬ରିଖ ସମୟ ଅପରାହ୍ନ ୩.୦୦ ଘଟିକା ଅଟେ ।
- ନିଲାମ/ଟେଣ୍ଡରର Price Bid Cover No. B ଖୋଲିବାର ତାରିଖ ତା.୨୦.୦୩.୨୦୨୬ରିଖ ସମୟ ଅପରାହ୍ନ ୩.୩୦ ଘଟିକା ଅଟେ ।

OIPR 13001/13173/1/25-26/0028

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ